www.adyashgroup.com
@adyashalivee
adyashalive

ADYASHA
# ଆଦ୍ୟାଶା
Live

Published by Er Debabrata Behera

PRGI No. : ORORI/25/A0506 | Daily Edition | Email : adyashaalive"gmail.com

BHUBANESWAR I Vol. 02 I Issue : 121 I Saturday I 7 Nov.- 2026 I Page 8 I Rs. 7 I ବର୍ଷ ୦୨ । ସଂଖ୍ୟା ୧୨୧ । ଭୁବନେଶ୍ୱର । ଶନିବାର । ୭ ନଭେମ୍ବର ୨୦୨୬ । ପୃଷ୍ଠା : ୮ । ମୂଲ୍ୟ ୭ ଟଙ୍କା

# ମେଡିକାଲ କଲେଜଗୁଡ଼ିକରେ ବଢ଼ିଲା ପିଜି ସିଟ୍

**ଭୁବନେଶ୍ୱର, ୬/୧୧ (ଆଦ୍ୟାଶା) :** ରାଜ୍ୟରେ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବଢ଼ିଲା ପିଜି ସିଟ୍। ୩୧୮ଟି ମେଡିକାଲ ପିଜି ସିଟ୍ ବୃଦ୍ଧି କଲେ ରାଜ୍ୟ ସରକାର। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଛନ୍ତି ଏହି ସୂଚନା। ଏହା ଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ଓ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଗତି ମିଳିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ପୂର୍ବରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜଗୁଡ଼ିକରେ ମିଶି ପିଜି ସିଟ୍ ସଂଖ୍ୟା ୬୨୦ ଥିବା ବେଳେ ଏବେ ଏହା ୯୩୮କୁ ବୃଦ୍ଧି ପାଇଛି। ୫ଟି ସରକାରୀ ମେଡିକାଲ କଲେଜ ପ୍ରଥମଥର ପାଇଁ ପିଜି ସିଟ୍ ପାଇଛନ୍ତି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ୨୩୨ଟି ପିଜି ସିଟ୍ ଥିବା ବେଳେ ଏହାକୁ ଆହୁରି ୧୭ଟି ସିଟ୍ ଦିଆଯାଇଛି। ଫଳରେ ଏଠାରେ ପିଜି ସିଟ୍ ସଂଖ୍ୟା ୨୪୯କୁ ବୃଦ୍ଧି ପାଇଛି। ବୁର୍ଲା ଭୀମ୍‌ସାରରେ ପୂର୍ବରୁ ୧୪୪ଟି ପିଜି ସିଟ୍ ଥିବା ବେଳେ ଏବେ ୧୫୫କୁ ବୃଦ୍ଧି ପାଇଛି। ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ପିଜି ସିଟ୍ ସଂଖ୍ୟାରେ କୌଣସି ବୃଦ୍ଧି କରାଯାଇନାହିଁ। ଏଠାରେ ୧୫୮ଟି ପିଜି ସିଟ୍ ଅଛି। ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ୨୦ଟି ପିଜି ସିଟ୍ ଥିବା ବେଳେ




ଏବେ ଏହା ୫୩କୁ ବୃଦ୍ଧି ପାଇଛି। ଅର୍ଥାତ୍ ଏହି ମେଡିକାଲ କଲେଜ ଆହୁରି ୩୩ଟି ପିଜି ସିଟ୍ ପାଇଛି। ବଲାଙ୍ଗିର ସ୍ଥିତ ବିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ୧୦ଟି ପିଜି ସିଟ୍ ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୫୪ରେ ପହଞ୍ଚିଛି। ବାଲେଶ୍ୱର ଏଫଏମ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପିଜି ସିଟ୍ ସଂଖ୍ୟା ୮ରୁ ୫୪କୁ ବୃଦ୍ଧି ପାଇଛି। ଏଠାରେ ଏକା ଥରକେ ୪୬ଟି ପିଜି ସିଟ୍ ବଢ଼ିଛି। କଟକର ଏଏଚ୍‌ପିଜିଆଇସିରେ ୧୨ଟି ପିଜି ସିଟ୍ ଥିବା ବେଳେ ଏବେ ୧୫କୁ ବୃଦ୍ଧି ପାଇଛି। ଭୁବନେଶ୍ୱର ସ୍ଥିତ ପିଜିଆଇଏମ୍‌ଇଆର ଓ କ୍ୟାପିଟାଲ ହସ୍‌ପିଟାଲେରେ ୩୬ଟି ପିଜି ସିଟ୍ ଥିବା ବେଳେ ଏବେ ଆଉ ୧୧ଟି ପାଇଛି। ଏଠାରେ ପିଜି ସିଟ୍ ସଂଖ୍ୟା ୪୭କୁ ବୃଦ୍ଧି ପାଇଛି। କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ପିଜି ସିଟ୍ ନଥିବା ବେଳେ ଏଥର ୨୮ଟି ସିଟି ଦିଆଯାଇଛି। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଆଦୌ ପିଜି ସିଟ୍ ନଥିବା ବେଳେ ୨୨ଟି ସିଟି ପ୍ରଥମ ଥର ପାଇଁ ଦିଆଯାଇଛି।

କେନ୍ଦୁଝରର ଡିଡି ମେଡିକାଲ କଲେଜ ଓ ହସ୍‌ପିଟାଲ ଏବଂ ଅନୁଗୋଳର ତାଳଚେର ସ୍ଥିତ ପିଏମ୍‌ପି ମେଡିକାଲ କଲେଜ ଓ ହସ୍‌ପିଟାଲକୁ ଯଥାକ୍ରମେ ୪୪ ଓ ୩୨ଟି ପିଜି ସିଟ୍ ଦିଆଯାଇଛି। ଏହି ଦୁଇ ମେଡିକାଲ କଲେଜରେ ମଧ୍ୟ ପୂର୍ବରୁ ପିଜି ପାଠ୍ୟକ୍ରମ ନଥିଲା। କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଏସ୍‌ଏଲ୍‌ଏସ୍ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ପିଜି ସିଟ୍ ନଥିବା ବେଳେ ଏବେ ୨୭ଟି ଦିଆଯାଇଛି। କଳାହାଣ୍ଡି, ଯାଜପୁର ଓ ପୁରୀରେ ଥିବା ସରକାରୀ ମେଡିକାଲ କଲେଜଗୁଡ଼ିକରେ ପିଜି ସିଟ୍ ନାହିଁ।

## ୪ ଜେଲରଙ୍କ ବଦଳି

**ଭୁବନେଶ୍ୱର, ୬/୧୧ (ଆଦ୍ୟାଶା) :** ପୁରୀ ଜିଲ୍ଲା କାରାଗାର ଜେଲର ଶୁଭସ୍ମିତା ବିଶ୍ୱାଳଙ୍କୁ ଜୟପୁର ସ୍ୱତନ୍ତ୍ର ଜେଲକୁ ବଦଳି କରାଯାଇଛି। କଟକ ସର୍କଲ ଜେଲ୍ ଜେଲର ରଘୁନାଥ ମାଝୀଙ୍କୁ ବଣାଇଗଡ଼ ସ୍ୱତନ୍ତ୍ର ଜେଲକୁ ବଦଳି କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଜେଲ୍ ଜେଲର ଅବିନାଶ ବେହେରାଙ୍କୁ ନବରଙ୍ଗପୁର ସବ୍‌ଜେଲକୁ ବଦଳି କରାଯାଇଛି। ଫୁଲବାଣୀ ସର୍କଲ ଜେଲ୍ ଜେଲର ଲଲାଟେନ୍ଦୁ ଭୂଷଣ ଦାସଙ୍କୁ କଟକ ସର୍କଲ ଜେଲକୁ ବଦଳି କରାଯାଇଛି। ୫ ଦିନ ତଳେ ଜେଲ୍ ଡିଜି ସୁଶାନ୍ତ କୁମାର ନାଥଙ୍କୁ ତାଙ୍କ ପଦରୁ ହଟାଇ ଦେଇଥିଲେ ସରକାର। ତାଙ୍କୁ ଗୃହ ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି। ତାଙ୍କ ନାଁରେ ଚୌଦ୍ୱାର ଜେଲ୍‌ର ଜଣେ ପୂର୍ବତନ ମହିଳା ଜେଲର ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ତାଙ୍କୁ ବଦଳି କରାଯାଇଥିଲା। ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏସ୍‌ଏଫଏସଏଲ ନିର୍ଦ୍ଦେଶକ ଥିବା ସନ୍ତୋଷ ବାଲାଙ୍କୁ ଜେଲ୍ ବିଭିଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ଯାଜପୁର, ୬/୧୧ (ଆଦ୍ୟାଶା) :** ଯାଜପୁର ରୋଡ୍ ଉପକାରାଗାରରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ଅବିନାଶ ବିଶ୍ୱାଳ। ତାଙ୍କ ଘର କଳିଙ୍ଗ ନଗର ଥାନା ନିମପଲ୍ଲୀ ଗାଁରେ। ଏକ ପୋକ୍ସୋ ମାମଲାରେ ସେ ମାସେ ହେବ ଏହି ଜେଲ୍‌ରେ ଥିଲେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ଜେଲ ପରିସରରେ ଥିବା ମେଡିକାଲ ନିକଟରେ କଏଦୀ ଜଣକ ଏକ ଲୁହା ଗ୍ରୀଲ୍‌ରେ ପ୍ୟାଣ୍ଟ ସାହାଯ୍ୟରେ ଝୁଲି ପଡ଼ିଥିଲେ। ଜେଲ୍ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଯାଜପୁର ରୋଡ୍ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋରାଇ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହିତ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଓ ପୁଲିସର ତଦନ୍ତ ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ପୂର୍ବତନ ଜେଲ୍ ଡିଜିଙ୍କ ନାଁରେ ଯୌନ ନିର୍ଯାତନା ମାମଲା

# ବିଳମ୍ବିତ ମାମଲାକୁ ନେଇ ପ୍ରଶ୍ନ ଉଠାଇଲେ ହାଇକୋର୍ଟ

**ଭୁବନେଶ୍ୱର, ୬/୧୧ (ଆଦ୍ୟାଶା) :** ଯୌନ ନିର୍ଯାତନା ମାମଲାରେ ଫସିଥିବା ପୂର୍ବତନ ଜେଲ ଡିଜି ସୁଶାନ୍ତ କୁମାର ନାଥ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ବେଳେ ଏହା ଉପରେ ଶୁଣାଣି ଆରମ୍ଭ ହୋଇଛି। ଏନେଇ ଆଜି ଶୁଣାଣି ହୋଇଥିବା ବେଳେ ବିଭିନ୍ନ ପକ୍ଷ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୧ ତାରିଖରେ ହେବ ବୋଲି କୋର୍ଟ କହିଥିବା ବେଳେ ଘଟଣା ଘଟିବାର ଦୀର୍ଘ ଦିନ ପରେ ମାମଲା ରୁଜୁ କରାଯିବା ଉପରେ ଉଠାଇଥିଲେ ପ୍ରଶ୍ନ।

ଚୌଦ୍ୱାର ଜେଲ୍‌ର ଜଣେ ପୂର୍ବତନ ମହିଳା ଜେଲର ସୁଶାନ୍ତ କୁମାର ନାଥଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଚୌଦ୍ୱାର ଥାନାରେ ଏତଲା ଦେବା ପରେ ସେ ଗତ ସୋମବାର ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ସହିତ ସେ ମାମଲାଟିକୁ ଖାରଜ କରିବା ପାଇଁ କୋର୍ଟରେ ଆବେଦନ କରିଛନ୍ତି। ଚୌଦ୍ୱାର ଜେଲ୍‌ର ଉକ୍ତ ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଲଦୀପ ରଥ ନାମକ ଜଣେ ବ୍ୟକ୍ତି ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ୍)ଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ ଓ ତାଙ୍କ ମୋବାଇଲ ଫୋନ୍ ନମ୍ବର ନେଇଥିଲେ। ପରେ କୁଲଦୀପ ରଥ ତାଙ୍କ ପାଖକୁ ଇମୋଜି ସହିତ ଏମିତି କିଛି ମେସେଜ୍ ପଠାଇଥିଲେ, ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ୨୦୨୫ ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ



କୁଲଦୀପ ରଥ ତାଙ୍କୁ ଏକ ହୋଟେଲକୁ ଏକୁଟିଆ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଡିଜି ତାଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ ପୂର୍ବତନ ମହିଳା ଜେଲର ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳସ୍ୱରୂପ ସୁଶାନ୍ତ କୁମାର ନାଥ ତାଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ତାଙ୍କର ସେହି ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ ସହିତ ଯୋଡ଼ିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୭/୮ ତାରିଖରେ ହୋଇଥିବା ବୈଠକରେ ସେ ତାଙ୍କୁ କହିଥିଲେ, 'ତୁମେ ଯଦି ମୋତେ ଭେଟିବାକୁ ଆସିଥାଆନ୍ତ, ତା'ହେଲେ ଏସବୁର ସମ୍ମୁଖୀନ ହୋଇନଥାନ୍ତ।'

ଏହି ପୂର୍ବତନ ମହିଳା ଜେଲର୍ ଆହୁରି ଅଭିଯୋଗ କରିଛନ୍ତି ଯେ ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସେ ଦେଇଥିବା ଏଫଆଇଆରକୁ ପ୍ରତ୍ୟାହାର କରିନେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ ସୁଶାନ୍ତ କୁମାର ନାଥ। ଏହା ସହିତ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତଥା ଶାରୀରିକ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସୁଶାନ୍ତ ନାଥଙ୍କ ବିରୋଧରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ପଦବୀର ଅପବ୍ୟବହାର, ଅପରାଧିକ ଧମକ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ ଆସିବା ପରେ ଆକ୍ସନ ମୁଡ୍‌କୁ ଆସିଥିଲେ ରାଜ୍ୟ ସରକାର। ନଭେମ୍ବର ୧ ତାରିଖରେ ତାଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ କୁଲଦୀପ ରଥ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ତାଙ୍କର ଆବେଦନ ଉପରେ ମଧ୍ୟ ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ।

## ଭିଜିଲାନ୍ସ ଜାଲରେ 'ଓଆରଏସ' ଅଧିକାରୀ

**ବାଲେଶ୍ୱର, ୬/୧୧ (ଆଦ୍ୟାଶା) :** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ର। ଜଣେ ବ୍ୟକ୍ତିଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ସେ ଧରାପଡ଼ିଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି। ୦.୧୪ ଡିସିମିଲ୍ ପରିମିତ ଏକ 'ବାଜ୍ୟାପ୍ତି ସ୍ଥିତିବାନ' କିସମ ଜମିର ବିକ୍ରୟ କବଲା ପଞ୍ଜୀକରଣ କରିବା ପାଇଁ ଉକ୍ତ ବ୍ୟକ୍ତି ଜଣଙ୍କ ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ଅନୁରୋଧ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କିସମର ଜମିକୁ ସ୍ଥିତିବାନ ଭାବେ ବିବେଚନା କରାଯାଇ ପଞ୍ଜୀକରଣ



କରାଯାଇପାରିବ। ଏନେଇ ସେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସବ୍-ରେଜିଷ୍ଟ୍ରାର ତାଙ୍କ କଥା ଶୁଣିନଥିଲେ। ଅଭିଯୋଗ ଅନୁସାରେ, ଏହି କାମ କରାଇଦେବା ପାଇଁ ପ୍ରଥମେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ର। ଅଭିଯୋଗକାରୀ ଏତେ ଟଙ୍କା ଦେବାକୁ ଅସମର୍ଥତା ପ୍ରକାଶ କରିବାରୁ ସେ ଲାଞ୍ଚ ପରିମାଣ ୭ ହଜାର ଟଙ୍କାକୁ କମାଇ ଦେଇଥିଲେ। ଏଥିରେ ଅତିଷ୍ଠ ଅଭିଯୋଗକାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଆଜି ସେ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ଭେଟି ୭ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ନେଉଥିବା ବେଳେ ତାଙ୍କୁ ଧରିଥିଲେ ଭିଜିଲାନ୍ସ ଅଧିକାରୀ। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହା ପରେ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ଘଟଣାକୁ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହା ସହିତ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ମନୀଷା ମିଶ୍ର ୨୦୨୪ ମସିହାରେ ଚାକିରିରେ ଯୋଗ ଦେଇଥିଲେ। ସେ ବର୍ତ୍ତମାନ ପ୍ରୋବେସନ୍ ଅବଧିରେ ଥିବାବେଳେ ବାଲିଆପାଳରେ ସବ୍-ରେଜିଷ୍ଟ୍ରାର ଭାବେ ନିଯୁକ୍ତ ହୋଇଥିଲେ।

## ଦଶମ ଶ୍ରେଣୀ ଛାତ୍ରୀ ସନ୍ତାନ ପ୍ରସବ ଘଟଣାରେ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ବାରିପଦା, ୬/୧୧ (ଆଦ୍ୟାଶା) :** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଞ୍ଚଳରେ ଏକ ସରକାରୀ ବିଦ୍ୟାଳୟର ଛାତ୍ରୀନିବାସରେ ରହି ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣାରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନମିତା ମାଝିଙ୍କୁ ନିଲମ୍ବନ କରାଯାଇଥିବା ନେଇ ବେତନଟୀ ବିଇଓ ବିପ୍ଲବ କର ସୂଚନା ଦେଇଛନ୍ତି। ଏହି ଛାତ୍ରୀ ଜଣଙ୍କ ନିକଟରେ କିଛି ଦିନ ଘରେ ରହି ହଷ୍ଟେଲକୁ ଫେରିଥିଲେ। ଗତ ମଙ୍ଗଳବାର ସେ ଅସୁସ୍ଥ ଅନୁଭବ କରିଥିଲେ। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନ୍ନତି ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଣାପଡ଼ିଥିଲା ଯେ ସେ ୭ ମାସର ଗର୍ଭବତୀ ଅଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତକାଲି ସକାଳେ ସେ ସେଠାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ।

ଜଣେ ଦଶମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କେମିତି ଗର୍ଭବତୀ ହେଲେ, ହଷ୍ଟେଲ କର୍ତ୍ତୃପକ୍ଷ କେମିତି ଜାଣିପାରିଲେ ନାହିଁ, ତାକୁ ନେଇ ଉଠିଥିଲା ପ୍ରଶ୍ନ। ସ୍କୁଲରେ ପ୍ରତି ମାସରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବାଳିକା ହଷ୍ଟେଲ ମାନଙ୍କରେ ଛାତ୍ରୀମାନଙ୍କ ପାଇଁ ଅନେକ ପ୍ରୋଟୋକଲ ରହିଛି। ତଥାପି ଝିଅଟି ଗର୍ଭବତୀ ଥିବା କଥା କେମିତି ଜଣାପଡ଼ିଲାନି ବୋଲି ପ୍ରଶ୍ନ ଉଠିଛି। ଏମିତିକି ସ୍କୁଲ ହଷ୍ଟେଲରେ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ବି ପ୍ରଶ୍ନ ଉଠିଛି। ଏହି ଘଟଣାକୁ ନେଇ ଗତକାଲି ସ୍କୁଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ମାମଲା ସାମ୍ନାକୁ ଆସିବା ପରେ ସ୍ଥାନୀୟ ପୁଲିସ ଏବଂ ଶିଶୁ ସୁରକ୍ଷା ସମିତି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ଟିମ୍‌କୁ ତଦନ୍ତ ପାଇଁ ସ୍କୁଲକୁ ପଠାଇଥିଲେ। ସେମାନେ ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ। ସ୍କୁଲ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରାଯାଇଥିବା ଯୋଗୁ ପ୍ରଧାନ ଶିକ୍ଷୟିତ୍ରୀ ନମିତା ମାଝିଙ୍କୁ ନିଲମ୍ବିତ କରାଯାଇଥିବା ବିଇଓ କହିଛନ୍ତି।

## ଫେସ୍‌ବୁକ୍ ଲାଇଭ୍‌ରେ ଆଦିବାସୀ ନେତ୍ରୀଙ୍କ ଆତ୍ମହତ୍ୟା

**ରାଞ୍ଚି, ୬/୧୧ (ଆଦ୍ୟାଶା) :** ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିର ପିଠୋରିଆ ଥାନା ଅଞ୍ଚଳର ଆଦିବାସୀ ନେତ୍ରୀ ନିଶା ଭଗତ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା ପୂର୍ବରୁ ନିଶା ଫେସବୁକ୍‌ରେ ଲାଇଭ୍ ଆସି ଅନେକ ଲୋକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ। ସେ ପ୍ରାୟ ୧୦ ମିନିଟ୍‌ର ଏକ ଲାଇଭ୍ ଭିଡିଓ ଫେସବୁକ୍‌ରେ ପୋଷ୍ଟ କରିବା ପରେ ଆତ୍ମହତ୍ୟା କରିଦେଇଥିଲେ ।

ଶୁକ୍ରବାର ନିଶା ଫେସବୁକ୍ ଲାଇଭ୍‌କୁ ଆସି କହିଥିଲେ, "ମୋ ଜନଜାତି ସମାଜକୁ ବଞ୍ଚାଇବା ପାଇଁ ମୁଁ ନିରନ୍ତର ସଂଘର୍ଷ କରିଆସିଛି, କିନ୍ତୁ କିଛି ହୋଇପାରୁନାହିଁ। ମୋତେ ବଦନାମ କରୁଥିବା ଲୋକଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ସେମାନଙ୍କ ବିରୋଧରେ ମୋ ଅଭିଯୋଗକୁ ମଧ୍ୟ ଗୁରୁତ୍ୱ ଦିଆଗଲା



ନାହିଁ।" ନିଜ ବାପାଙ୍କ କଥା ଉଲ୍ଲେଖ କରି ନିଶା କହିଥିଲେ ଯେ ତାଙ୍କ ଆତ୍ମହତ୍ୟା ବାପାଙ୍କୁ ଗଭୀର ଦୁଃଖ ଦେବ। ତେବେ ଅନ୍ୟ କିଛି ଉପାୟ ନ ପାଇ ଶେଷରେ ସେ ଏପରି ଚରମ ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି ବୋଲି ନିଶା କହୁଥିବା ଦେଖିବାକୁ ମିଳିଛି । ଅନେକ ଅଧିକାରୀ ଏବଂ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କେହି ସହାୟତା କରି ନ ଥିଲେ। ତାଙ୍କ ସହ ଅନ୍ୟାୟ ହୋଇଛି ଏବଂ ତାଙ୍କ କଥା ଶୁଣିବାକୁ କେହି ନାହାନ୍ତି ବୋଲି ଲାଇଭ୍‌ରେ ବାରମ୍ବାର କହୁଥିବା ଦେଖିବାକୁ ମିଳିଛି । କୁହାଯାଉଛି ଯେ, ନିଶା ମୃତ୍ୟୁ ପୂର୍ବରୁ ନିଜ ଅଂଚଳ ପିଠୋରିଆ ଥାନା ଅଧିକାରୀଙ୍କୁ ଫୋନ୍ କରି ନିଜ ଜୀବନ ଶେଷ କରିବାକୁ ଯାଉଥିବା କଥା ମଧ୍ୟ କହିଥିଲେ। କିନ୍ତୁ ଥାନା ଅଧିକାରୀ ଫୋନ୍ କାଟି ଦେଇଥିବା ଅଭିଯୋଗ ହୋଇଛି।

ନିଶାଙ୍କ ଆତ୍ମହତ୍ୟା ଉଦ୍ୟମ ଫେସବୁକ ଲାଇଭରେ ଦେଖିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

## ପିଇଓଙ୍କୁ ଜେଲ୍

**ଭବାନୀପାଟଣା/ କେସିଙ୍ଗା, ୬/୧୧ (ଆଦ୍ୟାଶା) :** ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହେରଫେର କରିବା ଜଣେ ପିଇଓଙ୍କୁ ମହଙ୍ଗା ପଡ଼ିଲା। ସେହି କାରଣରୁ ଆଜି ଗୋଲାମୁଣ୍ଡା ବ୍ଲକ୍ ଚହକା ପଂଚାୟତ ପିଇଓ ଗିରୀଶ ଚନ୍ଦ୍ର ଶବରଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶ୍ରୀ ଶବରଙ୍କୁ ୪ ବର୍ଷ କାରାଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଫଳରେ ତାଙ୍କୁ ଜେଲ ହାଜତକୁ ଯିବାକୁ ପଡ଼ିଛି।


ସୂଚନା ଅନୁଯାୟୀ ପୂର୍ବରୁ ଗିରୀଶ ଚନ୍ଦ୍ର ଶବର କେସିଙ୍ଗା ବ୍ଲକ୍ ର ସିରୋଲ ଓ ଗୋକୁଳେଶ୍ୱର ପଞ୍ଚାୟତର ପିଇଓ ଦାୟିତ୍ୱରେ ଥିଲେ। ସେହି ସମୟରେ ବାର୍ଦ୍ଧକ୍ୟ ଭତ୍ତା ଅନୁଦାନ ର ପ୍ରାୟ ୨ ଲକ୍ଷ ୨୨ ହଜାର ଟଙ୍କାର ଆର୍ଥିକ ଅନିୟମିତତା ଧରା ପଡ଼ିଥିଲା। ଏସଂକ୍ରାନ୍ତରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସିର ୪୦୯ ଦଫାରେ ମାମଲା ରୁଜୁ କରାଯାଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

## ଚଳନ୍ତା ଟ୍ରେନ୍‌ରେ ଜଳିଗଲା ୪ ବଗି

**ପଟିଆଲା, ୬/୧୧ (ଆଦ୍ୟାଶା) :** ଚଳନ୍ତା ଟ୍ରେନ୍‌ରେ ଲାଗିଲା ନିଆଁ। ପଞ୍ଜାବର ପଟିଆଲା ଜିଲ୍ଲାର ରାଜପୁରା ନିକଟରେ ଶୁକ୍ରବାର ଅପରାହ୍ଣ ପ୍ରାୟ ୧ଟା ବେଳେ ଘଟିଛି ଏହି ଘଟଣା। ଅମୃତସରରୁ ନ୍ୟୁ ଜଲପାଇଗୁଡ଼ିକ ଅଭିମୁଖେ ଯାଉଥିବା କର୍ମଭୂମି ଏକ୍ସପ୍ରେସର ୪ଟି ବଗିରେ ଲାଗି ଯାଇଥିଲା ନିଆଁ। ରେଳବାଇ ପକ୍ଷରୁ ନିଆଁକୁ ଲିଭାଇ ଦିଆଯାଇଥିବା ବେଳେ କେହି ହତାହତ ହେବାର ଖବର ଆସିନାହିଁ। ସରକାରୀ ରେଳବାଇ ପୁଲିସ (ଜିଆରପି) ଏସ୍‌ଏଚ୍‌ଓ ଗୁରପ୍ରୀତ ସିଂହ କହିଛନ୍ତି ଯେ ଗୋଟିଏ ବଗିର ଏକ ଫ୍ୟାନ୍‌ରେ ସଟ୍ ସର୍କିଟ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମେ ସେହି ବଗିରେ ନିଆଁ ଲାଗିଥିଲା। ପରେ ଏହା ଅନ୍ୟ ବଗିଗୁଡ଼ିକୁ ବ୍ୟାପୀ ଯାଇଥିଲା। ନିଆଁ ଲାଗିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲା। ଟ୍ରେନ୍ ରହିବା ପରେ ଯାତ୍ରୀମାନେ ଓହ୍ଲାଇ ଯାଇଥିଲେ। ଦେଖୁ ଦେଖୁ ନିଆଁ ଗୋଟିଏ ପରେ ଗୋଟିଏ ୪ଟି ବଗିକୁ ବ୍ୟାପୀ ଯାଇଥିଲା। ଟ୍ରେନ୍‌ରେ ନିଆଁ ଲାଗିଥିବା ଖବର ପାଇବା ପରେ ରେଳବାଇର ଅନେକ ଅଧିକାରୀ ଓ ସୁରକ୍ଷା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ରେନ୍‌ଟିକୁ ନିଆଁ ଲାଗିଥିବା ବଗିଗୁଡ଼ିକଠାରୁ ଅଲଗା କରାଯାଇଥିଲା। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଡ୍ରୋନ୍ ଖୋଜୁଛି ଅଜଣା ମୁଣ୍ଡ

**ଭବାନୀପାଟଣା, ୬/୧୧ (ଆଦ୍ୟାଶା) :** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁରୁ ସୁପାଡ଼ ଯିବା ରାସ୍ତାର ଏକ ଧାନ ବିଲରୁ ମୁଣ୍ଡବିହୀନ ଅଜଣା ମୃତଦେହ ଠାବ ହୋଇଛି। ମୃତଦେହରେ ଏକାଧିକ କଟା ଦାଗ ରହିଥିବା ବେଳେ ମୁଣ୍ଡ ବିହୀନ ଶବ ପଡ଼ିଛି। ଏଣୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ପୁଲିସର ସନ୍ଧାନୀ କୁକୁର, ବିଶେଷଜ୍ଞ ଦଳ ଏପରିକି ଡ୍ରୋନ କ୍ୟାମେରାକୁ ନିୟୋଜିତ କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ, ଅପରାହ୍ଣରେ ଲଡୁଗାଁ ବନ୍ଧପଡ଼ାର ଜଣେ ଚାଷୀ ନିଜ ଚାଷ ଜମିକୁ ଯାଇଥିବା ବେଳେ ସେଠାରେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ଅଞ୍ଚଳରେ ଖବର ପ୍ରସାରିତ ହେବା ପରେ କୋକସରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହରେ ଏକାଧିକ



କଟା ଦାଗ ଥିବା ସହ ମୁଣ୍ଡ କଟାଯାଇଥିବା ଜଣାପଡ଼ିଛି। ସନ୍ଧ୍ୟା ହୋଇଯିବାରୁ ତଦନ୍ତ ବନ୍ଦ ଥିଲା। ଆଜି ସକାଳେ ମୃତଦେହ ଉଦ୍ଧାର କରାଯିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ କରାଯାଉଛି। ସନ୍ଧାନୀ କୁକୁର, ବିଶେଷଜ୍ଞ ଦଳ ଏବଂ ଡ୍ରୋନକୁ ତଦନ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଛି। କିନ୍ତୁ କିଛି ଫଳ ମିଳିନାହିଁ। ମୃତ ବ୍ୟକ୍ତିଙ୍କ ପରିଚୟ, ମୃତ୍ୟୁର କାରଣ, ମୃତଦେହ ସେଠାକୁ କିପରି ଆସିଲା, ମୁଣ୍ଡ କୁଆଡେ ଗଲା ସେସବୁ ପ୍ରଶ୍ନର ଉତ୍ତର ଅସ୍ପଷ୍ଟ ରହିଛି। କୋକସରା ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506 | Daily Edition | Email : adyashgroup.com
BHUBANESWAR | Vol. 02 | Issue 12 | ଶନିବାର, ୦୭ ନଭେମ୍ବର ୨୦୨୬ | ପୃଷ୍ଠା ୦୨ | Rs. 7

ଆଜିର ପ୍ରମୁଖ

## ଅସ୍ତରଙ୍ଗରେ ମତ୍ସ୍ୟଜୀବୀଙ୍କ ସମସ୍ୟାକୁ ନେଇ ରାଜନୈତିକ ଚର୍ଚ୍ଚା

ଅସ୍ତରଙ୍ଗ: ପୁରୀ ଜିଲ୍ଲାର ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ବିଭିନ୍ନ ମୌଳିକ ସମସ୍ୟା, ସମୁଦ୍ର ମାଛ ଧରା ଉପରେ କଟକଣା ଏବଂ ନୂଆଗଡ଼ ମତ୍ସ୍ୟ ଅବତରଣ କେନ୍ଦ୍ର (ଜେଟି)ର ନବୀକରଣକୁ ନେଇ ସ୍ଥାନୀୟ ରାଜନୀତି ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଦେବୀ ନଦୀ ମୁହାଁଣ ଓ ଅସ୍ତରଙ୍ଗ ଉପକୂଳରେ ବାର୍ଷିକ କଟକଣା ଯୋଗୁଁ ହଜାର ହଜାର ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ହରାଇ ସଙ୍କଟଜନକ ସ୍ଥିତିରେ ଗତି କରୁଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି। ସମୁଦ୍ର କଟକଣା ଓ ଆର୍ଥିକ ଭତ୍ତା ଦାବି ସାମୁଦ୍ରିକ କଇଁଛ (ଅଲିଭ୍ ରିଡ୍‌ଲେ) ସୁରକ୍ଷା ପାଇଁ ଦେବୀ ନଦୀ ମୁହାଁଣଠାରୁ ସମୁଦ୍ର ମଧ୍ୟକୁ ମାଛ ଧରିବା ଉପରେ ଦୀର୍ଘ ସପ୍ତମାସ ବ୍ୟାପୀ କଟକଣା ବଳବତ୍ତର ରହୁଛି। ଏହି ବ୍ୟାନ୍ ସମୟରେ ମତ୍ସ୍ୟଜୀବୀମାନଙ୍କୁ ଦିଆଯାଉଥିବା ସରକାରୀ ସହାୟତା ରାଶି ଯଥେଷ୍ଟ ନୁହେଁ ବୋଲି ସ୍ଥାନୀୟ ବୋଟ୍ ମାଲିକ ଓ ମତ୍ସ୍ୟଜୀବୀ ସଂଘ ଅଭିଯୋଗ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି ଯେ, କଟକଣା ସମୟରେ ପ୍ରତ୍ୟେକ ପ୍ରଭାବିତ ମତ୍ସ୍ୟଜୀବୀ ପରିବାରକୁ ମାସିକ ଆର୍ଥିକ ସହାୟତା ଓ ବିଶେଷ ରାସନ୍ ସାମଗ୍ରୀ ପ୍ରଦାନ କରାଯାଉନାହିଁ, ଯାହା ଫଳରେ ସେମାନେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ନୂଆଗଡ଼ ଜେଟିର ସମସ୍ୟା ଓ ମୁହାଁଣ ନିର୍ମାଣ ଅସ୍ତରଙ୍ଗର ନୂଆଗଡ଼ ଜେଟିରେ ପାଟ୍ରୋଲିଂ ଓ ଟ୍ରଲର ରଖିବା ପାଇଁ ଆବଶ୍ୟକୀୟ ସ୍ଥାନ ଓ ନଦୀ ମୁହାଁଣ ପୋତିହେବା ଅନ୍ୟତମ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ନଦୀ ମୁହାଁଣରେ ପାଂଶୁ ଓ ବାଲି ଜମି ରହିବାରୁ ପ୍ରାୟତଃ ମାଛଧରା ଟ୍ରଲର ଏବଂ ଡଙ୍ଗାଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମୁହାଁଣର ଖନନ (Dredging) ଏବଂ ଜେଟିର ଆଧୁନିକୀକରଣ ପାଇଁ ବାରମ୍ବାର ଦାବି କରାଯାଉଥିଲେ ବି ସ୍ଥାନୀୟ ପ୍ରଶାସନ ଓ ସରକାର କୌଣସି ସ୍ଥାୟୀ ସମାଧାନ କରୁନଥିବା ନେଇ ବୋଟ୍ ଆସୋସିଏସନ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ନେତାଙ୍କ ଆରୋପ-ପ୍ରତ୍ୟାରୋପ ଏହି ସଂବେଦନଶୀଳ ପ୍ରସଙ୍ଗକୁ ନେଇ କାକଟପୁର-ଅସ୍ତରଙ୍ଗ ଅଞ୍ଚଳର ସ୍ଥାନୀୟ ନେତାମାନେ ମତ୍ସ୍ୟଜୀବୀଙ୍କ ସମର୍ଥନରେ ବାହାରିଛନ୍ତି। ବିଜେପି ଓ କଂଗ୍ରେସ ପକ୍ଷରୁ ସରକାରଙ୍କ ଅବହେଳାକୁ ଦାୟୀ କରାଯାଇ ଅସ୍ତରଙ୍ଗ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଅନ୍ୟପଟେ, ଶାସକ ବିଜେଡି ନେତୃବୃନ୍ଦ ପ୍ରକାଶ କରିଛନ୍ତି ଯେ ମତ୍ସ୍ୟଜୀବୀଙ୍କ ବିକାଶ ଓ ଜେଟିର ଭିତ୍ତିଭୂମି ସୁଧାର ପାଇଁ ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତ ଚାଲିଛି ଏବଂ ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଦଳମତ ନିର୍ବିଶେଷରେ ମତ୍ସ୍ୟଜୀବୀଙ୍କ ହକ୍ ପାଇଁ ପ୍ରଶାସନ ତୁରନ୍ତ ଦାବି ପୂରଣ ନକଲେ ଆଗାମୀ ଦିନରେ ସମଗ୍ର ଉପକୂଳ ଅଞ୍ଚଳରେ ବିଶାଳ ଗଣଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ସତ୍ୟବାଦୀରେ ଖାଇଗଲା ଉଇ ହଜାର ହଜାର ବହି



ପୁରୀ:୬/୧୧:ପୁରୀ ଜିଲ୍ଲା ସତ୍ୟବାଦୀରୁ ଏକ ଚକିତ କରିଦେବା ଭଳି ଏବଂ ଦୁଃଖଦ ଖବର ଆସିଛି। ପିଲାଙ୍କ ପାଠ ବନ୍ଦ ହେବା ଅବସ୍ଥା - ଶିକ୍ଷା ବିଭାଗ ଉପରେ ବଡ଼ ପ୍ରଶ୍ନ ପରୀକ୍ଷାକୁ ଆଉ ମାତ୍ର ୪ ମାସ ବାକି ଥିବା ବେଳେ ଏବେ ବି ପିଲାମାନଙ୍କ ପାଖରେ ନୂଆ ବହି ପହଞ୍ଚି ପାରିନି। ସତ୍ୟବାଦୀ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗଚ୍ଛିତ ଥିବା ହଜାର ହଜାର ବହିକୁ ଉଇ ଖାଇ ଯାଇଛି। ବହି ଗୁଡ଼ିକ ଏମିତି ନଷ୍ଟ ହୋଇ ଯାଇଛି ଯେ ଆଉ ପଢ଼ିବା ଯୋଗ୍ୟ ନୁହେଁ। ୧ମ ରୁ ୮ମ ଶ୍ରେଣୀ ପାଇଁ ସଂଶୋଧିତ ଇଂରାଜୀ ଏବଂ ଓଡ଼ିଆ ବହି ବଣ୍ଟନ ଏବେ ଚାଲିଛି ବୋଲି କୁହାଯାଉଛି, କିନ୍ତୁ ବହୁତ ଦିନ ହେଲା ଗୋଦାମରେ ପଡ଼ି ରହିଥିବା ବହି ଗୁଡ଼ିକ ଉଇ ଲାଗି ନଷ୍ଟ ହୋଇ ଯାଇଛି। ସ୍ଥାନୀୟ ଲୋକେ ଏବଂ ଅଭିଭାବକ ମାନେ କହୁଛନ୍ତି, ଶିକ୍ଷା ବିଭାଗର ଅବହେଳା ଯୋଗୁଁ ଏହା ହୋଇଛି। ବହି ଠିକ୍ ସମୟରେ ସ୍କୁଲ୍ କୁ ନ ପଠାଇ ଗୋଦାମରେ ଗଦାଇ ରଖାଯାଇଥିଲା। ନା ଠିକ୍ ଭାବେ ରଖାଯାଇଥିଲା, ନା ସମୟ ସମୟରେ ଯାଞ୍ଚ କରାଯାଇଥିଲା। ଏହା ସିଧା ପିଲାଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଇବ। ପରୀକ୍ଷା ପାଖେଇ ଆସିଲାଣି, କିନ୍ତୁ ପିଲାଙ୍କ ପାଖରେ ପଢ଼ିବା ପାଇଁ ବହି ନାହିଁ। ଶିକ୍ଷକ ମାନେ ବି ଚିନ୍ତାରେ ଅଛନ୍ତି, କେମିତି ପାଠ ପଢ଼ାଇବେ। ଗୋଟେ ପଟେ ସରକାର କହୁଛନ୍ତି ପିଲାଙ୍କ ଶିକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ଆଉ ଗୋଟେ ପଟେ ଗୋଦାମରେ ବହି ପଚି ନଷ୍ଟ ହେଉଛି। ଏହା ସାଧାରଣ ଲୋକଙ୍କ ଟଙ୍କାର ଅପଚୟ ନୁହେଁ କି? ଅଭିଭାବକ ମାନେ କହୁଛନ୍ତି, ଆମ ପିଲାମାନେ ଘରେ ବହି ବିନା କେମିତି ପଢ଼ିବେ। ସ୍କୁଲ୍ ରେ ଶିକ୍ଷକ ବୋର୍ଡରେ ଲେଖି ପଢ଼ାଉଛନ୍ତି, କିନ୍ତୁ ଘରେ ଅଭ୍ୟାସ କରିବା ପାଇଁ ବହି ନାହିଁ ଗରିବ ପରିବାରର ପିଲାମାନେ ବଜାରରୁ ବହି କିଣି ପାରିବେ ନାହିଁ ସରକାରୀ ବହି ଉପରେ ହିଁ ସେମାନଙ୍କ ଭରସା। ଏହି ଘଟଣା ପରେ ପୁରୀ ଜିଲ୍ଲାରେ ଶିକ୍ଷା ବିଭାଗର ବହି ଗଚ୍ଛିତ ରଖିବା ବ୍ୟବସ୍ଥା, ଠିକ୍ ସମୟରେ ବଣ୍ଟନ ଏବଂ ଦାୟିତ୍ୱ ଉପରେ ବଡ଼ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକେ ଦାବି କରୁଛନ୍ତି, ତୁରନ୍ତ ନୂଆ ବହି ଆଣି ସବୁ ସ୍କୁଲ୍ କୁ ଦିଆଯାଉ ଏବଂ ଏଥିପାଇଁ ଦାୟୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। କେତେ ବହି ନଷ୍ଟ ହୋଇଛି, କେତେ ଟଙ୍କାର କ୍ଷତି ହୋଇଛି, ତାହାର ହିସାବ ସାଧାରଣ ଲୋକଙ୍କ ଆଗରେ ରଖାଯାଉ ବୋଲି ବି ଦାବି ହେଉଛି। ଏହା କେବଳ ସତ୍ୟବାଦୀର କଥା ନୁହେଁ, ପୁରା ପୁରୀ ଜିଲ୍ଲାରେ ଏଭଳି ଅବସ୍ଥା ଅଛି କି ନାହିଁ ତାହା ବି ଏବେ ଯାଞ୍ଚ କରିବାକୁ ଲୋକେ କହୁଛନ୍ତି। ଯଦି ଆଉ ବ୍ଲକ୍ ରେ ବି ଏମିତି ବହି ପଡ଼ି ନଷ୍ଟ ହେଉଛି, ତେବେ ତୁରନ୍ତ ତାହା ବାହାର କରି ପିଲାଙ୍କୁ ଦିଆଯାଉ। ଶିକ୍ଷା ହେଉଛି ପିଲାଙ୍କ ଅଧିକାର, ଏହାକୁ ଅବହେଳା କରିବା କଥା ନୁହେଁ। ସତ୍ୟବାଦୀ ହେଉଛି ପୁରୀ ଜିଲ୍ଲାର ଏକ ପୁରୁଣା ଏବଂ ସମ୍ମାନିତ ଶିକ୍ଷା ଅଞ୍ଚଳ। ଏଠାରେ ଏଭଳି ଘଟଣା ହେବା ସମସ୍ତଙ୍କୁ ଦୁଃଖ ଦେଇଛି। ଲୋକେ ଏବେ ଚାହୁଁଛନ୍ତି, ଖାଲି ତଦନ୍ତ ନୁହେଁ, ତୁରନ୍ତ ସମାଧାନ ହେଉ। ପିଲାଙ୍କ ହାତକୁ ନୂଆ ବହି ଆସୁ, ପିଲାମାନେ ହସି ହସି ସ୍କୁଲ୍ ଯାଆନ୍ତୁ। ପୁରୀରୁ ଦୀପକ ପାତ୍ର ଙ୍କ ରିପୋର୍ଟ ଅଦ୍ୟାଶା ଲାଇଭ

ଜନମତ

## ପୁରୀ ବିଧାନସଭା କ୍ଷେତ୍ରରେ ବିକାଶ ସମୀକ୍ଷା

ପୁରୀ: ଶ୍ରୀକ୍ଷେତ୍ର ପୁରୀକୁ ଏକ ଆନ୍ତର୍ଜାତୀୟ ସ୍ତରର ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ପୁରୀ ବିଧାନସଭା କ୍ଷେତ୍ର ମଧ୍ୟରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ, ହେରିଟେଜ୍ ଏବଂ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାରଙ୍କ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୌରପାଳିକାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶେଷ ଗୁରୁତ୍ୱ: ହେରିଟେଜ୍ କରିଡର ଓ ପରିସର ଉନ୍ନୟନ: ଶ୍ରୀମନ୍ଦିର ଚାରିପାଖରେ ଶ୍ରୀସେତୁ, ପାର୍କିଂ ବ୍ୟବସ୍ଥା, ବେଳାଭୂମି ସୌନ୍ଦର୍ଯ୍ୟକରଣ ଏବଂ ଭକ୍ତମାନଙ୍କ ସୁବିଧା ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଫିକ ଓ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ: ପୁରୀ ସହରକୁ ଆସୁଥିବା ଲକ୍ଷାଧିକ ପର୍ଯ୍ୟଟକଙ୍କ ପାଇଁ ସୁଗମ ପରିବହନ ଏବଂ ଅତ୍ୟାଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମାନ୍ତରାଳ ବିକାଶ: ବିଧାନସଭା କ୍ଷେତ୍ରାନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ, ରାସ୍ତାଘାଟର ପୁନରୁଦ୍ଧାର ଏବଂ ସ୍ୱାସ୍ଥ୍ୟସେବାକୁ ଅଧିକ କ୍ରିୟାଶୀଳ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ବିଧାୟକ ଶ୍ରୀ ସୁନୀଲ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ, "ଶ୍ରୀକ୍ଷେତ୍ରର ବିକାଶ କେବଳ ସହର ମଧ୍ୟରେ ସୀମିତ ନରହି ସମଗ୍ର ବିଧାନସଭା କ୍ଷେତ୍ରର ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ନିର୍ମାଣ କାର୍ଯ୍ୟର ଗୁଣବତ୍ତା ସହ ସମୟାନୁବନ୍ଧିତାକୁ ବିଶେଷ ଧ୍ୟାନ ଦିଆଯିବ।" ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ କଡ଼ା ନଜର ରଖାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ଜିଲ୍ଲାରୁ ସିଧା ରିପୋର୍ଟ

# ସମୁଦ୍ର କୂଳରେ ଆବର୍ଜନା ଓ ପରିବେଶ ପ୍ରଦୂଷଣ



ପୁରୀ ୬/୧୧:ପୁରୀ (ନୀଳାଚଳ ଦାସ/ଆଦ୍ୟାଶା ଲାଇଭ): ବିଶ୍ୱପ୍ରସିଦ୍ଧ ପୁରୀ ସମୁଦ୍ରକୂଳର ସୌନ୍ଦର୍ଯ୍ୟ ପରଖିବା ପାଇଁ ପ୍ରତିଦିନ ଦେଶ ଓ ବିଦେଶରୁ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ସମୁଦ୍ର କେବଳ ପୁରୀର ସୌନ୍ଦର୍ଯ୍ୟ ନୁହେଁ, ଏହା ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ। ମାତ୍ର ଆଜି ମଣିଷର ଚରମ ଅସଚେତନତା ଓ ପ୍ରଶାସନିକ ଅବହେଳା ଯୋଗୁଁ ଏହି ଐତିହ୍ୟ ବେଳାଭୂମି ଦିନକୁ ଦିନ ନିଜର ସୌନ୍ଦର୍ଯ୍ୟ ହରାଉଛି। ୩ କିଲୋମିଟର ବ୍ୟାପୀ ପଡ଼ିରହିଛି ଅଳିଆ ଆବର୍ଜନା ପୁରୀ ବେଳାଭୂମିର ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଦୀର୍ଘ ଅଞ୍ଚଳରେ ପ୍ଲାଷ୍ଟିକ୍, ପଲିଥିନ୍, ପାଣି ବୋତଲ, ଖାଦ୍ୟ ପ୍ୟାକେଟ୍ ଏବଂ ବିଭିନ୍ନ ପ୍ରକାରର ପରିବେଶ ପ୍ରଦୂଷଣକାରୀ ବର୍ଜ୍ୟବସ୍ତୁ ଜମା ହୋଇ ରହିଥିବା ଦେଖିବାକୁ ମିଳିଛି। ଏହାସହ ସମୁଦ୍ରକୂଳ ନିକଟରେ ଥିବା କିଛି ଭଙ୍ଗାଘର ଓ ଅସୁରକ୍ଷିତ ମାଟି ସଂରଚନା ପରିବେଶକୁ ଅଧିକ ବିକୃତ ଓ କଦର୍ଯ୍ୟ କରିପକାଉଛି। ବେଳାଭୂମିର ଏହି ବିକୃତ ରୂପ ଦେଖି ଏବେ ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ କ୍ଷୋଭ ଓ ଅପସନ୍ଦ ପ୍ରକାଶ କରୁଛନ୍ତି। ସାମୁଦ୍ରିକ ଜୀବଜନ୍ତୁଙ୍କ ଜୀବନ ପ୍ରତି ସୃଷ୍ଟି ହେଉଛି ବଡ଼ ବିପଦ ଏହି ବ୍ୟାପକ ଆବର୍ଜନା କେବଳ ସମୁଦ୍ର କୂଳର ଶୋଭା ନଷ୍ଟ କରୁନାହିଁ, ବରଂ ସାମୁଦ୍ରିକ ଜୀବଜଗତ ପାଇଁ ଏକ ଭୟାନକ ବିପଦ ସୃଷ୍ଟି କରିଛି। ବେଳାଭୂମିରୁ ସମୁଦ୍ର ଗର୍ଭକୁ ଚାଲିଯାଉଥିବା ପ୍ଲାଷ୍ଟିକ୍ ଓ ପଲିଥିନ୍ କୁ ଖାଦ୍ୟ ଭ୍ରମରେ ଖାଇ ଅନେକ ମାଛ, ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଓ ଅନ୍ୟାନ୍ୟ ଜଳଚର ଜୀବ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ଆଜିଠାରୁ ସଚେତନ ନହେଲେ ଆଗାମୀ ପିଢ଼ି ପାଇଁ ବଢ଼ିବ ସଙ୍କଟ ସମୟ ଥାଉ ଥାଉ ଯଦି ଆମେ ସମସ୍ତେ ସଚେତନ ନହେବା, ତେବେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ନିର୍ମଳ ପରିବେଶ ଛାଡ଼ିଯିବା କଷ୍ଟକର ହୋଇପଡ଼ିବ। ଏଣୁ ଆସନ୍ତୁ, ଆମେ ସମସ୍ତେ ଶପଥ ନେବା: ସମୁଦ୍ର କୂଳରେ କୌଣସି ଅଳିଆ ଆବର୍ଜନା ପକାଇବା ନାହିଁ। ଏକକ-ବ୍ୟବହାରଯୋଗ୍ୟ (ସିଙ୍ଗଲ୍-ୟୁଜ୍) ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର କମାଇବା। ନିଜ ପରିବେଶକୁ ସଫା ଓ ସୁନ୍ଦର ରଖିବା। ଏହି ବିପନ୍ନ ସ୍ଥିତି ପ୍ରତି ଜିଲ୍ଲା ପ୍ରଶାସନ, ପୌରପାଳିକା ଏବଂ ପର୍ଯ୍ୟଟନ ବିଭାଗ ତୁରନ୍ତ ଧ୍ୟାନ ଦେଇ ବେଳାଭୂମିର ବିଶେଷ ସଫେଇ ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ନାଗରିକ ମଞ୍ଚ ଦାବି କରିଛନ୍ତି।

## ଶ୍ରୀମନ୍ଦିର ବେହେରଣ ଦ୍ୱାର ନିକଟରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ସ୍ତବ୍ଧ

ପୁରୀ:(ଆଦ୍ୟାଶା ଲାଇଭ୍/ନୀଳାଚଳ ଦାସ):ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ଏକ ଅତ୍ୟନ୍ତ ଦୁଃଖଦ ଓ ମର୍ମନ୍ତୁଦ ଘଟଣା ଘଟିଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସିଥିବା ଜଣେ ବୃଦ୍ଧ ଶ୍ରଦ୍ଧାଳୁଙ୍କ ହଠାତ୍ ଅସୁସ୍ଥତା କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ ଶ୍ରଦ୍ଧାଳୁ ଜଣକ ଢେଙ୍କାନାଳ ଜିଲ୍ଲାର ୭୨ ବର୍ଷୀୟ ଯାଦବ ରାୟ ବୋଲି ଜଣାପଡ଼ିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତଙ୍କ ଏପରି ଆକସ୍ମିକ ମୃତ୍ୟୁରେ ଶ୍ରୀମନ୍ଦିର ଓ ଡାକ୍ତରଖାନା ପରିସରରେ ଏକ ଶୋକାବହ ପରିବେଶ ସୃଷ୍ଟି ହୋଇଛି। ଦର୍ଶନ ସମୟରେ ବେହେରଣ ଦ୍ୱାର ନିକଟରେ ଅସୁସ୍ଥତା ମିଳିଥିବା ବିବରଣୀ ଅନୁଯାୟୀ, ଢେଙ୍କାନାଳ ଜିଲ୍ଲାରୁ ଯାଦବ ରାୟ ତାଙ୍କ ପତ୍ନୀ ଦୁର୍ଗା ରାୟଙ୍କ ସହିତ ଅତ୍ୟନ୍ତ ଭକ୍ତି ଓ ଆନନ୍ଦର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ମନ୍ଦିର ଭିତରେ ଦର୍ଶନ ସାରି ଫେରୁଥିବା ବା ଗଲା ବେଳେ ଶ୍ରୀମନ୍ଦିରର ପ୍ରସିଦ୍ଧ ବେହେରଣ ଦ୍ୱାର ନିକଟରେ ସେ ହଠାତ୍ ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ଅଚେତ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ସେବାୟତ, ସୁରକ୍ଷାକର୍ମୀ ଓ ଅନ୍ୟ ସହଯୋଗୀ ଶ୍ରଦ୍ଧାଳୁମାନେ ତତ୍ପରତା ପ୍ରକାଶ କରି ତାଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ ଏବଂ ଏକ ଜରୁରୀକାଳୀନ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH)କୁ ସ୍ଥାନାନ୍ତର କରିଥିଲେ। ତେବେ ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାକାର ଡାକ୍ତରୀ ଦଳ ତାଙ୍କୁ ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ଏଭଳି ଆକସ୍ମିକ ଓ ଅଚାନକ ମୃତ୍ୟୁରେ ତାଙ୍କ ପତ୍ନୀ ଦୁର୍ଗା ରାୟ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।ପୂର୍ବରୁ ହୃଦ୍‌ରୋଗ ଓ ମଧୁମେହରେ ପୀଡ଼ିତ ଥିଲେ ଯାଦବ ମୃତ ଯାଦବ ରାୟଙ୍କ ପତ୍ନୀ ଦୁର୍ଗା ରାୟଙ୍କ ପ୍ରଦତ୍ତ ସୂଚନା ମୁତାବକ, ଯାଦବ ଗତ ୭ ରୁ ୪ ବର୍ଷ ହେବ ଏକ ଗୁରୁତର ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଏହା ସହିତ ସେ ଦୀର୍ଘ ଦିନ ଧରି ମଧୁମେହ (ଡାଏବେଟିସ୍) ରୋଗରେ ମଧ୍ୟ ଆକ୍ରାନ୍ତ ଥିଲେ ଏବଂ ତାଙ୍କର ଚିକିତ୍ସା ଚାଲିଥିଲା। ଘଟଣାସ୍ଥଳରେ ପୁରୀ ପୋଲିସ ପହଞ୍ଚି ମୃତକଙ୍କ ପୂର୍ବ ଚିକିତ୍ସା ସମ୍ପର୍କିତ ସମସ୍ତ ମେଡିକାଲ୍ ଦସ୍ତାବିଜ ଓ କାଗଜପତ୍ର ଜବତ କରି ଯାଞ୍ଚ ଜାରି ରଖିଛି। ପୁରୀ ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଆଇନଗତ ପ୍ରକ୍ରିୟା ଏବଂ ଶବ ବ୍ୟବଚ୍ଛେଦ (Autopsy) ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାକୁ ନେଇ କ୍ଷୁବ୍ଧ ଜନପ୍ରତିନିଧି

ପୁରୀ: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ପରିଷଦର ସାଧାରଣ ବୈଠକରେ ଗ୍ରାମାଞ୍ଚଳର ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ବିପର୍ଯ୍ୟୟକୁ ନେଇ ପ୍ରବଳ ହଙ୍ଗାମା ଓ ଉତ୍ତେଜନା ପ୍ରକାଶ ପାଇଛି। ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ୍ ଚେୟାରମ୍ୟାନ୍ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଦଳମତ ନିର୍ବିଶେଷରେ ଏକଜୁଟ୍ ହୋଇ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ବିରୋଧରେ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ବୈଠକ ପ୍ରାରମ୍ଭରେ ପୁରୀ ଜିଲ୍ଲାର ପିପିଲି, ଡେଲାଙ୍ଗ, କାକଟପୁର, ଅସ୍ତରଙ୍ଗ, କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଭଳି ଉପକୂଳିଆ ଏବଂ ଗ୍ରାମାଞ୍ଚଳ ବ୍ଲକଗୁଡ଼ିକରେ ବ୍ୟାପକ ପାନୀୟ ଜଳ ସଙ୍କଟ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ପଞ୍ଚାୟତରେ ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ବାସୁଧା ଯୋଜନା ଓ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଧୀମା ଗତିରେ ଚାଲିଥିବା ନେଇ ସଦସ୍ୟମାନେ ଜଳସେଚନ ଓ ପାନୀୟ ଜଳ ଯୋଗାଣ ବିଭାଗ (WATCO / RWSS) ଅଧିକାରୀଙ୍କୁ ଘେରିଥିଲେ। ଭୂତଳ ଜଳର ଲବଣାକ୍ତତା ଓ ପ୍ରଦୂଷଣ ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବୈଠକରେ ଦର୍ଶାଯାଇଥିଲା। ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଭୋଲ୍ଟେଜ୍ ସମସ୍ୟା ସେହିପରି ଗ୍ରାମାଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍, କମ୍ ଭୋଲ୍ଟେଜ୍ ଏବଂ ପୁରୁଣା ଟ୍ରାନ୍ସଫର୍ମର ମରାମତିରେ ବିଳମ୍ବକୁ ନେଇ ଜିଲ୍ଲା ପରିଷଦ ସଦସ୍ୟମାନେ କଡ଼ା ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ କୃଷି କାର୍ଯ୍ୟ ଏବଂ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଥିବା ନେଇ ସଭାରେ ଉତ୍ତାପ ଦେଖାଦେଇଥିଲା। ଜିଲ୍ଲାପାଳ ଓ ସଭାପତିଙ୍କ ନିର୍ଦ୍ଦେଶ ସଦସ୍ୟଙ୍କ କ୍ଷୋଭ ଓ ଅଭିଯୋଗ ଶୁଣିବା ପରେ ଜିଲ୍ଲା ପରିଷଦ ସଭାପତି ଏବଂ ବୈଠକରେ ଉପସ୍ଥିତ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କଡ଼ା ତାଗିଦ୍ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଅଚଳ ନଳକୂପ ମରାମତି କରିବା, ପାନୀୟ ଜଳ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଏବଂ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ୭ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ସମସ୍ତ ସଦସ୍ୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (CDO-cum-EO), ବିଭିନ୍ନ ବ୍ଲକର ବିଡିଓ ଏବଂ ଜିଲ୍ଲା ସ୍ତରୀୟ ଲାଇନ୍ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସତ୍ୟବାଦୀରେ ବିଜେଡିର ବିଶାଳ ମିଶ୍ରଣ ପର୍ବ

ସାକ୍ଷୀଗୋପାଳ/ପୁରୀ:ପୁରୀ ଜିଲ୍ଲାର ପ୍ରସିଦ୍ଧ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ରାଜନୀତିରେ ପୁଣି ଥରେ ବିଜୁ ଜନତା ଦଳ (ବିଜେଡି) ନିଜର ସାଙ୍ଗଠନିକ କ୍ଷମତା ଓ ପାଣିଚିଆ ସ୍ଥିତିକୁ ଅଧିକ ସୁଦୃଢ଼ କରିଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତଠାରେ ଆୟୋଜିତ ଏକ ବୃହତ୍ ତଥା ଉତ୍ସବମୁଖର ଦଳୀୟ ମିଶ୍ରଣ ପର୍ବରେ ବିଭିନ୍ନ ବିରୋଧୀ ଦଳରୁ ଶତାଧିକ ସକ୍ରିୟ କର୍ମୀ, ଯୁବ ନେତା ଓ ସ୍ଥାନୀୟ ଜନପ୍ରତିନିଧି ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବ ସତ୍ୟବାଦୀ ଅଞ୍ଚଳର ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତି ଓ ଭବ୍ୟ ସ୍ୱାଗତ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତୃବୃନ୍ଦ, ପୂର୍ବତନ ସରପଞ୍ଚ ଏବଂ ସ୍ଥାନୀୟ ସମିତି ସଭ୍ୟମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀ ଓ ଯୁବବର୍ଗଙ୍କୁ ଦଳୀୟ ଉତ୍ତରୀୟ ଓ ପତାକା ପ୍ରଦାନ କରି ଭବ୍ୟ ସ୍ୱାଗତ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଆଦର୍ଶ, ଜନକଲ୍ୟାଣକାରୀ ଦୂରଦୃଷ୍ଟି ଏବଂ ସତ୍ୟବାଦୀ ଅଞ୍ଚଳର ସାମଗ୍ରିକ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଏହି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ।ତୃଣମୂଳ ସଂଗଠନ ହେବ ଆହୁରି ଶକ୍ତିଶାଳୀ ଏହି ମିଶ୍ରଣ ପର୍ବ ଦ୍ୱାରା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ବିଜେଡିର ତୃଣମୂଳ ସଂଗଠନ ଅଧିକ ମଜବୁତ୍ ଓ ସକ୍ରିୟ ହେବ ବୋଲି ବୈଠକରେ ଉପସ୍ଥିତ ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡ ଓ ବୁଥ୍ ସ୍ତରରେ ସଂଗଠନକୁ ଅଧିକ କ୍ରିୟାଶୀଳ କରାଯିବା ସହ ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ମିଳିମିଶି କାର୍ଯ୍ୟ କରାଯିବ ବୋଲି ରଣନୀତି ପ୍ରସ୍ତୁତ ହୋଇଛି।ନୂତନ କର୍ମୀଙ୍କ ସଙ୍କଳ୍ପ ଓ ଉତ୍ସାହ ଦଳରେ ଯୋଗଦେଇଥିବା ନୂତନ ସଦସ୍ୟମାନେ କହିଛନ୍ତି ଯେ, ସେମାନେ ନିଜ ନିଜ ଅଞ୍ଚଳରେ ଦଳର ସଂଗଠନକୁ ଆହୁରି ଆଗକୁ ନେବା ସହ ଜନସେବାରେ ନିଜକୁ ନିୟୋଜିତ କରିବେ। ଏହି ସମ୍ମିଳନୀରେ ସତ୍ୟବାଦୀ ଅଞ୍ଚଳର ଶତାଧିକ ଯୁବ ଓ ମହିଳା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ଥାନୀୟ ଦଳୀୟ ସମ୍ପାଦକ ଉପସ୍ଥିତ ସମସ୍ତ ନେତୃବୃନ୍ଦ, କର୍ମୀ ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମଗିରିରେ ନିର୍ବାଚନମଣ୍ଡଳୀସ୍ତରୀୟ ନେତୃତ୍ୱ ସମ୍ମିଳନୀ

ବ୍ରହ୍ମଗିରି/ପୁରୀ:ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖିଆଗରେ ରଖି ପୁରୀ ଜିଲ୍ଲାର ପ୍ରସିଦ୍ଧ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀସ୍ତରୀୟ ଏକ ବୃହତ୍ ନେତୃତ୍ୱ ସମ୍ମିଳନୀ ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ବରିଷ୍ଠ ନେତା, ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଯୁବ କର୍ମୀମାନେ ଅତ୍ୟନ୍ତ ଉତ୍ସାହର ସହିତ ଯୋଗଦେଇଥିଲେ।ତୃଣମୂଳ ସ୍ତରରେ ସଂଗଠନ ମଜବୁତ୍ କରିବାକୁ ଆହ୍ୱାନ ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ପ୍ରତ୍ୟେକ ବୁଥ୍‌ସ୍ତରରେ ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଛନ୍ତି। ପଞ୍ଚାୟତ ଓ ୱାର୍ଡ ସ୍ତରରେ ଲୋକଙ୍କ ସମସ୍ୟା ଗୁଡ଼ିକୁ ଗଭୀର ଭାବେ ବୁଝିବା, ସେଗୁଡ଼ିକର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଦାବି ଉପସ୍ଥାପନ କରିବା ଏବଂ ଜନସାଧାରଣଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। ଜନକଲ୍ୟାଣକାରୀ ଯୋଜନାର ପ୍ରଚାର-ପ୍ରସାର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଭତ୍ତା ସୁବିଧା, ପାନୀୟ ଜଳ ଯୋଜନା, ରାସ୍ତାଘାଟ ନିର୍ମାଣ ଓ କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଯେପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଫଳ ଭାବେ ପହଞ୍ଚିପାରିବ, ସେଥିପାଇଁ କର୍ମୀମାନେ ଏକ ସେତୁ ସାଜି କାମ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନ ପାଇଁ ଖସଡ଼ା ଓ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା ଏହି ସମ୍ମିଳନୀରେ ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯିବା ସହ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳରେ ଥିବା ଚାଷୀ, ମତ୍ସ୍ୟଜୀବୀ ଓ ପର୍ଯ୍ୟଟନ କ୍ଷେତ୍ରର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଦଳଗତ ମତଭେଦ ଭୁଲି ସମସ୍ତେ ଏକଜୁଟ୍ ହୋଇ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବାକୁ ବରିଷ୍ଠ ନେତାମାନେ ମାର୍ଗଦର୍ଶନ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ୍ ସଭାପତି, ଜିଲ୍ଲା ପରିଷଦ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି ଏବଂ ବିଶିଷ୍ଟ ରାଜନୈତିକ ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପୁରୀ ସହରାଞ୍ଚଳରେ ପୋଲିସ ପକ୍ଷରୁ ଫୁଟ୍ ପାଟ୍ରୋଲିଂ

ପୁରୀ:(ନୀଳାଚଳ ଦାସ ଓ ଦୀପକ ପାତ୍ର / ଆଦ୍ୟାଶା ଲାଇଭ୍):ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସହରାଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବା, ଅପରାଧୀ ଓ ଅସାମାଜିକ ବ୍ୟକ୍ତିମାନଙ୍କ ସ୍ଥାନୀୟ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ ସାଧାରଣ ଜନତା ତଥା ଦୂରଦୂରାନ୍ତରୁ ଆସୁଥିବା କୋଟି କୋଟି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ମଧ୍ୟରେ ନିରାପତ୍ତା ଓ ସୁରକ୍ଷା ଭାବନାକୁ ଆହୁରି ଅଧିକ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ଆଜି (୦୬.୧୧.୨୦୨୬) ପୁରୀ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଏକ ବ୍ୟାପକ ଫୁଟ୍ ପାଟ୍ରୋଲିଂ ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ପି ସିଟି ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସିଧାସଳଖ ନେତୃତ୍ୱ ଏବଂ ଅଧୀକ୍ଷଣରେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପଦକ୍ଷେପ ନିଆଯାଇଛି।ଏକାଧିକ ପ୍ରମୁଖ ଥାନାର ଆଇଆଇସି ଓ ପୋଲିସ ଟିମ୍‌ର ସହଭାଗିତା ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ବ୍ୟାପକ ସୁରକ୍ଷା ଅଭିଯାନରେ ପୁରୀ ସହରର ସମସ୍ତ ପ୍ରମୁଖ ଥାନାଗୁଡ଼ିକର ଅଧିକାରୀ ଓ ବରିଷ୍ଠ କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶେଷ କରି କୁମ୍ଭାରପଡ଼ା ଥାନା, ପୁରୀ ଟାଉନ୍ ଥାନା, ସମୁଦ୍ରକୂଳ ଥାନା ଏବଂ ବଳିଆପଣ୍ଡା ଥାନାର ଆଇଆଇସି ମାନଙ୍କ ସମେତ ବହୁସଂଖ୍ୟାରେ ପୋଲିସ କର୍ମଚାରୀ, ଏସ୍‌ପିଓ ଏବଂ ଫୋର୍ସ ଏହି ଫୁଟ୍ ପାଟ୍ରୋଲିଂରେ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ଥାନା ଅଞ୍ଚଳର ମୁଖ୍ୟ ବଜାର, ଅତ୍ୟଧିକ ଭିଡ଼ପୂର୍ଣ୍ଣ ରାସ୍ତାଘାଟ, ପ୍ରସିଦ୍ଧ ବଡ଼ଦାଣ୍ଡ, ବଡ଼ବଡ଼ ହୋଟେଲ ଏବଂ ଲଜ୍ ଅଞ୍ଚଳ, ସମୁଦ୍ରକୂଳ ବେଳାଭୂମି ତଥା ବିଭିନ୍ନ ସମ୍ବେଦନଶୀଳ ଛକମାନଙ୍କରେ ପୋଲିସ କର୍ମଚାରୀମାନେ ପଦାଭିଯାନ କରି ସ୍ଥିତି ନିରୀକ୍ଷଣ କରିଥିଲେ।ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷା ଆସ୍ଥା ଓ ଦୃଶ୍ୟମାନ ପୋଲିସିଂ ଏହି ମାର୍ଚ୍ଚ ଓ ପାଟ୍ରୋଲିଂର ମୁଖ୍ୟ ଲକ୍ଷ୍ୟ ଥିଲା ସହରରେ ପୋଲିସର ଦୃଶ୍ୟମାନ ଉପସ୍ଥିତିକୁ ବଢ଼ାଇବା, ଯାହାଫଳରେ କୌଣସି ଅପରାଧିକ ପ୍ରବୃତ୍ତିର ବ୍ୟକ୍ତି ବା ବାହାରୁ ଆସିଥିବା ଅସାମାଜିକ ଗୋଷ୍ଠୀ କୌଣସି ପ୍ରକାରର ଅପରାଧ ଘଟାଇବାକୁ ସାହସ କରିବେ ନାହିଁ। ଏହି ଅଭିଯାନ ସମୟରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଅଟକ ରଖି ତନାଘନା କରାଯିବା ସହ ସେମାନଙ୍କ ପରିଚୟ ଓ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିଲା। ସାଧାରଣ ଜନତା, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନେ ଯେପରି କୌଣସି ଭୟ କିମ୍ବା ସନ୍ଦେହ ବିନା ନିର୍ଭୟରେ ସହରରେ ବୁଲିପାରିବେ ଏବଂ ସେମାନଙ୍କ ମଧ୍ୟରେ ପ୍ରଶାସନ ପ୍ରତି ଆସ୍ଥାର ବାତାବରଣ ଅଧିକ ସୁଦୃଢ଼ ହେବ, ସେଥିପାଇଁ ପୁରୀ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିୟମିତ ଭାବେ ଜାରି ରହିବ ବୋଲି ସୂଚନା ମିଳିଛି।ପୁରୀ ପୋଲିସ ସର୍ବଦା ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ କାଏମ୍ ରଖିବା ପାଇଁ ସର୍ବଦା ସଜାଗ, ତତ୍ପର ଓ ପ୍ରତିବଦ୍ଧ ରହିଛି ବୋଲି ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି।

## ବିଜେଡିର ବଡ଼ ବିକ୍ଷୋଭ, ବିଧାୟକ ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ହଜାର ହଜାର ସମର୍ଥକ ରାସ୍ତାକୁ ଓହ୍ଲାଇଲେ




ପୁରୀ:୬/୧୧: ପୁରୀରେ ବିଜେଡିର ବଡ଼ ବିକ୍ଷୋଭ, ବିଧାୟକ ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ହଜାର ହଜାର ସମର୍ଥକ ରାସ୍ତାକୁ ଓହ୍ଲାଇଲେ ପୁରୀ ସହରରେ ଗତକାଲି ଏକ ବଡ଼ ବିକ୍ଷୋଭ ଦେଖିବାକୁ ମିଳିଛି। ପୁରୀ ବିଧାୟକ ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ହଜାର ହଜାର ସଂଖ୍ୟାରେ ସମର୍ଥକ ବିକ୍ଷୋଭରେ ସାମିଲ ହୋଇଥିଲେ। ବିଧାୟକ ଅଭିଯୋଗ କରିଛନ୍ତି ଯେ ପୁରୀ ପୌର ନିଗମର ଅଧିକାରୀ ମାନେ ନିଜ କାମ ଠିକ୍ ଭାବେ କରୁ ନାହାନ୍ତି। ସହରରେ ସଫେଇ, ରାସ୍ତା, ଆଲୁଅ, ପାଣି ଭଳି ମୌଳିକ ସୁବିଧାରେ ଅବହେଳା ହେଉଛି। ପୁରୀ ଭଳି ଧାମରେ ଲକ୍ଷ ଲକ୍ଷ ଭକ୍ତ ଆସୁଛନ୍ତି, କିନ୍ତୁ ସହର ସଫା ରହୁନି, ଲୋକେ ଅସୁବିଧାରେ ପଡୁଛନ୍ତି ବୋଲି ସେ କହିଛନ୍ତି। ବିକ୍ଷୋଭରେ ସମର୍ଥକ ମାନେ ପୌର ନିଗମ କାର୍ଯ୍ୟାଳୟ ଆଗରେ ନାରାବାଜି କରିଥିଲେ। ସେମାନଙ୍କ ଦାବି ଥିଲା, ପୁରୀ ସହରର ବିକାଶ କାମ ଶୀଘ୍ର କରାଯାଉ, ଅଧିକାରୀ ମାନେ ଲୋକଙ୍କ କଥା ଶୁଣନ୍ତୁ। କାର୍ତ୍ତିକ ମାସରେ ହବିଷ୍ୟାଳି ଏବଂ ଭକ୍ତ ମାନେ ପୁରୀରେ ରହୁଛନ୍ତି, ଏହି ସମୟରେ ସହର ସଫା ରଖିବା ଆହୁରି ଜରୁରୀ ବୋଲି ବିଧାୟକ କହିଛନ୍ତି। ଏହି ବିକ୍ଷୋଭ ପରେ ପୁରୀରେ ରାଜନୀତି ଗରମ ହୋଇଛି। ସ୍ଥାନୀୟ ଲୋକେ ବି କହୁଛନ୍ତି, ଦଳ ଯାହା ହେଉ, ପୁରୀ ସହର ସଫା ଏବଂ ସୁନ୍ଦର ରହିବା ଦରକାର। ଭକ୍ତ ମାନେ ପୁରୀରୁ ଭଲ ଅନୁଭବ ନେଇ ଫେରିବା ଦରକାର। ପୌର ନିଗମ ଏଥିପ୍ରତି ଧ୍ୟାନ ଦେବ ବୋଲି ଲୋକେ ଆଶା କରୁଛନ୍ତି। ଏହି ଖବର ଏବେ ପୁରୀରେ ଚର୍ଚ୍ଚାର ବିଷୟ ହୋଇଛି। ଆଗାମୀ ଦିନରେ ପୌର ନିଗମ କଣ ପଦକ୍ଷେପ ନେଉଛି, ସେଥିପ୍ରତି ସମସ୍ତଙ୍କ ନଜର ରହିଛି । ପୁରୀରୁ ଦୀପକ ପାତ୍ର ଙ୍କ ରିପୋର୍ଟ ଅଦ୍ୟାଶା ଲାଇଭ

ମାଟିର ଖବର

# କ୍ଲୋଜଡ଼ ଟୋଲିଙ୍ଗ ମେକାନିଜିମ କଣ?




ପୁରୀ:(ନୀଳାଚଳ ଦାସ/ଆଦ୍ୟାଶା ଲାଇଭ୍):ପୁରୀ ଜିଲ୍ଲା ତଥା ଉପକୂଳ ଓଡ଼ିଶାର ଗମନାଗମନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବଦଳାଇବାକୁ ଯାଉଥିବା ପ୍ରମୁଖ କୋଷ୍ଟାଲ ହାଇୱେ ପ୍ରକଳ୍ପର କାର୍ଯ୍ୟ ଏବେ ଜୋରସୋରରେ ଆଗେଇ ଚାଲିଛି। କୋଷ୍ଟାଲ ହାଇୱେ ପ୍ୟାକେଜ-୧ (ବଡ଼ପୋଖରିଆ – କୋଣାର୍କ) କୁ ଏକ ୪-ଲେନ ଆକ୍ସେସ କଣ୍ଟ୍ରୋଲଡ଼ (ପ୍ରବେଶ ନିୟନ୍ତ୍ରଣାଧୀନ) ଗ୍ରୀନଫିଲ୍ଡ ଜାତୀୟ ରାଜପଥ ଭାବେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପରେ ଗାଡ଼ି ଚାଳକମାନଙ୍କ ସୁବିଧା ଏବଂ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି 'Closed Tolling Mechanism' (କ୍ଲୋଜଡ଼ ଟୋଲିଙ୍ଗ ବ୍ୟବସ୍ଥା) ଲାଗୁ କରାଯାଉଛି। ତେବେ ଏହି ନୂତନ ବ୍ୟବସ୍ଥାକୁ ନେଇ ସାଧାରଣ ଯାତ୍ରୀ ଏବଂ ଗାଡ଼ି ମାଲିକମାନଙ୍କ ମନରେ ବିଭିନ୍ନ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ଦେଖାଦେଇଥିବା ବେଳେ ପ୍ରଶାସନ ଏବଂ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର ସ୍ପଷ୍ଟୀକରଣ ଦିଆଯାଇଛି।ଏକାଧିକ ଥର ଟୋଲ୍ ଦେବାକୁ ପଡ଼ିବ କି? – ଜାଣନ୍ତୁ ପ୍ରକୃତ ସତ୍ୟ ସାଧାରଣତଃ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ଼ ଏବଂ ଏଣ୍ଟ୍ରି-ଏକଜିଟ୍ ଟୋଲ୍ ପ୍ଲାଜା ଥିବାରୁ ଯାତ୍ରା ସମୟରେ ଏକାଧିକ ଥର ଟୋଲ୍ ଦେବାକୁ ପଡ଼ିବ କି? ଏହାର ସ୍ପଷ୍ଟ ଉତ୍ତର ହେଉଛି – ନା। ଏହି ବ୍ୟବସ୍ଥା ଅତ୍ୟନ୍ତ ସ୍ୱଚ୍ଛ ଏବଂ ସ୍ୱୟଂଚାଳିତ ଭାବେ କାର୍ଯ୍ୟ କରିବ।ଉଦାହରଣ ସ୍ୱରୂପ, ଧରନ୍ତୁ ଜଣେ ଯାତ୍ରୀ ବ୍ରହ୍ମପୁର ପଟୁ ଆସି ବଡ଼ପୋଖରିଆ ଇଣ୍ଟରଚେଞ୍ଜ ଦେଇ କୋଷ୍ଟାଲ ହାଇୱେରେ ପ୍ରବେଶ କଲେ। ହାଇୱେରେ ପ୍ରବେଶ କରିବା ପରେ ଯେଉଁ Entry Toll Plaza ପ୍ରଥମେ ପଡ଼ିବ, ସେଠାରେ କେବଳ ଗାଡ଼ିର FASTag ଏବଂ ଯାନ ସୂଚନା ରେକର୍ଡ କରାଯିବ। ଏହି ଏଣ୍ଟ୍ରି ସମୟରେ କୌଣସି ପ୍ରକାରର ଟୋଲ ଦେୟ ଆଦାୟ କରାଯିବ ନାହିଁ। ଏହାପରେ ଯେଉଁ Exit Point ଦେଇ ଯାତ୍ରୀ କୋଷ୍ଟାଲ ହାଇୱେରୁ ବାହାରିବେ, ସେଠାରେ ସର୍ଭିସ ରୋଡ଼ରେ ଥିବା Exit Toll Plaza ରେ ସମ୍ପୂର୍ଣ୍ଣ ଯାତ୍ରାର ଦୂରତା ସ୍ୱୟଂଚାଳିତ ଭାବେ ହିସାବ କରାଯିବ। ଗାଡ଼ିଟି ହାଇୱେର ଯେତିକି କିଲୋମିଟର ବ୍ୟବହାର କରିଥିବ, ସେହି ଅନୁସାରେ ନିର୍ଦ୍ଧାରିତ ଟୋଲ ରାଶି ସିଧାସଳଖ FASTag ରୁ କଟିଯିବ।କ୍ଲୋଜଡ଼ ଟୋଲିଙ୍ଗ୍ ବ୍ୟବସ୍ଥାର ପ୍ରମୁଖ ସୁବିଧା ଯେତିକି ଦୂରତା, ସେତିକି ଟୋଲ୍: ଏହି ବ୍ୟବସ୍ଥାର ସବୁଠୁ ବଡ଼ ଲାଭ ହେଉଛି ଯାତ୍ରୀମାନେ କେବଳ ସେମାନେ ଯାତ୍ରା କରିଥିବା ନିର୍ଦ୍ଦିଷ୍ଟ କିଲୋମିଟର ପାଇଁ ହିଁ ଟୋଲ୍ ଦେବେ। ଅନାବଶ୍ୟକ ଭାବେ ଅଧିକ ଟୋଲ୍ ଦେବାରୁ ମୁକ୍ତି ମିଳିବ।ସ୍ୱଚ୍ଛତା ଓ ଦ୍ରୁତ ଯାତ୍ରା: ସମସ୍ତ Entry–Exit ପଏଣ୍ଟରେ ଏହି ସମାନ ନିୟମ ଲାଗୁ ହେବ। ସମଗ୍ର ପ୍ରକ୍ରିୟାଟି FASTag ମାଧ୍ୟମରେ ସ୍ୱୟଂଚାଳିତ ଭାବେ ସମ୍ପନ୍ନ ହେବ, ଯାହାଫଳରେ ଟୋଲ୍ ପ୍ଲାଜାଗୁଡ଼ିକରେ ଗାଡ଼ି ଅଟକିବାର ସମସ୍ୟା ରହିବ ନାହିଁ ଏବଂ ଯାତ୍ରା ଅଧିକ ଦ୍ରୁତ, ସୁବିଧାଜନକ ଓ ସ୍ୱଚ୍ଛ ହେବ।ପୁରୀ ଜିଲ୍ଲାର ପର୍ଯ୍ୟଟନ ଓ ଆର୍ଥିକ ବିକାଶ ଦୃଷ୍ଟିରୁ ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashgroup.com

BHUBANESWAR | Vol. 02 | Issue 12 | ଶନିବାର, ୦୭ ନଭେମ୍ବର ୨୦୨୬  Rs. 7

ଆଜିର ପ୍ରମୁଖ

## ସୁକିନ୍ଦାରେ ଆଦିବାସୀ ଅଧିକାର ଓ ଜଙ୍ଗଲ ଜମି ପଟ୍ଟା ସମସ୍ୟା

ସୁକିନ୍ଦା/ଯାଜପୁର: ଯାଜପୁର ଜିଲ୍ଲାର ଉପାନ୍ତ ଆଦିବାସୀ ବହୁଳ ସୁକିନ୍ଦା ବ୍ଲକ୍ ଅଞ୍ଚଳରେ ଆଦିବାସୀମାନଙ୍କର ସାଂବିଧାନିକ ଅଧିକାର, ଜଙ୍ଗଲ ଜମି ଅଧିକାର ଆଇନ୍ (FRA) ଅନୁଯାୟୀ ଜମି ପଟ୍ଟା ପ୍ରଦାନ ଏବଂ ମୌଳିକ ସୁବିଧା ସୁଯୋଗକୁ ନେଇ କ୍ରମାଗତ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦୀର୍ଘ ବର୍ଷ ଧରି ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ବାସ କରୁଥିବା ଶତାଧିକ ଆଦିବାସୀ ପରିବାର ନିଜର ଭିଟାମାଟିର ପଟ୍ଟା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣି ସ୍ଥାନୀୟ ଆଦିବାସୀ ଅଧିକାର ମଞ୍ଚ ଓ ରାଜନୈତିକ ନେତୃବୃନ୍ଦଙ୍କ ମିଳିତ ଆହ୍ବାନରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମି ପଟ୍ଟାରେ ବିଳମ୍ବ ଓ ଅନିୟମିତତା ସମ୍ମିଳନୀରେ ଆଦିବାସୀ ନେତାମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ୍ ଅନୁଯାୟୀ ଜଙ୍ଗଲ ଜମିରେ ବସବାସ କରୁଥିବା ଏବଂ ଚାଷକରି ଜୀବିକା ନିର୍ବାହ କରୁଥିବା ଆଦିବାସୀଙ୍କୁ ବ୍ୟକ୍ତିଗତ ଓ ସାମୁଦାୟିକ ଜମି ପଟ୍ଟା (Individual & Community Forest Rights) ମିଳିବା କଥା। ମାତ୍ର ତହସିଲ ଓ ବନ ବିଭାଗର ଆନ୍ତରିକତାର ଅଭାବ ଏବଂ ଜମି ମାପଚୁପରେ ହେଉଥିବା ହେରଫେର୍ ଯୋଗୁଁ ଆଜି ବି ହଜାର ହଜାର ଆଦିବାସୀ ନିଜର ବଂଶାନୁକ୍ରମିକ ଜମିରୁ ବଞ୍ଚିତ ହୋଇ ରହିଛନ୍ତି। ଉପାନ୍ତ ଅଞ୍ଚଳରେ ମୌଳିକ ସୁବିଧାର ଅଭାବ ଜଙ୍ଗଲ ଜମି ପଟ୍ଟା ନଥିବାରୁ ଏହି ଉପାନ୍ତ ଗ୍ରାମଗୁଡ଼ିକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁଳି ସଂଯୋଗ, ପକ୍କା ରାସ୍ତା, ଓ ସ୍ୱାସ୍ଥ୍ୟ ସେବା ପହଞ୍ଚିପାରୁନାହିଁ। ଏହାସହ ଖଣି କମ୍ପାନୀଗୁଡ଼ିକ ଦ୍ୱାରା ଆଦିବାସୀଙ୍କ ଅଞ୍ଚଳ ଅଧିଗ୍ରହଣ କରାଯାଉଥିଲେ ସୁଦ୍ଧା ସେମାନଙ୍କୁ ଉଚିତ୍ କ୍ଷତିପୂରଣ କିମ୍ବା ସ୍ଥାୟୀ ନିଯୁକ୍ତି ଦିଆଯାଉ ନଥିବା ନେଇ ବୈଠକରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ପ୍ରଶାସନକୁ ଦାବିପତ୍ର ଓ ଆନ୍ଦୋଳନ ଚେତାବନୀ ବିକ୍ଷୋଭ ଶେଷରେ ଆଦିବାସୀ ପ୍ରତିନିଧିମାନେ ସୁକିନ୍ଦା ତହସିଲଦାର ଓ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ଏକ ମାସ ମଧ୍ୟରେ ଯୋଗ୍ୟ ଆଦିବାସୀ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନକରାଯାଏ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ଅଞ୍ଚଳର ବହୁ ଆଦିବାସୀ ମହିଳା, ଯୁବ ନେତା, ସରପଞ୍ଚ ଏବଂ ସାମାଜିକ କର୍ମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥଲେ।

## କୋରାଇ ବ୍ଲକରେ ସ୍ଥାନୀୟ ବିକାଶ ଓ ପଞ୍ଚାୟତ ପ୍ରତିନିଧିଙ୍କ ବୈଠକ

କୋରାଇ/ଯାଜପୁର: ଯାଜପୁର ଜିଲ୍ଲା କୋରାଇ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍ର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନୀୟ ବିକାଶ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ, ଜଳସେଚନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନର ସାମ୍ପ୍ରତିକ ସ୍ଥିତି ନେଇ ବିଶଦ ଭାବେ ଆଲୋଚନା କରାଯାଇଛି। ଗ୍ରାମାଞ୍ଚଳର ମୌଳିକ ସମସ୍ୟା ଓ ତ୍ୱରିତ ସମାଧାନ ବୈଠକରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ ଅଭାବ, ଅଧାପନ୍ତରିଆ ଭାବେ ପଡ଼ିରହିଥିବା ପୋଖରୀ ଓ ଗ୍ରାମ୍ୟ ଉନ୍ନୟନ କାମଗୁଡ଼ିକର ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ବର୍ଷାଋତୁ ପୂର୍ବରୁ ଗ୍ରାମାଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥା ଏବଂ ନଳକୂପ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜନପ୍ରତିନିଧିମାନେ ବ୍ଲକ୍ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଆବାସ ଯୋଜନା ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାରେ ପ୍ରକୃତ ଓ ଯୋଗ୍ୟ ଗରୀବ ହିତାଧିକାରୀମାନେ ଯେପରି ଘର ପାଇବାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସ୍ୱଚ୍ଛତା ଅବଲମ୍ବନ କରିବାକୁ ବୈଠକରେ କୁହାଯାଇଛି। ଏହାଛଡ଼ା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କର ତାଲିକା ଯାଞ୍ଚ କରି ଶୀଘ୍ର ସହାୟତା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନିକ ପ୍ରତିଶ୍ରୁତି ବ୍ଲକ୍ର ବିକାଶ କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ସରପଞ୍ଚମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ବ୍ଲକ୍ ଉନ୍ନୟନ ଅଧିକାରୀ (BDO) ଆଶ୍ୱାସନା ଦେଇଛନ୍ତି। ଏହି ବୈଠକରେ ବ୍ଲକ୍ର ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

ଯାଜପୁର: ଯାଜପୁର ଜିଲ୍ଲାର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳଗୁଡ଼ିକରେ ସୁରକ୍ଷିତ ପାନୀୟ ଜଳ ଯୋଗାଣ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଏକ ସ୍ୱତନ୍ତ୍ର ଅଗ୍ରଗତି ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ (RWSS) ଏବଂ ନିର୍ମାଣକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଆୟୋଜିତ ଏହି ବୈଠକରେ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ ଭିତ୍ତିଭୂମି ଉପରେ ବିଶଦ ଆଲୋଚନା କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ବୈଠକରେ ଜିଲ୍ଲାର ସୁକିନ୍ଦା, ଧର୍ମଶାଳା, ବରୀ, କୋରାଇ, ବିଞ୍ଝାରପୁର ଓ ଯାଜପୁର ସଦର ଭଳି ପ୍ରମୁଖ ବ୍ଲକଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ନଦୀଭିତ୍ତିକ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଅନେକ ସ୍ଥାନରେ ପାଇପ୍‌ଲାଇନ୍ ବିଛାଯିବା ଓ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣରେ ହେଉଥିବା ବିଳମ୍ବକୁ ନେଇ ପ୍ରଶାସନିକ ସ୍ତରରେ କ୍ଷୋଭ ପ୍ରକାଶ ପାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରି ଲୋକଙ୍କୁ ଜଳ ଯୋଗାଣ ଆରମ୍ଭ କରିବାକୁ ନିର୍ମାଣକାରୀ ସଂସ୍ଥାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା ମରାମତି ଓ ତୃଣମୂଳ ସମସ୍ୟାର ସମାଧାନ ପାଇପ୍ ବିଛାଇବା ପାଇଁ ଖୋଳାଯାଇଥିବା ଗ୍ରାମୀଣ ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି କରିବା ଏବଂ ପାଇପ୍‌ଲାଇନ୍ ସଂଯୋଗ ସମୟରେ ଯେପରି ସାଧାରଣ ଲୋକଙ୍କର କୌଣସି ଅସୁବିଧା ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ କୁହାଯାଇଛି। ଏହାଛଡ଼ା ଭୂତଳ ଜଳରେ ଲବଣାକ୍ତତା ଓ ହାର୍ଡନେସ୍ ସମସ୍ୟା ଥିବା ଉପକୂଳିଆ ଏବଂ ଖଣିଜ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଆଧାରରେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନିକ ପ୍ରତିଶ୍ରୁତି ଜିଲ୍ଲାର ପ୍ରତ୍ୟେକ ପରିବାର ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ପ୍ରକଳ୍ପ କାର୍ଯ୍ୟରେ କୌଣସି ଅବହେଳା କିମ୍ବା ନିମ୍ନମାନର କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ଏବଂ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, RWSS ନିର୍ବାହୀ ଯନ୍ତ୍ରୀ, ସମ୍ପୃକ୍ତ ବ୍ଲକର ବିଡିଓ ଏବଂ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାଇଁ ହୋମ୍ ସାଇଲୋରୁ ପଡି ଯୁବକ ଗୁରୁତର

ବଡ଼ଚଣା:ଆଦ୍ୟାଶା:ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ବୈରୀ ସ୍ଥିତ ନିର୍ମାଣାଧୀନ ମାଇଁ ହୋମ୍ ସିମେଣ୍ଟ କାରଖାନା (My Home Industries) ପରିସରରେ ଏକ ଅଭାବନୀୟ ଓ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କାରଖାନା କାମ ଚାଲିଥିବା ବେଳେ ଉଚ୍ଚ ସାଇଲୋରୁ ଖସିପଡ଼ି ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶ୍ରମିକମାନଙ୍କ ସୁରକ୍ଷା ଓ ନିରାପତ୍ତା ଦିଗରେ କୌଣସି ପ୍ରକାର ସତର୍କତା ଅବଲମ୍ବନ କରାଯାଉ ନଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଏବଂ ପ୍ରତିକ୍ରିୟା ପ୍ରକାଶ ପାଇଛି।ମଧ୍ୟାହ୍ନ ଭୋଜନ ସମୟରେ ଘଟିଲା ଅଘଟଣ ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ମଧ୍ୟାହ୍ନ ଭୋଜନ ସମୟରେ କାରଖାନାରେ ନିର୍ମାଣ କାମ ଚାଲିଥିବା ଏକ ବିରାଟକାୟ ସାଇଲୋ ଉପରୁ କୌଣସି କାରଣବଶତଃ ଖସିପଡ଼ି ଖଙ୍କିରା ଗ୍ରାମର ଜଣେ ଯୁବକ ପ୍ରାୟ ୧୫ ଫୁଟ୍ ତଳକୁ ଟଳିପଡ଼ିଥିଲେ। ଏହି ହଠାତ୍ ଦୁର୍ଘଟଣା ଯୋଗୁଁ ସେଠାରେ କାର୍ଯ୍ୟରତ ଅନ୍ୟ ଶ୍ରମିକ ଓ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଆହତ ଯୁବକଙ୍କୁ କମ୍ପାନୀ ଗାଡ଼ି ଯୋଗେ ଟାଙ୍ଗୀ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର, ପିଠିରେ ଗଭୀର କ୍ଷତ ଟାଙ୍ଗୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେଠାକର ଡାକ୍ତର ତାଙ୍କୁ ତୁରନ୍ତ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (SCB) ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ପରେ କମ୍ପାନୀ ଗାଡ଼ିରେ ହିଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଅଣାଯାଇ ସେଠାରେ ଜରୁରୀକାଳୀନ ଚିକିତ୍ସା ଜାରି ରହିଛି। ଦୁର୍ଘଟଣା ସମୟରେ ଯୁବକଙ୍କ ପିଠି ତଳକୁ ଅଣ୍ଟା ଭାଗରେ ଏକ ଧାରୁଆ ଲୁହା ବାଜିବାରୁ ଏକ ବିରାଟ ଓ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇବାକ୍ଷଣି ଆହତ ଯୁବକଙ୍କ ପରିବାରବର୍ଗ ଓ ଅଭିଭାବକମାନେ ଦୌଡ଼ିଆସି ଡାକ୍ତରଖାନାରେ ପହଞ୍ଚି ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ବାରମ୍ବାର ଦୁର୍ଘଟଣା, ଶ୍ରମିକ ସୁରକ୍ଷା ନେଇ ଉଠିଲା ପ୍ରଶ୍ନ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ଓ ଶ୍ରମିକ ସଙ୍ଗଠନ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ମାଇଁ ହୋମ୍ ସିମେଣ୍ଟ କାରଖାନାରେ ଏଭଳି ଦୁର୍ଘଟଣା ଘଟୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ଉପକରଣ (Safety Gears, Belts & Helmets) ଯୋଗାଇ ଦେଉନାହାନ୍ତି। କାରଖାନାରେ ନିରାପତ୍ତା ନିୟମକୁ ଜାଣିଶୁଣି ଜଳାଞ୍ଜଳି ଦିଆଯାଉଥିବା ଯୋଗୁଁ ନିରୀହ ଶ୍ରମିକମାନେ ନିଜ ଜୀବନ ବାଜି ଲଗାଇ କାମ କରୁଛନ୍ତି। ତେଣୁ ପ୍ରଶାସନ ଏହି ଦିଗରେ ଦୃଷ୍ଟି ଦେଇ କାରଖାନା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।




ଜିଲ୍ଲାରୁ ସିଧା ରିପୋର୍ଟ

# ଫସରଫାଟି ଯିବ କି ତାଳଗଛ ରୋପଣ ଯୋଜନା ?

ବଡଚଣା(ଆଦ୍ୟାଶା)ବିଶ୍ୱଜିତ୍ ଖିଲାର୍ : ପ୍ରତି ବର୍ଷ ମୌସୁମୀ ଆସିବା ମାତ୍ରେ ଆକାଶରୁ ମୃତ୍ୟୁ ବର୍ଷୁଛି। ମେଘ ଗର୍ଜନ ସହ ଆସୁଥିବା ବଜ୍ରପାତ ଏବେ ଓଡ଼ିଶା ପାଇଁ ଏକ ନୀରବ ମହାମାରୀ ପାଲଟିଛି। ସରକାରୀ ତଥ୍ୟ କହୁଛି, ପ୍ରତି ବର୍ଷ କେବଳ ବଜ୍ରପାତରେ ଶହ ଶହ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ଯାଉଛି। ବିଶେଷ କରି ଗାଁ ଗଣ୍ଡାର ଖୋଲା କ୍ଷେତବାଡ଼ିରେ କାମ କରୁଥିବା ଚାଷୀ, ମୂଲିଆ, ଗୋପାଳକ ଓ ସ୍କୁଲରୁ ଫେରୁଥିବା ଛାତ୍ରଛାତ୍ରୀ ଏହାର ସବୁଠାରୁ ଅଧିକ ଶିକାର ହେଉଛନ୍ତି। କିନ୍ତୁ ଏହି ମୃତ୍ୟୁକୁ ରୋକିବା ପାଇଁ ଆମ ପୂର୍ବପୁରୁଷଙ୍କ ପାଖରେ ଏକ ସହଜ ଓ ପ୍ରାକୃତିକ ବର୍ମ ଥିଲା ତାଳଗଛ।ପୂର୍ବରୁ ଗାଁ ରାସ୍ତା କଡ଼ରେ, ପୋଖରୀ ହୁଡ଼ାରେ, ଖୋଲା ପଡ଼ିଆ ଓ ବିଲ ବନ୍ଧ ଉପରେ ଶହ ଶହ ତାଳଗଛ ମୁଣ୍ଡ ଟେକି ଦଣ୍ଡାୟମାନ ଥିଲେ। ସେମାନେ କେବଳ ଗାଁର ସୌନ୍ଦର୍ଯ୍ୟ ନ ଥିଲେ, ସେମାନେ ଥିଲେ ଗାଁର ପ୍ରହରୀ।ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ, ମେଘମାଳାରୁ ଉତ୍ପନ୍ନ କାଳଗ୍ରାସୀ ବିଜୁଳି ବଳ ସବୁବେଳେ ସବୁଠାରୁ ଉଚ୍ଚ ଜାଗାକୁ ଖୋଜେ। ତାଳଗଛ ତାହାର ଉଚ୍ଚତା ଓ ରସଯୁକ୍ତ କାଣ୍ଡ ଯୋଗୁଁ ଛାତି ଖୋଲି ସେ ବଜ୍ରକୁ ସହି ନେଉଥିଲା ଓ ମାଟିକୁ ପଠାଇ ଦେଉଥିଲା। ଫଳରେ ତା' ଛାଇ ତଳେ କାମ କରୁଥିବା ମଣିଷ ବଞ୍ଚି ଯାଉଥିଲା। କାଳକ୍ରମେ ମଣିଷ ନିଜ ହାତରେ ନିଜର ସୁରକ୍ଷା କବଚକୁ ନଷ୍ଟ କରିଚାଲିଲା। ତାଳ ମଦ, ତାଳ କାଠ, ଘର କାମ ପାଇଁ ଗଛ କଟା ହେଲା। ରାସ୍ତା ପ୍ରଶସ୍ତୀକରଣ, ଘର ନିର୍ମାଣ ନାଁରେ ତାଳବଣ ଉଜୁଡ଼ି ଗଲା। ଆଜି ଗାଁରୁ ଦୃଶ୍ୟମାନ ହେଉନାହିଁ ତାଳଗଛ। ଓଲଟି ତାଳଗଛ ଜାଗାରେ ଏବେ ଗଡ଼ା ଉଠିଲାଣି ବଡ଼ ବଡ଼ ସୁଉଚ୍ଚ ମୋବାଇଲ ଟାୱାର। ଯାହା ବିଦ୍ୟୁତ୍ ସୁପରିବାହୀ। ବିଶେଷଜ୍ଞମାନେ କହୁଛନ୍ତି, ଏହି ଟାୱାର ଗୁଡ଼ିକ ବଜ୍ରକୁ ଆକର୍ଷିତ କରୁଛନ୍ତି ସତ, କିନ୍ତୁ ତାଳଗଛ ଭଳି ଚାରିଆଡ଼େ ବିଛାଇ ହୋଇ ସୁରକ୍ଷା ଦେଇ ପାରୁ ନାହାଁନ୍ତି।ଏହି ବିପଦକୁ ବୁଝି ସରକାର ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଥିଲେ। ବୃକ୍ଷ ରୋପଣ ସହିତ ତାଳଗଛ ରୋପଣକୁ ସାମିଲ କରାଯିବା। ପ୍ରତି ପଞ୍ଚାୟତ, ପ୍ରତି ରାସ୍ତା କଡ଼, ପୋଖରୀ ହୁଡ଼ା ଓ ସରକାରୀ ଜମିରେ ତାଳଗଛ ଲଗାଇବାକୁ ଯୋଜନା ପ୍ରସ୍ତୁତ ହେଲା। କାଗଜ କଲମରେ ଯୋଜନା ଖୁବ୍ ସୁନ୍ଦର ଦେଖାଗଲା। କିନ୍ତୁ ବାସ୍ତବତା ଏବେ ଅଲଗା କଥା କହୁଛି।ପ୍ରଶାସନିକ ଆନ୍ତରିକତା ଅଭାବରୁ ଏହି ଯୋଜନା ଏବେ ଇତିହାସ ହେବାକୁ ବସିଲାଣି। କାଁ ଭାଁ କିଛି ଜାଗାରେ ତାଳଗଛ ଲାଗିଛି ସତ, ହେଲେ ମୂଳ ଉଦ୍ଦେଶ୍ୟ ସଫଳ ହୋଇପାରିଲା ନାହିଁ। ଗଛ ଲଗାଇ ଫୋଟୋ ଉଠାଇବା ପର୍ଯ୍ୟନ୍ତ ହିଁ କାମ ସୀମିତ ରହିଗଲା। ପରେ କେଉଁ ଗଛ ବଞ୍ଚିଲା, କେଉଁ ଗଛ ମରିଗଲା, ତା'ର ହିସାବ କେହି ରଖିଲେ ନାହିଁ।ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ବଡଚଣାର ଚିତ୍ର। ଏଠାରେ ଉଦ୍ୟାନ କୃଷି, ହର୍ଟିକଲଚର, ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ଭଳି ମାଳ ମାଳ ସରକାରୀ କାର୍ଯ୍ୟାଳୟ ରହିଛି। ଆବଶ୍ୟକତାଠାରୁ ଅଧିକ କର୍ମଚାରୀ ମଧ୍ୟ ଅଛନ୍ତି। ସେମାନେ ବସି ବସି ସରକାରୀ ତହବିଲରୁ ଦରମା ନେଉଛନ୍ତି ବୋଲି ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି। କାମ କରିବାର ଇଚ୍ଛା ଶକ୍ତିରେ ଘୋର ଅଭାବ ରହିଛି। ଯୋଜନାକୁ ନିୟମିତ ତଦାରଖ କରିବାକୁ ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ପାଖରେ ସମୟ ନାହିଁ। ଫାଇଲ ଭିତରେ ଯୋଜନା ବନ୍ଦ ହୋଇ ରହିଯାଇଛି।ଅନ୍ୟପଟେ ପରିବେଶବିତ୍ ମାନେ ଏବେ ବି ଆଶା ଛାଡ଼ି ନାହାଁନ୍ତି। ସେମାନଙ୍କ ମତରେ, ଯଦି ତାଳଗଛ ରୋପଣକୁ ଏକ ଜନ ଆନ୍ଦୋଳନ କରାଯାଏ, ପ୍ରତି ଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ ପିଲା, ଯୁବକ କ୍ଲବକୁ ଗଛର ଟାର୍ଗେଟ ଦିଆଯାଏ, ତେବେ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଇବ। ତାଳଗଛ କେବଳ ବଜ୍ରପାତରୁ ରକ୍ଷା କରିବ ନାହିଁ, ଏହା ମାଟି ଧସିବାରୁ ରକ୍ଷା କରିବ, ଭୂଜଳ ବଢ଼ାଇବ, ପକ୍ଷୀଙ୍କୁ ବସା ଦେବ ଓ ଗାଁର ଅର୍ଥନୀତିକୁ ମଜବୁତ କରିବ।ପ୍ରଶ୍ନ ହେଉଛି, ଯୋଜନା କାଗଜରେ ରହିବ ନା ମାଟିରେ ଗଛ ହୋଇ ଉଠିବ? ଯଦି ପ୍ରଶାସନ ଏବେ ବି ଚେତିଲା ନାହିଁ, ତେବେ ଆଗାମୀ ବର୍ଷା ଋତୁରେ ପୁଣି କେତେ ମା' କୋଳ ଖାଲି ହେବ, ତାହା କେହି କହିପାରିବେ ନାହିଁ।



## ସୁକିନ୍ଦା ଖଣି ଅଞ୍ଚଳର ବିକାଶ ଓ ପ୍ରଭାବିତ ପରିବାରଙ୍କ ପୁନର୍ବାସ ନେଇ ବୈଠକ

ସୁକିନ୍ଦା/ଯାଜପୁର: ଯାଜପୁର ଜିଲ୍ଲାର କ୍ରୋମାଇଟ୍ ସମୃଦ୍ଧ ସୁକିନ୍ଦା ଖଣି ଅଞ୍ଚଳର ଆଞ୍ଚଳିକ ବିକାଶ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଖଣି ପ୍ରଭାବିତ ପରିବାରମାନଙ୍କ ସ୍ଥାୟୀ ପୁନର୍ବାସ ପ୍ରସଙ୍ଗକୁ ନେଇ ଏକ ବୃହତ୍ ସର୍ବଦଳୀୟ ଓ ପ୍ରଶାସନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ଜନପ୍ରତିନିଧି, ଖଣି କମ୍ପାନୀର କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ଯୋଗଦେଇ ବିଶଦ ଆଲୋଚନା କରିଛନ୍ତି। ପ୍ରଭାବିତ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଓ ପୁନର୍ବାସ ସୁକିନ୍ଦା ଉପତ୍ୟକାରେ ଚାଲିଥିବା ଖନନ କାର୍ଯ୍ୟ ଯୋଗୁଁ ପ୍ରଭାବିତ ହେଉଥିବା ଆଦିବାସୀ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ନିରାପଦ ପୁନର୍ବାସ ଯୋଗାଇଦେବାକୁ ବୈଠକରେ ନେତୃବୃନ୍ଦ ଦୃଢ଼ ଦାବି କରିଛନ୍ତି। ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସ୍ଥାୟୀ ବାସଗୃହ, ଜୀବିକାର ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ (DMF ଫଣ୍ଡ ଜରିଆରେ) ଏବଂ ସ୍ୱାସ୍ଥ୍ୟ ସେବାର ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଖଣି ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ଓ ସାମୂହିକ ସ୍ୱାସ୍ଥ୍ୟ ସୁରକ୍ଷା ଖଣି ଅଞ୍ଚଳରେ ଡାମଶାଳା ନାଳ ଓ ଆଖପାଖ ଭୂତଳ ଜଳରେ କ୍ରୋମିୟମ୍ ପ୍ରଭାବ ରୋକିବା ପାଇଁ ଜଳ ବିଶୋଧନ ପ୍ରକଳ୍ପକୁ ଅଧିକ କ୍ରିୟାଶୀଳ କରିବାକୁ ପରିବେଶ ବିଭାଗକୁ ପରାମର୍ଶ ଦିଆଯାଇଛି। ଏହାସହ ବର୍ଜ୍ୟବସ୍ତୁ ପରିଚାଳନା, ନିୟମିତ ରାସ୍ତା ସିଞ୍ଚନ ଓ ଗଛ ରୋପଣ ମାଧ୍ୟମରେ ଧୂଳି ପ୍ରଦୂଷଣ କମାଇବା ପାଇଁ ଖଣି ମାଲିକମାନଙ୍କୁ ତାଗିଦ୍ କରାଯାଇଛି। ସ୍ଥାନୀୟ ନିଯୁକ୍ତି ଓ DMF ଅନୁଦାନର ସ୍ୱଚ୍ଛତା ଜିଲ୍ଲା ଖଣିଜ ପ୍ରତିଷ୍ଠାନ (DMF) କୋଷରୁ ଆସୁଥିବା ଅନୁଦାନକୁ କେବଳ ଖଣି ପ୍ରଭାବିତ ସୁକିନ୍ଦାର ପ୍ରତ୍ୟକ୍ଷ ଗ୍ରାମଗୁଡ଼ିକର ବିକାଶରେ ସ୍ୱଚ୍ଛତାର ସହ ବିନିଯୋଗ କରିବାକୁ ନେତାମାନେ ଦାବି କରିଛନ୍ତି। ଏହାଛଡ଼ା ସ୍ଥାନୀୟ ଯୁବକମାନଙ୍କୁ ଖଣି ସଂସ୍ଥାଗୁଡ଼ିକରେ କୁଶଳୀ ଓ ଅକୁଶଳୀ ଶ୍ରମିକ ଭାବେ ନିଯୁକ୍ତି ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ପ୍ରଶାସନିକ ଅଧିକାରୀ, ସୁକିନ୍ଦା ଅଞ୍ଚଳର ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଏବଂ ଖଣି ସଂଘର ପ୍ରତିନିଧିମାନେ ଉପସ୍ଥିତ ରହି ଆଞ୍ଚଳିକ ବିକାଶ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ।

## କୋରାଇ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ 'ଜନସମ୍ପର୍କ ଅଭିଯାନ

କୋରାଇ/ଯାଜପୁର: ଯାଜପୁର ଜିଲ୍ଲାର କୋରାଇ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ପକ୍ଷରୁ ବ୍ୟାପକ 'ଜନସମ୍ପର୍କ ଅଭିଯାନ' ଓ ପାଦଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା, ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଏବଂ ଆଞ୍ଚଳିକ ସମସ୍ୟାଗୁଡ଼ିକୁ ନେଇ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। କୋରାଇ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଦଳୀୟ ନେତା ଓ କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କ ସମସ୍ୟା ବୁଝିବା ସହ ଦାବିପତ୍ର ସଂଗ୍ରହ କରୁଛନ୍ତି। 'ଘରକୁ ଘର କଂଗ୍ରେସ' ଓ ଚାଷୀ ସମସ୍ୟା ଉପରେ ଆଲୋଚନା ଏହି ଜନସମ୍ପର୍କ ଯାତ୍ରା ସମୟରେ କଂଗ୍ରେସ ନେତୃବୃନ୍ଦ ଅଞ୍ଚଳର ଚାଷୀମାନଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେଇଛନ୍ତି। ଧାନ ସଂଗ୍ରହରେ ମଣ୍ଡି ସମସ୍ୟା, କଟ୍‌ନି-ଛଟ୍‌ନି, କୃଷି ଉପକରଣ ଓ ସାରର ଅଭାବ ଏବଂ ଜଳସେଚନର ସୁବିଧା ନଥାଇ ଚାଷୀମାନେ କିପରି ହଇରାଣ ହେଉଛନ୍ତି, ସେ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି। ଏହାସହ ନିର୍ବାଚନମଣ୍ଡଳୀର ବହୁ ଯୁବକ ବେକାରୀ ସମସ୍ୟା ଯୋଗୁଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ନେଇ ଦଳୀୟ ନେତାମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସରକାରୀ ପ୍ରଶାସନିକ ବିଫଳତାକୁ କଡ଼ା ସମାଲୋଚନା ବ୍ଲକ୍ର ଅନ୍ୟତମ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ପାନୀୟ ଜଳ ସଙ୍କଟ, ବିପର୍ଯ୍ୟସ୍ତ ରାସ୍ତାଘାଟ ଏବଂ ସାଧାରଣ ବଣ୍ଟନ ପ୍ରଣାଳୀ (PDS) ର ଅନିୟମିତତା ପ୍ରସଙ୍ଗରେ କଂଗ୍ରେସ ନେତାମାନେ ଶାସକ ଦଳ ଓ ଜିଲ୍ଲା ପ୍ରଶାସନକୁ କଡ଼ା ସମାଲୋଚନା କରିଛନ୍ତି। କେବଳ ପ୍ରତିଶ୍ରୁତି ଭିତରେ କୋରାଇର ବିକାଶ ସୀମିତ ରହିଛି, ବାସ୍ତବରେ ଗ୍ରାମାଞ୍ଚଳର ଚିତ୍ର ବଦଳି ନାହିଁ ବୋଲି ପ୍ରତିବାଦ ସଭାରେ ବକ୍ତାମାନେ କହିଛନ୍ତି। କର୍ମୀଙ୍କ ସଙ୍କଳ୍ପ ଓ ଆଗାମୀ ଆନ୍ଦୋଳନ ଏହି ଅଭିଯାନରେ କୋରାଇ ନିର୍ବାଚନମଣ୍ଡଳୀର ଶତାଧିକ ବରିଷ୍ଠ ନେତା, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସର କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରୁଛନ୍ତି। ଯଦି ପ୍ରଶାସନ ସ୍ଥାନୀୟ ସମସ୍ୟାର ଶୀଘ୍ର ସମାଧାନ ନକରେ, ତେବେ ଆଗାମୀ ଦିନରେ କୋରାଇ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବୃହତ୍ ଘେରାଉ ଓ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ମାଟିର ଖବର

# ହିଙ୍ଗୁଳା ପାଠାଗାର ପକ୍ଷରୁ କୁନାକୁନି ପୁସ୍ତକମେଳା ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଅଭିବୃଦ୍ଧିରେ ଶିଶୁ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ




ତାଳଚେର:୦୬/୧୧:ଆଦ୍ୟାଶା:ତାଳଚେର ବ୍ଲକ ଅନ୍ତର୍ଗତ କଳମଛୁଇଁ ଗ୍ରାମସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମା' ହିଙ୍ଗୁଳା ପାଠାଗାର' ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ବର୍ଣ୍ଣାଢ଼ ୍ୟ କୁନାକୁନି ପୁସ୍ତକମେଳା ଏବଂ ବିଦ୍ୟାଳୟସ୍ତରୀୟ ସାଧାରଣଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଂପାଦକ ତଥା ଜଣାଶୁଣା ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ହାଡ଼ିବନ୍ଧୁ ପ୍ରଧାନ ଅଧକ୍ଷତା କରିଥିଲେ। ଅତିଥିମାନଙ୍କ ଯୋଗଦାନ ଓ ଶିଶୁ ସାହିତ୍ୟର ଗୁରୁତ୍ୱ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଏବଂ ପାଠାଗାରର ବରିଷ୍ଠ ସଦସ୍ୟ ପଞ୍ଚାନନ ବେହେରା ପ୍ରମୁଖ ମଞ୍ଚାସୀନ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ ଯେ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଠନ ଅଭ୍ୟାସ ଏବଂ ସୃଜନଶୀଳତା ଅଭିବୃଦ୍ଧି ପାଇଁ ଶିଶୁ ପତ୍ରିକା ଓ ପୁସ୍ତକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପିଲାମାନଙ୍କୁ ପାଠପଢ଼ା ସହିତ ସାହିତ୍ୟ ଓ ସଂସ୍କୃତିପ୍ରେମୀ କରି ଗଢ଼ିତୋଳିବାରେ ସାହାଯ୍ୟ କରିଥାଏ।କୁନାକୁନି ପୁସ୍ତକ ମେଳା ଓ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅବସରରେ ପାଠାଗାର ପକ୍ଷରୁ ଏକ ସ୍ୱତନ୍ତ୍ର 'କୁନାକୁନି ପୁସ୍ତକ ମେଳା' ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ପାଠାଗାର ପକ୍ଷରୁ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ଶାରଦୀୟ ବିଶେଷାଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଶୁ କିଶୋର ପତ୍ରିକା ଓ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହିତ ପୁସ୍ତକ ମେଳାରୁ ରିହାତି ଦରରେ ପତ୍ରିକା ଓ ପୁସ୍ତକ କ୍ରୟ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୁଇଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ୭୨ ଜଣ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ୮୬ ଜଣ ମୋଟ ଶତାଧିକ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପାଠାଗାରର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ପରିଚାଳନା ପ୍ରତିଯୋଗିତାଗୁଡ଼ିକରେ ନିରପେକ୍ଷ ବିଚାରକ ଭାବରେ ଆଚାର୍ଯ୍ୟ ସଞ୍ଜୟ ସାଲିମା, ଭଗବତୀ ମହାପାତ୍ର, ମଳୟ ଦାସ ଓ ସୁଶ୍ରୀ ତ୍ରିପାଠୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କୁ ମାନପତ୍ର ଓ ପୁସ୍ତକ ପ୍ରଦାନ କରି ଭବ୍ୟ ଭାବେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଭଗବାନ ବେହେରା କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ପାଠାଗାରର ବରିଷ୍ଠ ସଦସ୍ୟ ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଫଳ ଆୟୋଜନରେ ଆଚାର୍ଯ୍ୟ ଦୁର୍ଯ୍ୟୋଧନ ସାହୁ, ସ୍ନେହଲତା ସ୍ୱାଇଁ, ଟୁନିତା ସାହୁ, ପ୍ରକାଶ ପ୍ରଧାନ, ସୁକନ୍ୟା ମାଝୀ, ସ୍ୱାଗତିକା ସାହୁ ପ୍ରମୁଖ ସମସ୍ତ କର୍ମକର୍ତ୍ତା ସକ୍ରିୟ ଭାବେ ସହଯୋଗ କରିଥିଲେ। ତାଳଚେର ଅଞ୍ଚଳରେ ଶିଶୁମାନଙ୍କ ମଧ୍ୟରେ ସାହିତ୍ୟ ଓ ଜ୍ଞାନର ଆଲୋକ ବିସ୍ତାର କରିବାରେ ମା' ହିଙ୍ଗୁଳା ପାଠାଗାରର ଏହି ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀମାନେ ବେଶ୍ ପ୍ରଶଂସା କରିଛନ୍ତି।

ଜନମତ

## କଳିଙ୍ଗନଗର ଶିଳ୍ପାଞ୍ଚଳରେ ଘନଉଛି ଶ୍ରମିକ ଅସନ୍ତୋଷ:

କଳିଙ୍ଗନଗର/ଯାଜପୁର: ଓଡ଼ିଶାର ପ୍ରମୁଖ ଶିଳ୍ପ ହବ୍ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକ ଅସନ୍ତୋଷ ଦିନକୁ ଦିନ ଘନଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ପ୍ରତିଷ୍ଠିତ କାରଖାନା ଓ ପ୍ରକଳ୍ପରେ କାର୍ଯ୍ୟରତ ସ୍ଥାନୀୟ ଶ୍ରମିକମାନଙ୍କୁ ଉପଯୁକ୍ତ ମଜୁରି, ନିଯୁକ୍ତିରେ ପ୍ରାଥମିକତା ଏବଂ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉନଥିବା ଅଭିଯୋଗ ଆଣି ଶ୍ରମିକ ସଂଘ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଶାସନ ଓ ଶିଳ୍ପ କର୍ତ୍ତୃପକ୍ଷଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ସ୍ଥାନୀୟ ଶ୍ରମିକଙ୍କ ନିଯୁକ୍ତି ଓ ଠିକା ଶ୍ରୋତ ସମସ୍ୟା କଳିଙ୍ଗନଗରର ବିଭିନ୍ନ ବୃହତ୍ ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ଶିଳ୍ପ ଏକକରେ ସ୍ଥାନୀୟ ପ୍ରଭାବିତ ପରିବାରର ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁନଥିବା ବେଳେ ବାହାର ରାଜ୍ୟର ଶ୍ରମିକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡ଼ା ଠିକା ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଆଇନ ଅନୁଯାୟୀ ବେତନ, ଇଏସ୍ଆଇ (ESI) ଏବଂ ପିଏଫ୍ (PF) ଭଳି ସାମାଜିକ ସୁରକ୍ଷା ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ରାଜନୈତିକ ଦଳ ଓ ଶ୍ରମିକ ସଂଘର ମିଳିତ ହସ୍ତକ୍ଷେପ ଶ୍ରମିକମାନଙ୍କ ଏହି ନ୍ୟାୟଯୁକ୍ତ ଦାବିକୁ ସମର୍ଥନ ଜଣାଇ ସ୍ଥାନୀୟ ରାଜନୈତିକ ନେତୃବୃନ୍ଦ ଓ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଏକଜୁଟ୍ ହୋଇଛନ୍ତି। କାରଖାନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଶ୍ରମ ବିଭାଗ ଅଧିକାରୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ କରିବାକୁ ଦାବି କରାଯାଇଛି। ଯଦି ଶିଳ୍ପସଂସ୍ଥାଗୁଡ଼ିକ ସ୍ଥାନୀୟ ବାସିନ୍ଦା ଓ ଶ୍ରମିକଙ୍କ ସ୍ୱାର୍ଥର ସୁରକ୍ଷା ନକରନ୍ତି, ତେବେ ଆଗାମୀ ଦିନରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବ୍ୟାପକ ଆନ୍ଦୋଳନ ଏବଂ କାରଖାନା ଗେଟ୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ବୁଦ୍ଧିଜୀବୀ ମହଲରୁ ମଧ୍ୟ ମତ ପ୍ରକାଶ ପାଇଛି।

## ପୌରପାଳିକାରେ ଉନ୍ନୟନମୂଳକ କାର୍ଯ୍ୟ ଓ ପରିମଳ ସମସ୍ୟାକୁ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

ବ୍ୟାସନଗର/ଯାଜପୁର:ଯାଜପୁର ଜିଲ୍ଲାର ପ୍ରମୁଖ ଶିଳ୍ପ ସହର ତଥା ବ୍ୟବସାୟିକ କେନ୍ଦ୍ର ଭାବେ ପରିଚିତ ବ୍ୟାସନଗର (ଯାଜପୁର ରୋଡ୍) ପୌରପାଳିକା ପରିସରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ସମସ୍ୟା ଏବଂ ନାଳନର୍ଦ୍ଦମା ନିର୍ମାଣରେ ବ୍ୟାପକ ଅନିୟମିତତାକୁ ନେଇ ସ୍ଥାନୀୟ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ବିଜେପିର ବରିଷ୍ଠ ନେତୃବୃନ୍ଦ, କାଉନସିଲର୍ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୌର ପ୍ରଶାସନ ଓ ଶାସକ ଦଳକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।ସହରରେ ପରିମଳ ଓ ଡ୍ରେନେଜ୍ ସମସ୍ୟା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତାମାନେ ଗୁରୁତର ଅଭିଯୋଗ ଆଣି କହିଛନ୍ତି ଯେ, ବ୍ୟାସନଗର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ଘରୋଇ ଆବର୍ଜନା ଓ ଅଳିଆଆବର୍ଜନା ସଠିକ୍ ଭାବେ ଅପସାରଣ କରାଯାଉ ନାହିଁ। ବର୍ଷା ଦିନ କଥା ଦୂରେ ଥାଉ, ସାଧାରଣ ଦିନମାନଙ୍କରେ ମଧ୍ୟ ସହରର ପ୍ରଧାନ ନାଳ ଓ ଡ୍ରେନଗୁଡ଼ିକ ଅବରୁଦ୍ଧ ହୋଇ ରହୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ନାଳର ପାଣି ରାସ୍ତା ଉପରକୁ ମାଡ଼ି ଆସୁଥିବା ବେଳେ ମଶାମାନଙ୍କ ପ୍ରାଦୁର୍ଭାବ ଓ ବଂଶବୃଦ୍ଧି ଯୋଗୁଁ ସହରବାସୀ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କାରେ ଦିନ କାଟୁଛନ୍ତି, ମାତ୍ର ପୌର ପ୍ରଶାସନ ଏନେଇ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି।ପାନୀୟ ଜଳ ଯୋଗାଣ ଓ ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ସହରର ଅନେକ ଅଞ୍ଚଳରେ ଲୋକମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ବେଳେ ପାଇପ୍‌ଲାଇନ୍ ସଂଯୋଗରେ ତ୍ରୁଟି ଏବଂ ପୁରୁଣା ପାଇପ୍ ଫାଟିଯିବା ଯୋଗୁଁ ଅନେକ ସ୍ଥାନରେ ଦୂଷିତ ଜଳ ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଜଳଜନିତ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏହାସହ ସହରର ବିଭିନ୍ନ ଆଭ୍ୟନ୍ତରୀୟ ରାସ୍ତାଘାଟ ଭାଙ୍ଗିରୁଜି ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ସହରୀକରଣ କାମ ନାଁରେ କେବଳ ପ୍ରହସନ ଚାଲିଛି ବୋଲି ବିଜେପି ନେତାମାନେ କ୍ଷୋଭ ପ୍ରକାଶ କରିଛନ୍ତି।ପ୍ରଶାସନକୁ କଡ଼ା ଚେତାବନୀ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିଜେପି ପକ୍ଷରୁ ପ୍ରଶାସନକୁ କଡ଼ା ଚେତାବନୀ ଦିଆଯାଇ କୁହାଯାଇଛି ଯେ, ଯଦି ଆଗାମୀ କିଛି ଦିନ ଭିତରେ ବ୍ୟାସନଗର ପୌରପାଳିକା ପକ୍ଷରୁ ସହରର ସ୍ୱଚ୍ଛତା, ପାନୀୟ ଜଳ ବ୍ୟବସ୍ଥା ଏବଂ ଡ୍ରେନେଜ୍ ସମସ୍ୟାରେ ଦୃଢ଼ ସୁଧାର ଅଣା ନଯାଏ, ତେବେ ସାଧାରଣ ଜନସାଧାରଣଙ୍କୁ ସାଙ୍ଗରେ ଧରି ଦଳ ପକ୍ଷରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ ଓ ଘେରାଉ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ କାଉନସିଲର୍, ଯୁବ ମୋର୍ଚ୍ଚା ଏବଂ ବରିଷ୍ଠ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

## ଯାଜପୁରରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

ଯାଜପୁର:ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖିଆଗରେ ରଖି ଯାଜପୁର ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ସ୍ଥାନୀୟ ଜିଲ୍ଲା ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀରେ ଦଳର ବର୍ତ୍ତମାନର ସ୍ଥିତି, ତୃଣମୂଳ ସଂଗଠନକୁ ଅଧିକ ମଜବୁତ୍ କରିବା ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କୁ ସକ୍ରିୟ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ତୃଣମୂଳ ସ୍ତରରେ ସଂଗଠନ ପୁନର୍ଗଠନ ଉପରେ ସର୍ବାଧିକ ଗୁରୁତ୍ୱ ବୈଠକରେ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ପଞ୍ଚାୟତ, ୱାର୍ଡ ଏବଂ ବୁଥ୍ ସ୍ତରରେ ଦଳୀୟ କମିଟିଗୁଡ଼ିକର କାର୍ଯ୍ୟକାରିତା ଓ ସକ୍ରିୟତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଦଳ ପାଇଁ ଦୀର୍ଘଦିନ ଧରି ନିରନ୍ତର କାର୍ଯ୍ୟ କରୁଥିବା ପୁରୁଣା ଓ ନିଷ୍ଠାପର କର୍ମୀଙ୍କ ଅଭିଜ୍ଞତାକୁ ସାଙ୍ଗରେ ନେଇ ଯୁବ ଓ ମହିଳା ନେତୃତ୍ୱକୁ ଆଗାମୀ ଦିନରେ ଆଗକୁ ଆଣିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ପଞ୍ଚାୟତ ଓ ପୌରାଞ୍ଚଳରେ ସାଙ୍ଗଠନିକ ବୈଠକମାନ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯିବ ବୋଲି ସୂଚନା ଦିଆଯାଇଛି।ସରକାରୀ ଯୋଜନାର ପ୍ରଚାର ଓ ଜନସମ୍ପର୍କ ଅଭିଯାନ ନବୀନ ପଟ୍ଟନାୟକଙ୍କ ସରକାର ଅମଳର ସମସ୍ତ ଜନକଲ୍ୟାଣକାରୀ ଯୋଜନା, ବିଶେଷ କରି ମହିଳା ସଶକ୍ତିକରଣର ପ୍ରତୀକ 'ମିଶନ ଶକ୍ତି', ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା, ଚାଷୀ କଲ୍ୟାଣ ଏବଂ ଭିତ୍ତିଭୂମି ବିକାଶର ସଫଳତାକୁ ସାଧାରଣ ଜନସାଧାରଣଙ୍କ ପାଖରେ ପୁନର୍ବାର ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଏହାସହ ବର୍ତ୍ତମାନର ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ବିଭିନ୍ନ ମୌଳିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ନେଇ ପ୍ରଶାସନିକ ସ୍ତରରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି।ମତଭେଦ ଭୁଲି ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଏହି ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲାର ସମସ୍ତ ପୂର୍ବତନ ବିଧାୟକ, ଜିଲ୍ଲା ପରିଷଦ ସଭାପତି, ସଦସ୍ୟ, ବ୍ଲକ୍ ଚେୟାରମ୍ୟାନ୍, ପୌର କାଉନସିଲର୍ ଏବଂ ବହୁସଂଖ୍ୟାରେ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅନ୍ତରଙ୍ଗ ମତଭେଦ ଓ ବ୍ୟକ୍ତିଗତ ମତାମତକୁ ଭୁଲି ସମସ୍ତେ ଦଳୀୟ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ମିଳିମିଶି ଏକଜୁଟ୍ ହଇ କାମ କଲେ ଯାଜପୁର ଜିଲ୍ଲା ପୂର୍ବଭଳି ବିଜେଡିର ଏକ ଅଭେଦ୍ୟ ଗଡ଼ ହୋଇ ରହିବ ବୋଲି ବରିଷ୍ଠ ନେତାମାନେ ନିଜ ନିଜ ବକ୍ତବ୍ୟରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଦଳୀୟ ସମ୍ପାଦକ ଉପସ୍ଥିତ ସମସ୍ତ ନେତା ଓ କର୍ମୀମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ।

ADYASHA
ଆଦ୍ୟାଶା

ରାଜ୍ୟ

PRGI No. ORORI/25/A0506
Daily Edition
Email : adyashgroup.com
BHUBANESWAR | Vol. 02 | Issue 12
ଶନିବାର, ୦୭ ନଭେମ୍ବର ୨୦୨୬
ପୃଷ୍ଠା ୦୪ Rs. 7

ଆଜିର ପ୍ରମୁଖ

## ନାଗପଡ଼ାରେ ତୃତୀୟ ପର୍ଯାୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ସ୍ଥାପନ



ନୂଆପଡ଼ା, ୬/୧୧ (ଆଦ୍ୟାଶା ଲାଇଭ୍ – ଲମ୍ବୋଦର ବାଗ): ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ପ୍ରସାର, ଶିକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଏବଂ ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ଅନ୍ତର୍ଗତ ନାଗପଡ଼ା ଗ୍ରାମରେ ଏକ ଐତିହାସିକ ଶିକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ନାଗପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନକୁ ନେଇ ନାଗପଡ଼ା ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଖୁସି ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଦୀର୍ଘଦିନରୁ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉନ୍ନତ ମାନର ଶିକ୍ଷା ଯୋଗାଇଦେବାର ଯେଉଁ ଆଶା ରହିଥିଲା, ଏହି ପଦକ୍ଷେପ ତାହାକୁ ଆହୁରି ସୁଦୃଢ଼ କରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲାରେ ମୋଟ ୩୬ଟି ବିଦ୍ୟାଳୟକୁ ତିନୋଟି ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଛି। ସେଥିମଧ୍ୟରୁ ବୋଡ଼େନ ବ୍ଲକରେ ମାତ୍ର ଦୁଇଟି ବିଦ୍ୟାଳୟ ସ୍ଥାନ ପାଇଥିବା ବେଳେ ନାଗପଡ଼ା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏଥିରେ ସ୍ଥାନ ପାଇବା ଅଞ୍ଚଳ ପାଇଁ ଏକ ଗୌରବର ବିଷୟ ହୋଇଛି। ଏହି ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବା ଦ୍ୱାରା ଗ୍ରାମାଞ୍ଚଳର ଶିକ୍ଷାର୍ଥୀମାନେ ଆଗାମୀ ଦିନରେ ଉନ୍ନତ ଶିକ୍ଷାର ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି। ଏହି ଅବସରରେ ଆୟୋଜିତ ସଭାରେ ବୋଡ଼େନ ବ୍ଲକ ଉପାଧକ୍ଷା ସଂଗୀତା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୋଡ଼େନ ବିଡ଼ିଓ ଶ୍ରୀ ଚିତ୍ତରଞ୍ଜନ ସାଗର, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ରାଜୁ ହେର୍ଣ୍ଡୋ, ପାତାଳଗଙ୍ଗା ମଣ୍ଡଳ ବିଜେପି ସଭାପତି ନୀଳାମ୍ବର ମେହେର, ବିଜେପି ଜିଲ୍ଲା ଉପସଭାପତି ଅବନୀ ଯୋଶୀ, ଜିଲ୍ଲା ଉପସଭାପତି ତଥା ସାଂସଦ ପ୍ରତିନିଧି ରାତ୍ର ନନ୍ଦ ମନହିରା, ସ୍ଥାନୀୟ ସରପଞ୍ଚ ଗମ୍ଭୀର ତାଣ୍ଡି, ଏବିଇଓ ଅଙ୍କନ ସିଂ ମାଝୀ ଓ ଅମୂଲ୍ୟ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ କମଳେ ମାଝୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବୈଷ୍ଣବ ଦୁରିଆ ସୁନ୍ଦର ଓ ସୁଚାରୁ ରୂପେ ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ନିଷ୍ଠା, ଶୃଙ୍ଖଳା ଓ ଏକାଗ୍ରତାର ସହ ଅଧ୍ୟୟନ କରି ନିଜ ଅଞ୍ଚଳ ତଥା ରାଜ୍ୟର ଗୌରବ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ଏକ ଆଦର୍ଶ ବିଦ୍ୟାଳୟ କେବଳ ଶିକ୍ଷାଦାନର କେନ୍ଦ୍ର ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନ, ଚରିତ୍ର, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ବିକାଶ କରିବାର ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା। ଏହି ବିଦ୍ୟାଳୟର ଉନ୍ନତି ଦ୍ୱାରା ନାଗପଡ଼ା ଓ ଏହାର ଆଖପାଖ ଗ୍ରାମର ଅନେକ ଛାତ୍ରଛାତ୍ରୀ ଉପକୃତ ହେବା ସହ ଶିକ୍ଷା କ୍ଷେତ୍ରରେ ଅଞ୍ଚଳର ଏକ ନୂତନ ପରିଚୟ ସୃଷ୍ଟି ହେବ। ବିଶେଷକରି ଗ୍ରାମାଞ୍ଚଳର ପିଲାମାନଙ୍କୁ ଉନ୍ନତ ଶିକ୍ଷାର ସୁଯୋଗ ମିଳିଲେ ସେମାନେ ଭବିଷ୍ୟତରେ ଉଚ୍ଚଶିକ୍ଷା ଓ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ପ୍ରତିପାଦନ କରିପାରିବେ। ତେଣୁ ଏହି ପ୍ରକଳ୍ପକୁ ଅଞ୍ଚଳର ଶିକ୍ଷା ବିକାଶ ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ବିଦ୍ୟାଳୟର ଉନ୍ନତି ଓ ଶିକ୍ଷାର ମାନ ବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନାଗପଡ଼ାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଫଳରେ ଅଞ୍ଚଳରେ ଶିକ୍ଷାର ନୂତନ ଅଧ୍ୟାୟ ଆରମ୍ଭ ହେବା ସହ ଆଗାମୀ ପିଢ଼ିର ଭବିଷ୍ୟତ ଗଠନରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ ପାଇଛି।

# ଦାବ୍ରି ରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତରସ୍ଥାପନ



ଖଡ଼ିଆଳ:(ଆଦ୍ୟାଶା):ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦାବ୍ରି ଗ୍ରାମ ପଞ୍ଚାୟତର ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରସ୍ତାବିତ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅତ୍ୟନ୍ତ ଉତ୍ସାହ ଓ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି। ଦାବ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆୟୋଜନରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ସମାରୋହରେ ଅଞ୍ଚଳର ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଏବଂ ଅଭିଭାବକମାନେ ବହୁସଂଖ୍ୟାରେ ଯୋଗଦେଇଥିଲେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଦ୍ୱାରା ଏହି ଦୁର୍ଗମ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି ବୋଲି ଚର୍ଚ୍ଚା ହେଉଛି।ଅତିଥିମାନଙ୍କ ଯୋଗଦାନ ଓ ସଭା କାର୍ଯ୍ୟ ଦାବ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁରାଧା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଖଡ଼ିଆଳ ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଦାବ୍ରି ସରପଞ୍ଚ ଅମ୍ବିକା ମାଝୀ, ସମିତିସଭ୍ୟା ଲୋଚନା ମାଝୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଜୟରାମ ମାଝୀ, ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହ୍ଲାଦ ବେହେରା, ସେହି ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡୋଳାମଣି ଜଗତ ଏବଂ ସିଆରସିସି ବିରଞ୍ଚି ମେହେର ପ୍ରମୁଖ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ରଖିଥିଲେ।ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଗୁରୁତ୍ୱ ଏହି ଅବସରରେ ଆୟୋଜିତ ସଭାରେ ଅଞ୍ଚଳର ଶିକ୍ଷାର ବିକାଶ, ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଓ ଆଧୁନିକ ଶିକ୍ଷାର ସୁଯୋଗ ପ୍ରଦାନ ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏହି ପ୍ରସ୍ତାବିତ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଦାବ୍ରି ସମେତ ଆଖପାଖ ଅଞ୍ଚଳର ପିଲାମାନେ ଏଣିକି ଗୁଣାତ୍ମକ ଶିକ୍ଷା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ଅଞ୍ଚଳବାସୀ ଦୃଢ଼ ଆଶା ପୋଷଣ କରିଛନ୍ତି।ଦୀର୍ଘଦିନର ଆଶା ପୂରଣ ଏବଂ ସ୍ଥାନୀୟ ମହଲରେ ଖୁସିର ଲହରୀ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକମାନଙ୍କ ଦାବି ରହିଥିଲା। ଆଜି ଏହି ଭିତ୍ତିପ୍ରସ୍ତର ସ୍ଥାପନ ଜରିଆରେ ସେମାନଙ୍କର ସେହି ଶିକ୍ଷାଗତ ଆଶା ଓ ସ୍ୱପ୍ନ ସାକାର ହେବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବ ଏବଂ ଏହା ଏହି ଅଞ୍ଚଳର ସାମ୍ଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ଦେବ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି।

ଜନମତ

## ବିକାଶ ଶ୍ରେୟ ଓ ପ୍ରକଳ୍ପକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ,

ବୋଡ଼େନ୍/ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ପ୍ରମୁଖ ବ୍ଲକ୍ ଅଞ୍ଚଳ ବୋଡ଼େନ୍‌ରେ ସ୍ଥାନୀୟ ଉନ୍ନୟନମୂଳକ କାର୍ଯ୍ୟର ଶ୍ରେୟ ନେବା, ପ୍ରକଳ୍ପ ଅନୁଦାନର ବିନିଯୋଗ ଏବଂ ସାଙ୍ଗଠନିକ ପ୍ରାଧାନ୍ୟ ବିସ୍ତାରକୁ ନେଇ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳ (ବିଜେଡି) ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଛି। ବୋଡ଼େନ୍ ବ୍ଲକ୍ ମୁଖ୍ୟାଳୟ ଏବଂ ଆଖପାଖ ପଞ୍ଚାୟତଗୁଡ଼ିକରେ ଉଭୟ ଶାସକ ଓ ବିରୋଧୀ ଦଳ ପକ୍ଷରୁ ପୃଥକ୍ ପୃଥକ୍ ପ୍ରତିବାଦ ସଭା ଏବଂ ସାମ୍ବାଦିକ ସମ୍ମିଳନୀ କରାଯାଇ ପରସ୍ପର ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ବିରୋଧୀଙ୍କ ଅଭିଯୋଗ: "ସରକାରୀ ଯୋଜନାରେ ଦଳୀୟକରଣ ଓ ପ୍ରକଳ୍ପ କାମରେ ବିଳମ୍ବ" ବୋଡ଼େନ୍ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ଓ କଂଗ୍ରେସ ପକ୍ଷରୁ କରାଯାଇଥିବା ପ୍ରତିବାଦ ସଭାରେ ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, ଗ୍ରାମାଞ୍ଚଳରେ ପୂର୍ବରୁ ମଞ୍ଜୁର ହୋଇଥିବା ପାନୀୟ ଜଳ, ଆବାସ ଯୋଜନା ଓ ରାସ୍ତା ନିର୍ମାଣ କାର୍ଯ୍ୟଗୁଡ଼ିକୁ ଶାସକ ଦଳର ଆକ୍ରୋଶମୂଳକ ନୀତି ଯୋଗୁଁ ଅଟକାଇ ରଖାଯାଉଛି। ବୋଡ଼େନ୍‌ର ଆଦିବାସୀ ଓ ଉପାନ୍ତ ଗ୍ରାମଗୁଡ଼ିକରେ ସରକାରୀ ସହାୟତା ବଣ୍ଟନ ବେଳେ ପ୍ରଶାସନିକ ସ୍ତରରେ ଦଳପାତପାତ କରାଯାଉଥିବା ନେଇ ବିରୋଧୀ ନେତାମାନେ କଡ଼ା ସମାଲୋଚନା କରିଛନ୍ତି। ବିଜେପିର ପାଲଟା ଜବାବ: "ଦୁର୍ନୀତି ଲୁଚାଇବାକୁ ବିରୋଧୀଙ୍କ ପ୍ରଚାର" ସେପଟେ ବିଜେପି ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀରେ ସ୍ଥାନୀୟ ନେତୃବୃନ୍ଦ ବିରୋଧୀଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଜେପି ନେତାମାନେ କହିଛନ୍ତି ଯେ, ବିଗତ ବର୍ଷଗୁଡ଼ିକରେ ବୋଡ଼େନ୍ ବ୍ଲକ୍‌ରେ ଗ୍ରାମ୍ୟ ଉନ୍ନୟନ ଫଣ୍ଡ ଓ ସରକାରୀ ଅନୁଦାନର ବ୍ୟାପକ ହରିଲୁଟ୍ ହୋଇଥିଲା। ବର୍ତ୍ତମାନ ସ୍ୱଚ୍ଛତା ଓ ଅଗ୍ରାଧିକାର ଆଧାରରେ ପ୍ରକୃତ ହିତାଧିକାରୀଙ୍କ ପାଖରେ ବିକାଶ ପହଞ୍ଚାଯାଉଥିବାରୁ ହତାଶ ହୋଇ ବିରୋଧୀ ଦଳଗୁଡ଼ିକ ମିଥ୍ୟା ଅଭିଯୋଗ ଆଣି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ପୋଲିସ ପ୍ରଶାସନର ସଜାଗ ଦୃଷ୍ଟି ଉଭୟ ପକ୍ଷର କ୍ରମାଗତ ସଭା-ସମିତି ଓ ଶୋଭାଯାତ୍ରା ଯୋଗୁଁ ବୋଡ଼େନ୍ ସହର ଏବଂ ଆଖପାଖ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି କିମ୍ବା ଆଇନଶୃଙ୍ଖଳା ସମସ୍ୟା ରୋକିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପ୍ରମୁଖ ଛକଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାଧାରଣ ଜନସାଧାରଣଙ୍କ ଶାନ୍ତି ପ୍ରତି ଦୃଷ୍ଟି ରଖି ସଂଯମତା ଅବଲମ୍ବନ କରିବାକୁ ଜିଲ୍ଲା ପୋଲିସ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଆହ୍ୱାନ ଦିଆଯାଇଛି।

ଜିଲ୍ଲାରୁ ସିଧା ରିପୋର୍ଟ

## ନୂଆପଡ଼ା ଜିଲ୍ଲା ପ୍ରଶାସନର ତ୍ୱରିତ ହସ୍ତକ୍ଷେପରେ ସାପ କାମୁଡ଼ା ପୀଡ଼ିତାଙ୍କୁ ମିଳିଲା ନୂଆ ଜୀବନ

ନୂଆପଡ଼ା:୦୬/୧୧: ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କ ସହାୟତା ନିବେଦନ ପ୍ରତି ତ୍ୱରିତ ଓ ସମ୍ବେଦନଶୀଳ ପଦକ୍ଷେପ ଗ୍ରହଣ କରି ନୂଆପଡ଼ା ଜିଲ୍ଲା ପ୍ରଶାସନ ଜନସେବାର ଏକ ଉଦାହରଣ ସୃଷ୍ଟି କରିଛି। ପ୍ରଶାସନର ତତ୍ପରତା ଓ ସମନ୍ୱିତ ଉଦ୍ୟମ ଯୋଗୁଁ ସୁନାବେଡ଼ା ଅଞ୍ଚଳର ଦୁର୍ଗମ ଧେକୁନପାଣି ଗ୍ରାମର ସାପ କାମୁଡ଼ାରେ ଗୁରୁତର ମହିଳା ରାଜେଶ୍ୱରୀ ପାହାରିଆଙ୍କୁ ତୁରନ୍ତ ଚିକିତ୍ସା ସହାୟତା ମିଳିପାରିଛି। ସୂଚନା ଅନୁଯାୟୀ, ରାଜେଶ୍ୱରୀଙ୍କୁ ଏକ ବିଷଧର ସାପ କାମୁଡ଼ିବା ପରେ ତାଙ୍କୁ ପ୍ରଥମେ ସୁନାବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (PHC)କୁ ନିଆଯାଇଥିଲା। ସେଠାରେ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH)କୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ଦୁର୍ଗମ ଅଞ୍ଚଳରେ ଯାତାୟାତ ସମସ୍ୟା ଯୋଗୁଁ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେବାରେ ଅସୁବିଧା ଉପୁଜିଥିଲା। ଏହି ପରିସ୍ଥିତିରେ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ମହିଳାଙ୍କ ଜୀବନ ରକ୍ଷା ପାଇଁ ତୁରନ୍ତ ଆମ୍ବୁଲାନ୍ସ ସହାୟତା ନିମନ୍ତେ ନିବେଦନ କରାଯାଇଥିଲା। ଏହି ନିବେଦନ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅନ୍ୟା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୁନାବେଡ଼ା CBDAର ସହଯୋଗରେ ମହିଳାଙ୍କୁ ନୂଆପଡ଼ା DHHକୁ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ସୁନାବେଡ଼ା CBDAର ସ୍ୱତନ୍ତ୍ର ଅଧିକାରୀ ବିଜୟାନନ୍ଦ ମଲ୍ଲିକ ଆମ୍ବୁଲାନ୍ସ ଧେକୁନପାଣି ଗ୍ରାମରେ ପହଞ୍ଚିବା ଓ ରୋଗୀଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA)ର ସଚିବ ନବନୀତା ଦାଶଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସମନ୍ୱୟ ରକ୍ଷା କରି ସହଯୋଗ କରିଥିଲେ। ଆମ୍ବୁଲାନ୍ସ ଧେକୁନପାଣି ଗ୍ରାମରେ ପହଞ୍ଚି ରାଜେଶ୍ୱରୀଙ୍କୁ ସୁରକ୍ଷିତ ଭାବେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ସେଠାରେ ତାଙ୍କର ଚିକିତ୍ସା କରାଯାଉଥିବା ବେଳେ ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ଚିକିତ୍ସା ସୁଚାରୁ ରୂପେ ଚାଲିଥିବା ଜଣାପଡ଼ିଛି। ଜରୁରୀ ସମୟରେ ଜିଲ୍ଲାପାଳଙ୍କ ତ୍ୱରିତ ହସ୍ତକ୍ଷେପ, ବିଭିନ୍ନ ସଂସ୍ଥା ଓ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ମାନବିକ ସମ୍ବେଦନଶୀଳତା ଯୋଗୁଁ ଜଣେ ଗୁରୁତର ରୋଗୀଙ୍କୁ ସମୟୋଚିତ ଚିକିତ୍ସା ସହାୟତା ମିଳିପାରିଛି। ଏହି ଘଟଣା ଦୁର୍ଗମ ଅଞ୍ଚଳରେ ଜନସାଧାରଣଙ୍କ ନିକଟରେ ଜରୁରୀ ସେବା ପହଞ୍ଚାଇବା ଦିଗରେ ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।



## ଭରୁଆମୁଣ୍ଡା ଆରଆଇ କାର୍ଯ୍ୟାଳୟରେ ନେଟୱାର୍କ ସମସ୍ୟା ବାଧାପ୍ରାପ୍ତ ସରକାରୀ କାର୍ଯ୍ୟ, ହନ୍ତସନ୍ତ ହେଉଛନ୍ତି ହିତାଧିକାରୀ




ସିନାପାଲି:ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ପ୍ରମୁଖ ଭରୁଆମୁଣ୍ଡା ଗ୍ରାମପଞ୍ଚାୟତଠାରେ କାର୍ଯ୍ୟକ୍ଷମ ଥିବା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ନେଟୱାର୍କର କ୍ରମବର୍ଦ୍ଧମାନ ସମସ୍ୟା ଲାଗି ରହିଥିବାରୁ ସରକାରୀ କାର୍ଯ୍ୟ ପରିଚାଳନାରେ ନାନା ପ୍ରକାର ଅସୁବିଧା ଦେଖାଦେଇଛି। ଆଧୁନିକ ଡିଜିଟାଲ୍ ଯୁଗରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ପ୍ରାୟ ପ୍ରତ୍ୟେକ କାମ ଅନଲାଇନ୍ ମାଧ୍ୟମରେ ସମ୍ପାଦିତ ହେଉଥିବାବେଳେ ଏଠାରେ ସ୍ଥାୟୀ ନେଟୱାର୍କ କିମ୍ବା ଇଣ୍ଟରନେଟ୍ ସୁବିଧା ନଥିବା ଯୋଗୁଁ କର୍ମଚାରୀଙ୍କ ସମେତ ସାଧାରଣ ଜନସାଧାରଣ ମଧ୍ୟ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଅନଲାଇନ୍ କାମ ଠପ୍, ଦିନସାରା ଅଫିସରେ ବସି ନିରାଶ ହେଉଛନ୍ତି ଲୋକେ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଜମି ରେକର୍ଡ (ROR) ଯାଞ୍ଚ, ଅନଲାଇନ୍ ଆବେଦନ ପ୍ରକ୍ରିୟା, ବିଭିନ୍ନ ପ୍ରମାଣପତ୍ର ପାଇଁ ରିପୋର୍ଟ ପ୍ରସ୍ତୁତି ଏବଂ ସରକାରୀ ତଥ୍ୟ ଅପ୍‌ଲୋଡ୍ ଆଦି କାର୍ଯ୍ୟ ପାଇଁ ଇଣ୍ଟରନେଟ୍‌ର ନିରନ୍ତର ଆବଶ୍ୟକତା ରହିଛି। ମାତ୍ର କାର୍ଯ୍ୟାଳୟ ପରିସରରେ ନେଟୱାର୍କ ମିଳୁ ନହେବାରୁ ଅନେକ ସମୟରେ ଜରୁରୀ ଅଫିସ କାର୍ଯ୍ୟ ଅଟକି ରହୁଛି। ଫଳରେ ଗାଁରୁ ବିଭିନ୍ନ ଜରୁରୀ କାମ ନେଇ ଦୂରଦୂରାନ୍ତରୁ ଆସୁଥିବା ବୃଦ୍ଧ, ଚାଷୀ ଓ ସାଧାରଣ ଲୋକେ କାମ ନହୋଇ ନିରାଶ ହୋଇ ଫେରୁଛନ୍ତି ଏବଂ ବାରମ୍ବାର ଏହି କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛନ୍ତି।ଡିଜିଟାଲ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ କ୍ଷୋଭ ରାଜ୍ୟ ସରକାର ସମସ୍ତ ସରକାରୀ ସେବାକୁ ସରଳ, ସ୍ୱଚ୍ଛ ଓ ଡିଜିଟାଲ୍ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ଏକ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ କାର୍ଯ୍ୟାଳୟରେ ନେଟୱାର୍କ ଭଳି ସର୍ବନିମ୍ନ ମୌଳିକ ସୁବିଧା ନଥିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ଼ଧରଣର ପ୍ରଶ୍ନବାଚୀ ସୃଷ୍ଟି କରିଛି। କର୍ମଚାରୀମାନେ ମଧ୍ୟ ନିଜସ୍ୱ ପ୍ରୟାସରେ ମୋବାଇଲ୍ ହଟ୍‌ସ୍ପଟ୍ ବା ଅନ୍ୟାନ୍ୟ ଉପାୟରେ କାମ ଚଳାଇବାକୁ ବାଧ୍ୟ ହେଉଛନ୍ତି, ଯାହାକି ସ୍ଥାୟୀ ସମାଧାନ ହୋଇପାରୁନାହିଁ।ତୁରନ୍ତ ନେଟୱାର୍କ ସୁବିଧା ଯୋଗାଇଦେବାକୁ ଦାବି ଏଣୁ ଜିଲ୍ଲା ପ୍ରଶାସନ, ଉପଜିଲ୍ଲାପାଳ ଏବଂ ସମ୍ପୃକ୍ତ ରାଜସ୍ୱ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ଜରୁରୀ ସମସ୍ୟା ପ୍ରତି ଗଭୀର ଦୃଷ୍ଟି ଦେଇ ଭରୁଆମୁଣ୍ଡା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟରେ ଶୀଘ୍ର ବ୍ରଡ୍‌ବ୍ୟାଣ୍ଡ କିମ୍ବା ନିରବଚ୍ଛିନ୍ନ ଇଣ୍ଟରନେଟ୍ ସେବା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଜୋରଦାର ଦାବି ହୋଇଛି।

## କଳିଙ୍ଗ ଷ୍ଟାଡିୟମ୍‌ରେ ଚମକିଲେ ଖଡ଼ିଆଳ ଉତ୍କଳ ବାଳାଶ୍ରମର ପ୍ରତିଭା

ଭୁବନେଶ୍ୱର/ଖଡ଼ିଆଳ: ରାଜଧାନୀ ଭୁବନେଶ୍ୱରସ୍ଥିତ ବିଶ୍ୱପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ବିଭିନ୍ନ ଅନୁଷ୍ଠାନର ସହଯୋଗରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ' ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିଶୁମାନେ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଉତ୍କଳ ବାଳାଶ୍ରମର ଦୁଇ ଜଣ ପ୍ରତିଭାବାନ ଶିଶୁ ଅସାଧାରଣ କୃତିତ୍ୱ ହାସଲ କରି ସମଗ୍ର ଅନୁଷ୍ଠାନ ଏବଂ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କୁଇଜ୍ ଓ ଚେସ୍‌ରେ ସଫଳତା ପ୍ରାପ୍ତ ସୂଚନା ଅନୁଯାୟୀ, ଉକ୍ତ ମହୋତ୍ସବରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାଗୁଡ଼ିକ ମଧ୍ୟରୁ କୁଇଜ୍ ପ୍ରତିଯୋଗିତାରେ ଉତ୍କଳ ବାଳାଶ୍ରମର ଶିଶୁ ନିମାଇ ନାଗ ନିଜର ବୌଦ୍ଧିକ ପ୍ରତିଭା ବଳରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚେସ୍ ପ୍ରତିଯୋଗିତାରେ ଅନୁଷ୍ଠାନର ଅନ୍ୟତମ ପ୍ରତିଭା ଓମ୍ କୁମାରୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ନିଜର ଏକାଗ୍ରତା ଓ ରଣନୈତିକ ଦକ୍ଷତାର ପରିଚୟ ଦେଇଛନ୍ତି। ଉଭୟ ଶିଶୁଙ୍କ ଏହି ସଫଳତା ପଛରେ ସେମାନଙ୍କର ନିରନ୍ତର ପରିଶ୍ରମ, ଏକାଗ୍ରତା, ଦୃଢ଼ ଇଚ୍ଛାଶକ୍ତି ଏବଂ ଅନୁଷ୍ଠିତ ଶିକ୍ଷକ-ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ରହିଛି। ଅନୁଷ୍ଠାନରେ ଉତ୍ସବର ପରିବେଶ ଓ ଶୁଭେଚ୍ଛାର ସୁଅ ଉତ୍କଳ ବାଳାଶ୍ରମ, ଖଡ଼ିଆଳର ଏହି ଦୁଇ କୃତୀ ଶିଶୁ ରାଜ୍ୟସ୍ତରରେ ପୁରସ୍କୃତ ହୋଇ ଅନୁଷ୍ଠାନକୁ ଫେରିବା ପରେ ସେଠାରେ ଏକ ଆନନ୍ଦୋଲ୍ଲାସର ପରିବେଶ ସୃଷ୍ଟି ହୋଇଛି। ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ନିମାଇ ନାଗ ଏବଂ ଓମ୍ କୁମାରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା କେବଳ ଉତ୍କଳ ବାଳାଶ୍ରମ ପରିବାର ନୁହେଁ, ବରଂ ସମଗ୍ର ନୂଆପଡ଼ା ଜିଲ୍ଲାର ଗର୍ବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



## ବନ୍ୟା ନିୟନ୍ତ୍ରଣ ଓ ନଦୀବନ୍ଧ ସୁରକ୍ଷାକୁ ନେଇ କୃଷକ ସମାବେଶ

କୋମନା/ନୂଆପଡ଼ା: ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଞ୍ଚଳରେ ପ୍ରବାହିତ ଜୋଙ୍କ ଓ ସୁନ୍ଦର ନଦୀର ବନ୍ୟା ବିପତ୍ତି, ଦୁର୍ବଳ ନଦୀବନ୍ଧ ଏବଂ କୃଷିଜମି କ୍ଷତିଗ୍ରସ୍ତ ହେବା ପ୍ରସଙ୍ଗକୁ ନେଇ କୋମନା ବ୍ଲକ ପରିସରରେ ଏକ ବିଶାଳ କୃଷକ ସମାବେଶ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷକ ସଂଗଠନ, ଚାଷୀ, ବନ୍ୟାପ୍ରୀଡ଼ିତ ଗ୍ରାମବାସୀ ଏବଂ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ଏକଜୁଟ୍ ହୋଇ ନଦୀବନ୍ଧର ପକ୍କୀକରଣ ଓ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ପାଇଁ ପ୍ରଶାସନ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ବନ୍ୟା ଜଳରେ ହଜାର ହଜାର ଏକର ଫସଲ ବିପର୍ଯ୍ୟସ୍ତ ସମାବେଶରେ କୃଷକ ନେତାମାନେ ଅଭିଯୋଗ କରିଛନ୍ତି ଯେ, ବର୍ଷାଋତୁ ସମୟରେ ଜୋଙ୍କ ଓ ସୁନ୍ଦର ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କୋମନା ବ୍ଲକ୍‌ର ଅନେକ ପଞ୍ଚାୟତର ଚାଷଜମିରେ ବନ୍ୟାଜଳ ପଶି ଧାନ, କପା ଓ ମକା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ନଦୀର ବିଭିନ୍ନ ସ୍ଥାନରେ ମାଟି ବନ୍ଧଗୁଡ଼ିକ ଦୁର୍ବଳ ହୋଇପଡ଼ିଥିବା ବେଳେ ବାରମ୍ବାର ଘାଇ ସୃଷ୍ଟି ହେବା ଦ୍ୱାରା ଚାଷୀମାନେ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ସମୟୋଚିତ ରକ୍ଷାବେକ୍ଷଣ କରାଯାଉ ନଥିବାରୁ ଏହି ସମସ୍ୟା ବାରମ୍ବାର ଦୋହରାଉଥିବା ଅଭିଯୋଗ ହୋଇଛି। ଦୁର୍ବଳ ନଦୀବନ୍ଧର ପକ୍କୀକରଣ ଓ ପାର୍ଶ୍ୱ ସୁରକ୍ଷା ଦାବି କୃଷକ ସମାବେଶରୁ ଦାବି କରାଯାଇଛି ଯେ, ବନ୍ୟା ଦାଉରୁ ଗ୍ରାମାଞ୍ଚଳ ଓ ଚାଷଜମିକୁ ରକ୍ଷା କରିବା ପାଇଁ ନଦୀର ଦୁର୍ବଳ ବନ୍ଧଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ପଥର ପ୍ୟାକିଂ (Stone Pitching) କରାଯାଉ। ଏହାସହ ନଦୀ ପଠାରେ ଜମି ରହିଥିବା ପାଟୁମାଟି ଓ ବାଲି ଖନନ କରାଗଲେ ଜଳପ୍ରବାହ ସହଜ ହୋଇପାରିବ। କୋମନା ବ୍ଲକ୍‌ର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଫସଲ କ୍ଷତିପୂରଣ ଏବଂ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ନେତାମାନେ ଦାବି କରିଛନ୍ତି। ପ୍ରଶାସନକୁ ଦାବିପତ୍ର ଓ ଆନ୍ଦୋଳନ ଚେତାବନୀ ସମାବେଶ ଶେଷରେ ଚାଷୀ ପ୍ରତିନିଧିମାନେ କୋମନା ବିଡିଓ ଓ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ବର୍ଷା ଋତୁ ପୂର୍ବରୁ ନଦୀବନ୍ଧ ସୁରକ୍ଷା କାର୍ଯ୍ୟ ସମ୍ପୂର୍ଣ୍ଣ ନହୁଏ, ତେବେ ଜିଲ୍ଲା ସଦର ମହକୁମାରେ ବିଶାଳ ଚାଷୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କୋମନା ଅଞ୍ଚଳର ଶତାଧିକ ବରିଷ୍ଠ ଚାଷୀ, ସରପଞ୍ଚ, ସମିତି ସଭ୍ୟ ଏବଂ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ।

## ମହକୁମାରେ ବୃଦ୍ଧି ପାଉଛି ଟ୍ରାଫିକ୍ ସମସ୍ୟା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ସଦର ମହକୁମା ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଗୁରୁତର ରୂପ ନେବାରେ ଲାଗିଛି। ଜାତୀୟ ରାଜପଥ-୩୫୩ ଏବଂ ବିଜୁ ଏକ୍ସପ୍ରେସ୍‌ୱେ ଦେଇ ପ୍ରତିଦିନ ଶତାଧିକ ଭାରୀ ଯାନବାହନ ଚଳାଚଳ କରୁଥିବାରୁ ସଦର ସହରର ମୁଖ୍ୟ ରାସ୍ତା, ବଜାର ଛକ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହରର ଆଇନଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ନାଗରିକ ମଞ୍ଚ, ବ୍ୟବସାୟୀ ସଂଘ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଅବେଳରେ ଭାରୀ ଯାନ ଚଳାଚଳ ଓ ବେଆଇନ ପାର୍କିଂ ନାଗରିକ ମଞ୍ଚର ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି ଯେ, ସହରର ମୁଖ୍ୟ ରାସ୍ତାଗୁଡ଼ିକ ପ୍ରସାରିତ ହୋଇଥିଲେ ସୁଦ୍ଧା ଫୁଟପାଥ୍ ଜବରଦଖଲ ଏବଂ ସଡ଼କ କଡ଼ରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ଯାତାୟାତ ପାଇଁ ବାଧା ସୃଷ୍ଟି ହେଉଛି। ବିଶେଷ କରି ସକାଳ ଓ ସନ୍ଧ୍ୟା ସମୟରେ ସ୍କୁଲ, କଲେଜ, ବ୍ୟାଙ୍କ ଏବଂ ସରକାରୀ ଅଫିସ୍ ସମୟରେ ବଡ଼ ବଡ଼ ଟ୍ରକ୍ ଓ ଟ୍ରେଲର୍ ସହର ଭିତର ଦେଇ ଯିବା ଆସିବା କରିବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଛି। ପ୍ରଶାସନିକ ପଦକ୍ଷେପ: ପୀକ୍ ଆୱାର୍‌ରେ କଟକଣା ଓ କଡ଼ା କାର୍ଯ୍ୟାନୁଷ୍ଠାନ ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ କେତେକ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଶାସନିକ ସୂଚନା ଅନୁଯାୟୀ, ମୁଖ୍ୟ ରାଜପଥରେ ପୀକ୍ ଆୱାର୍ (Peak Hours) ସମୟରେ ଭାରୀ ଯାନବାହନ ପ୍ରବେଶ ଉପରେ କଟକଣା କଡ଼ାକଡ଼ି କରାଯିବ। ଏହାସହ ସହରର ପ୍ରମୁଖ ଛକଗୁଡ଼ିକରେ ଟ୍ରାଫିକ୍ ପୋଲିସ ଓ ହୋମ୍‌ଗାର୍ଡ ମୁତୟନ, ବେଆଇନ ଜବରଦଖଲ ଉଚ୍ଛେଦ ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା ଆଦାୟ କରାଯିବ। ବାହାର ପରିସୀମାରେ ବାଇପାସ୍ ରାସ୍ତା ନିର୍ମାଣ ଦାବି ସହରର ଭାବମୂର୍ତ୍ତି ଏବଂ ସୀମିତ ରାସ୍ତା ଉପରେ ଚାପ କମାଇବା ପାଇଁ ନୂଆପଡ଼ା ସଦର ମହକୁମା ବାହାରେ ଏକ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ଜନପ୍ରତିନିଧିମାନେ ଦାବି କରିଛନ୍ତି। ଯଦି ପ୍ରଶାସନିକ ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ନୂଆପଡ଼ା ସଦର ଅଞ୍ଚଳରେ ଦୁର୍ଘଟଣା ହ୍ରାସ ପାଇବା ସହ ସାଧାରଣ ନାଗରିକ ସହଜରେ ଯାତାୟାତ କରିପାରିବେ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

## ବୃକ୍ଷରୋପଣ ଓ ହରିତ ଆବରଣ ବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ବ୍ୟାପକ ଯୋଜନା

ଖଡ଼ିଆଳ/ନୂଆପଡ଼ା: ଜଳବାୟୁ ପରିବର୍ତ୍ତନର ପ୍ରଭାବ ମୁକାବିଲା, ଜଙ୍ଗଲ ଆବରଣକୁ ସୁରକ୍ଷା ଦେବା ଏବଂ ଜିଲ୍ଲାରେ ସବୁଜିମା ବୃଦ୍ଧି କରିବା ପାଇଁ ନୂଆପଡ଼ା ଜିଲ୍ଲା ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ ଏକ ବୃହତ୍ ଯୋଜନା ପ୍ରସ୍ତୁତ କରାଯାଇଛି। ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ, ରାସ୍ତାକଡ଼, ପାହାଡ଼ିଆ ଅଞ୍ଚଳ ଏବଂ ସଂରକ୍ଷିତ ଜଙ୍ଗଲ ପରିସରରେ ଲକ୍ଷାଧିକ ଫଳନ୍ତା ଓ ବହୁବର୍ଷୀୟ ଚାରା ରୋପଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନର୍ସରୀଗୁଡ଼ିକରେ ଚାରା ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଜିଲ୍ଲାର ଖଡ଼ିଆଳ, ନୂଆପଡ଼ା, କୋମନା, ସିନାପାଲି ଏବଂ ବୋଡେନ୍ ବ୍ଲକ୍‌ରେ ଥିବା ସରକାରୀ ଓ ବେସରକାରୀ ନର୍ସରୀଗୁଡ଼ିକରେ ବର୍ତ୍ତମାନ ଚାରା ପ୍ରସ୍ତୁତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଶାଳ, ପିଆଶାଳ, ମହୁମାଛି ପ୍ରିୟ ଗଛ, ଆମ୍ବ, ପଣସ, ଜାମୁ କୋଳି, ମହୁଲ ଏବଂ ସଞ୍ଜିବନୀ ଗୁଣସମ୍ପନ୍ନ ବୃକ୍ଷ ଚାରାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଉତ୍ପାଦନ କରାଯାଉଛି। ଗ୍ରାମାଞ୍ଚଳର ଲୋକଙ୍କୁ ମଧ୍ୟ ବୃକ୍ଷରୋପଣ ପ୍ରତି ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ବିନାମୂଲ୍ୟରେ ଚାରା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଜନସାଧାରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହଯୋଗ କେବଳ ବନ ବିଭାଗ ନୁହେଁ, ବରଂ ବନ ସୁରକ୍ଷା ସମିତି (VSS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG), ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଯୁବକମାନଙ୍କୁ ସାମିଲ କରି ଏହି ବୃକ୍ଷରୋପଣ ଅଭିଯାନକୁ ଏକ ଗଣଆନ୍ଦୋଳନର ରୂପ ଦିଆଯିବ। ପ୍ରତିଟି ପଞ୍ଚାୟତରେ 'ମୋ ଜଙ୍ଗଲ, ମୋ ସମ୍ପତ୍ତି' ନୀତିକୁ ଆପଣାଇ ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଏବଂ ଜଳସେଚନ ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ଦିଆଯିବ। ପ୍ରଶାସନିକ ପ୍ରତିଶ୍ରୁତି ଓ ପରିବେଶ ସନ୍ତୁଳନ ନୂଆପଡ଼ା ଜିଲ୍ଲାରେ ବାରମ୍ବାର ପରିଲକ୍ଷିତ ହେଉଥିବା ଗ୍ରୀଷ୍ମ ପ୍ରବାହ ଏବଂ ଜଳ ସଙ୍କଟକୁ ଦୂର କରିବାରେ ବୃକ୍ଷରୋପଣ ଏକମାତ୍ର ସ୍ଥାୟୀ ସମାଧାନ ବୋଲି ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଓ ଡିଏଫ୍‌ଓ ଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ଯୋଜନାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରିତା କରାଯିବ ଏବଂ ରୋପଣ ହୋଇଥିବା ଚାରାଗୁଡ଼ିକର ବଞ୍ଚିବା ହାର ଉପରେ ସ୍ୱତନ୍ତ୍ର ଅଡିଟ୍ ମଧ୍ୟ କରାଯିବ ବୋଲି ଜଣାପଡ଼ିଛି।

ମାଟିର ଖବର

# ବସୁଧା ପାଣି ଟାଙ୍କି ପରିସରରେ ମାଡ଼ିଛି ଲଟାବୁଦା, ଜଙ୍ଗଲ ସଦୃଶ ପରିବେଶ; ପ୍ରଶାସନର ଦୃଷ୍ଟି ପଡ଼ିବ କେବେ?



ସିନାପାଲି:ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରପଦର ଗ୍ରାମରେ ସ୍ଥାପିତ 'ବସୁଧା' ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ପରିସର ଏବେ ଦୀର୍ଘଦିନର ରକ୍ଷଣାବେକ୍ଷଣ ଅଭାବରୁ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ଏକ ଭୟାନକ ଜଙ୍ଗଲ ସଦୃଶ ଦେଖାଯାଉଛି। ଗ୍ରାମବାସୀଙ୍କୁ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପ୍ରତି ପ୍ରଶାସନିକ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଗଭୀର ଅବହେଳା ପ୍ରଦର୍ଶିତ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଜଙ୍ଗଲ ପାଲଟିଛି ପାଣି ଟାଙ୍କି ପରିସର, ବିଷାକ୍ତ ଜନ୍ତୁଙ୍କ ଭୟରେ ଲୋକେ ଆତଙ୍କିତ ଦୀର୍ଘଦିନ ଧରି ଏହି ପାଣି ଟାଙ୍କି ଏବଂ ଏହାର ଚାରିପାଖର ପରିସର ସଫେଇ କରାଯାଇ ନଥିବାରୁ ଟାଙ୍କି ଚାରିପାଖରେ ଘଞ୍ଚ ଅନାବନା ଗଛଲତା, କଣ୍ଟାବୁଦା ଓ ଜଙ୍ଗଲୀ ଘାସ ମାଡ଼ି ଯାଇଛି। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପରିସରଟି ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶରେ ପରିଣତ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏହି ଘଞ୍ଚ ଲଟାବୁଦା ମଧ୍ୟରେ ବିଷାକ୍ତ ସାପ ସମେତ ବିଭିନ୍ନ ପ୍ରକାରର ବିଷାକ୍ତ ଜୀବଜନ୍ତୁ ଓ କୀଟପତଙ୍ଗ ଆଶ୍ରୟ ନେବାର ଆଶଙ୍କା ରହିଛି। ଏହା ଯୋଗୁଁ ପ୍ରତିଦିନ ଟାଙ୍କି ନିକଟକୁ ଯିବାଆସିବା କରିବା ସମୟରେ ସ୍ଥାନୀୟ ଲୋକେ ଏବଂ ଦାୟିତ୍ୱପ୍ରାପ୍ତ କର୍ମଚାରୀମାନେ ସବୁବେଳେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଟାଙ୍କିର ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ କରା ନଯିବା ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭର କାରଣ ପାଲଟିଛି।ପାଞ୍ଚଟି ରାଜସ୍ୱ ଗ୍ରାମର ଲୋକେ ନିର୍ଭରଶୀଳ, ସ୍ୱାସ୍ଥ୍ୟଗତ ସୁରକ୍ଷା ପ୍ରତି ବିପଦ ସୂଚନା ଅନୁଯାୟୀ, ଏହି ବସୁଧା ପାଣି ଟାଙ୍କିରୁ ବରପଦର ସମେତ ପାଞ୍ଚଟି ପ୍ରମୁଖ ରାଜସ୍ୱ ଗ୍ରାମର ଶତାଧିକ ପରିବାର ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଆସୁଛନ୍ତି। ମାତ୍ର ଜଳ ପ୍ରକଳ୍ପର ପରିବେଶ ଯଦି ଏଭଳି ଅବହେଳିତ, ଅପରିଷ୍କାର ଓ ଜଙ୍ଗଲ ପରି ଅବସ୍ଥାରେ ରହେ, ତେବେ ଏଠାରୁ ଯୋଗାଯାଉଥିବା ଜଳର ସ୍ୱଚ୍ଛତା ଓ ଲୋକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ନେଇ ବଡ଼ଧରଣର ପ୍ରଶ୍ନ ଉଠିବା ସ୍ୱାଭାବିକ। ଏକ ପଟେ ସରକାର ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟପଟେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।ତୁରନ୍ତ ସଫେଇ ଓ ପାଣି ଗୁଣବତ୍ତା ଯାଞ୍ଚ ପାଇଁ ଜୋରଦାର ଦାବି ତେଣୁ ସମ୍ପୃକ୍ତ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ପାନୀୟ ଜଳ ଓ ପରିମଳ ବିଭାଗ (RWSD)ର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଏହି ଦିଗରେ ଦୃଷ୍ଟି ଦେଇ ପାଣି ଟାଙ୍କି ପରିସରରେ ମାଡ଼ିଥିବା ସମସ୍ତ ଲଟାବୁଦା ଓ ଅନାବନା ଗଛ ସଫା କରିବା ସହ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ସହିତ ଯୋଗାଯାଉଥିବା ପାନୀୟ ଜଳର ଗୁଣବତ୍ତା (Quality Check) ଯାଞ୍ଚ କରି ଜନସାଧାରଣଙ୍କୁ ସୁରକ୍ଷିତ ଜଳ ଯୋଗାଣ ଜାରି ରଖିବାକୁ ଜୋରଦାର ଦାବି ହୋଇଛି।

## ନୂଆପଡ଼ାରେ ୩୫ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ

ନୂଆପଡ଼ା:୦୬/୧୧: ରାଜ୍ୟରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ୬୩୦ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ କରାଯାଇଛି। ଏହି କ୍ରମରେ ନୂଆପଡ଼ା ଜିଲ୍ଲାର ୩୫ଟି ସ୍ଥାନରେ ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକର ଶିଳାନ୍ୟାସ ହୋଇଛି। କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୬୩୦ଟି ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ। ଏହି ଉପଲକ୍ଷେ ନୂଆପଡ଼ା ବ୍ଲକ ଅନ୍ତର୍ଗତ ଡୁମେରପାଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ ଫଳକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ସହ ପୂଜାର୍ଚ୍ଚନା ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡୋଲି ମାଝୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ଡୁମେରପାଣି ସରପଞ୍ଚ ଟେକରାମ ସାହୁ, ଜିଲ୍ଲା ବିଜେପି ସଭାପତି କମଳେଶ ଦୀକ୍ଷିତ,ଏସ୍‌ଡିସି ଅଧ୍ୟକ୍ଷ ହୋମସିଂ ମାଝୀ ପ୍ରମୁଖ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ବିଧାୟକ ଜୟ ଢୋଲକିଆ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ ଅନ୍ୟା ଦାସ ଶିକ୍ଷାକୁ ସମାଜର ପ୍ରଗତିର ମୂଳ ଆଧାର ଭାବେ ବର୍ଣ୍ଣନା କରିବା ସହ ଆଦର୍ଶ ବିଦ୍ୟାଳୟଗୁଡ଼ିକର ନିର୍ମାଣ ଓ ସଫଳ ପରିଚାଳନାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଯୋଜନା ଅଧୀନରେ ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶିକ୍ଷା ସୁବିଧା, ଉନ୍ନତ ଭିତ୍ତିଭୂମି ଓ ଶିଶୁ ଅନୁକୂଳ ଶିକ୍ଷଣ ପରିବେଶ ଉପଲବ୍ଧ କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଡୁମେରପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଓମକାର ସାହୁ, ଚୁରଣ ସିଂ ମାଝୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଯୋଶୀଙ୍କ ସମେତ ଶିକ୍ଷା ବିଭାଗର ଅଧିକାରୀ, ଜନପ୍ରତିନିଧି, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ADYASHA ଆଦ୍ୟାଶା

ରାଜ୍ୟ

PRGI No. ORORI/25/A0506

Daily Edition

Email : adyashgroup.com

BHUBANESWAR | Vol. 02 | Issue 12

ଶନିବାର, ୦୭ ନଭେମ୍ବର ୨୦୨୬



Rs. 7

ଆଜିର ପ୍ରମୁଖ

## ଲୋଇସିଂହାରେ ସେଚ ପ୍ରକଳ୍ପ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାରୀ ଅନୁଦାନ

ଲୋଇସିଂହା/ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପୁରାତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଗ୍ରାମୀଣ ଜଳାଶୟଗୁଡ଼ିକର ସଂସ୍କାର ଓ ପୁନରୁଦ୍ଧାର ପାଇଁ ସରକାରୀ ସ୍ତରରେ ଅନୁଦାନ ମଞ୍ଜୁର ହୋଇଛି। ଜଳସମ୍ପଦ ବିଭାଗ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଏହି ଅନୁଦାନ ରାଶି ମାଧ୍ୟମରେ କଦଳୀପାଲି ଭଳି ବହୁ ପ୍ରକଳ୍ପର ମରାମତି, କେନାଲ୍ ପାଚେରୀ ପୁନଃନିର୍ମାଣ ଏବଂ ପୁରାତନ ବାନ୍ଧ-ପୋଖରୀଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ କରାଯିବ। ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳର କୃଷି ଭିତ୍ତିଭୂମି ସୁଦୃଢ଼ ହେବା ସହ ଜଳସେଚନ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆଶାପ୍ରକାଶ ପାଇଛି। ପୁରାତନ ବାନ୍ଧ ଓ କେନାଲ୍‌ର ସଂସ୍କାର ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ବିଭିନ୍ନ ଗ୍ରାମରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ଦୀର୍ଘ ଦିନ ଧରି ମରାମତି ଅଭାବରୁ ପଙ୍କାବୃତ ହୋଇପଡ଼ିଥିଲା। ପ୍ରକଳ୍ପଗୁଡ଼ିକର ଗେଟ୍ ଓ ବିତରଣୀ ନାଳି ନଷ୍ଟ ହୋଇଯାଇଥିବାରୁ ବର୍ଷାଜଳ ଧରିରଖିବା ଶକ୍ତି ହ୍ରାସ ପାଇଥିଲା। ନୂତନ ଅନୁଦାନରେ ସ୍ଲୁଇସ୍ ଗେଟ୍ ମରାମତି, କେନାଲ କଂକ୍ରିଟ୍ ପାଚେରୀ ନିର୍ମାଣ ଏବଂ ନାଳିଗୁଡ଼ିକର ସଫେଇ କରାଯିବ। ଫଳରେ କେନାଲର ଶେଷ ଭାଗ ପର୍ଯ୍ୟନ୍ତ ସୁବିଧାରେ ଜଳ ପ୍ରବାହିତ ହୋଇପାରିବ। ଭୂତଳ ଜଳସ୍ତର ବୃଦ୍ଧି ଓ କୃଷିଜମି ସୁରକ୍ଷା ଅନୁଦାନ ରାଶି ଜରିଆରେ ଗ୍ରାମାଞ୍ଚଳର ପୁରାତନ ପୋଖରୀ ଓ ଜଳାଶୟଗୁଡ଼ିକର ଖନନ କରାଯିବ। ଫଳରେ ଗ୍ରୀଷ୍ମଦିନେ ଅଞ୍ଚଳର ଭୂତଳ ଜଳସ୍ତର ବଜାୟ ରହିବ। ଏହାଦ୍ୱାରା କେବଳ ଖରିଫ୍ ଧାନ ଚାଷ ନୁହେଁ, ବରଂ ରବି ଋତୁରେ ପରିବା, ଗହମ ଓ ଚିନାବାଦାମ ଚାଷ ପାଇଁ କୃଷକମାନେ ଆବଶ୍ୟକ ଜଳସେଚନ ସୁବିଧା ପାଇପାରିବେ। ପ୍ରଶାସନିକ ସୂଚନା ଓ ଚାଷୀକୂଳରେ ଉତ୍ସାହ କାର୍ଯ୍ୟଗୁଡ଼ିକର ନିର୍ମାଣ ଗୁଣବତ୍ତା ନିରୀକ୍ଷଣ ପାଇଁ ଜଳସମ୍ପଦ ବିଭାଗୀୟ ଯନ୍ତ୍ରୀ ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସରକାରୀ ଅନୁଦାନ ମଞ୍ଜୁର ହେବା ପରେ ଲୋଇସିଂହା ଅଞ୍ଚଳର ଚାଷୀକୂଳ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବର୍ଷା ଋତୁ ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି।

## ବେଆଇନ ପାଣି ପମ୍ପ ସଂଯୋଗ ବିରୋଧରେ ବଲାଙ୍ଗୀର ପୌରପାଳିକାର ସ୍ୱଚ୍ଛତା ଅଭିଯାନ

ବଲାଙ୍ଗୀର: ବଲାଙ୍ଗୀର ପୌରାଞ୍ଚଳରେ ପାନୀୟ ଜଳର ସମାନ ବଣ୍ଟନ ସୁନିଶ୍ଚିତ କରିବା ଏବଂ ଜଳ ଅପଚୟ ରୋକିବା ପାଇଁ ବଲାଙ୍ଗୀର ପୌରପାଳିକା ଏବଂ ଜନସ୍ୱାସ୍ଥ୍ୟ କାରିଗରୀ ବିଭାଗ (PHD) ର ମିଳିତ ସ୍କ୍ୱାଡ୍ ପକ୍ଷରୁ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଚଲାଯାଇଛି। ସହରର ବିଭିନ୍ନ ୱାର୍ଡରେ ମୁଖ୍ୟ ପାନୀୟ ଜଳ ଯୋଗାଣ ପାଇପଲାଇନ୍‌ରୁ ବେଆଇନ ଭାବେ ଡାଇରେକ୍ଟ ଟୁଲୁ ପମ୍ପ ଲଗାଇ ପାଣି ଟାଣୁଥିବା ଅସାଧୁ ଗ୍ରାହକମାନଙ୍କ ବିରୋଧରେ ଟିମ୍ ପକ୍ଷରୁ ଆକସ୍ମିକ ଚଢ଼ଉ କରାଯାଇଛି। ଏହି ଚଢ଼ଉ ସମୟରେ ଅନେକ ଘରୁ ବେଆଇନ ମୋଟର ପମ୍ପ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଅସମାନ ଜଳ ବଣ୍ଟନ ଓ ଶେଷ ଭାଗ ଗ୍ରାହକଙ୍କ ସମସ୍ୟା ପୌର ପ୍ରଶାସନର ସୂଚନା ଅନୁଯାୟୀ, ସହରର ପ୍ୟାଲେସ୍ ଲାଇନ୍, କାଳିମନ୍ଦିର ପଡ଼ା, ରାଜେନ୍ଦ୍ର ପଡ଼ା, ମାଲପଡ଼ା, ଏବଂ ଡେଲିମାର୍କେଟ୍ ଅଞ୍ଚଳରେ ଅନେକ ସାଧାରଣ ନାଗରିକ ଅଭିଯୋଗ କରିଥିଲେ ଯେ, ନିର୍ଦ୍ଧାରିତ ଜଳ ଯୋଗାଣ ସମୟରେ ମୁଖ୍ୟ ରାସ୍ତାରେ ଥିବା କେତେକ ଘରୋଇ ଓ ବ୍ୟବସାୟିକ ପ୍ରତିଷ୍ଠାନ ସୋସନ୍ ପମ୍ପ ଲଗାଇ ପାଣି ଟାଣି ନେଉଛନ୍ତି। ଫଳରେ ସାହିର ଶେଷ ଭାଗରେ ଥିବା ପରିବାରଗୁଡ଼ିକୁ ପାଇପ୍‌ରେ ପୋଷକ ପ୍ରେସର ମିଳୁନଥିଲା ଏବଂ ସେମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିଲେ। ପୌରପାଳିକା ସ୍କ୍ୱାଡ୍‌ର ଆକସ୍ମିକ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଅଭିଯୋଗକୁ ଭିତ୍ତି କରି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ସହରର ପ୍ରମୁଖ ୱାର୍ଡଗୁଡ଼ିକରେ ଘରକୁ ଘର ବୁଲି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଯେଉଁମାନେ ମୁଖ୍ୟ ସଂଯୋଗ ପାଇପ୍‌ରେ ସିଧାସଳଖ ପମ୍ପ ସଂଯୋଗ କରିଥିବା ଧରାପଡ଼ିଥିଲେ, ସେମାନଙ୍କ ଘରୁ ପମ୍ପଗୁଡ଼ିକୁ ସାଙ୍ଗେ ସାଙ୍ଗେ ଜବତ କରାଯାଇଥିଲା। ଏହାସହ ସମ୍ପୃକ୍ତ ଅସାଧୁ ଗ୍ରାହକମାନଙ୍କ ଉପରେ ଆର୍ଥିକ ଜରିମାନା ଲଗାଯିବା ସହ ସେମାନଙ୍କ ପାନୀୟ ଜଳ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ନୋଟିସ୍ ଜାରି କରାଯାଇଛି। ପ୍ରଶାସନିକ ଚେତାବନୀ ପୌରପାଳିକା କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି ଯେ, ପୌର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ବେଆଇନ ପମ୍ପ ବ୍ୟବହାର କରିବା ଏକ ଆଇନଗତ ଅପରାଧ। ଆଗାମୀ ଦିନରେ ଏହି ଆକସ୍ମିକ ଚଢ଼ଉ ପ୍ରକ୍ରିୟା ଜାରି ରହିବ। ଯଦି କୌଣସି ଗ୍ରାହକ ପୁନର୍ବାର ବେଆଇନ ସଂଯୋଗ କରନ୍ତି, ତେବେ ସେମାନଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର୍ ରୁଜୁ କରାଯିବ। ସହରବାସୀ ସମାନ ଭାବେ ପାନୀୟ ଜଳ ପାଇବା ପାଇଁ ସହଯୋଗ କରିବାକୁ ପୌରପାଳିକା ଅନୁରୋଧ କରିଛି।

## କାଣ୍ଟାବାଞ୍ଜିରେ ଡ୍ରେନେଜ୍ ଓ ପାନୀୟ ଜଳ ଯୋଗାଣ ସମସ୍ୟାର ସ୍ଥାୟୀ ସମାଧାନ ଦାବି

କାଣ୍ଟାବାଞ୍ଜି/ବଲାଙ୍ଗୀର:ବଲାଙ୍ଗୀର ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ସହର କାଣ୍ଟାବାଞ୍ଜି ଏନ୍‌ଏସି ଅଞ୍ଚଳରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଏବଂ ଉତ୍କଟ ପାନୀୟ ଜଳ ସଙ୍କଟକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ସହରର ବର୍ଜ୍ୟଜଳ ନିଷ୍କାସନ ପାଇଁ ଉପଯୁକ୍ତ ନାଳର ଅଭାବ ଏବଂ ପ୍ରତ୍ୟେକ ୱାର୍ଡକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବାରେ ପୌର ପ୍ରଶାସନ ଓ ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ବିଭାଗ (RWSS) ର ମନ୍ଥରତା ଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ। ଏହି ମୌଳିକ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଦାବି କରି ସ୍ଥାନୀୟ ନାଗରିକ ମଞ୍ଚ ଓ ସାମାଜିକ ସଂଗଠନ ପକ୍ଷରୁ ପ୍ରଶାସନକୁ ଚେତାବନୀ ଦିଆଯାଇଛି।ବିପର୍ଯ୍ୟସ୍ତ ଡ୍ରେନେଜ୍ ଓ ଜଳବନ୍ଦୀ ସମସ୍ୟାକାଣ୍ଟାବାଞ୍ଜି ସହରର ପ୍ରମୁଖ ରାସ୍ତା, ରାମନଗରପଡ଼ା, ଷ୍ଟେସନ ରୋଡ୍ ଏବଂ ବିଭିନ୍ନ ଆବାସିକ ୱାର୍ଡଗୁଡ଼ିକରେ କ୍ରଙ୍କ୍ରିଟ୍ ଡ୍ରେନ୍‌ଗୁଡ଼ିକର ସଫେଇ ନହେବା ଏବଂ ଅଧାପନ୍ତରିଆ ଭାବେ ପଡ଼ିରହିବା ଯୋଗୁଁ ପଙ୍କ ଓ ଜାମ ହୋଇ ରହିଛି। ଫଳରେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ଉଛୁଳି ରାସ୍ତା ଓ ଲୋକଙ୍କ ଘର ଭିତରେ ପଶୁଛି। ଏହାଦ୍ୱାରା ସହରରେ ଦୁର୍ଗନ୍ଧ ବ୍ୟାପିବା ସହ ମଶା ଓ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାୟୀ ମାଷ୍ଟର ଡ୍ରେନେଜ୍ ପ୍ଲାନ୍ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲେ ସୁଦ୍ଧା ପୌର ପ୍ରଶାସନ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ନଳକୂପ ଅଚଳ, ପାଇପ୍‌ଲାଇନ୍‌ରେ ଦୂଷିତ ଜଳ ଯୋଗାଣଅନ୍ୟପଟେ, କାଣ୍ଟାବାଞ୍ଜିର ପ୍ରମୁଖ ଜଳାଶୟ ଓ ୱାଟର ଟାଙ୍କିଗୁଡ଼ିକରୁ ପାନୀୟ ଜଳ ଯୋଗାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ୱାର୍ଡରେ ପାଇପ୍‌ଲାଇନ୍ ଫାଟି ପଙ୍କ ମିଶ୍ରିତ ଦୂଷିତ ପାଣି ଆସୁଥିବା ବେଳେ ବହୁ ସାହିରେ ଲୋକେ ଗୋଟିଏ ବାଲ୍ଟି ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେଉଛନ୍ତି। ପୁରାତନ 'ପମ୍ପୁ ତଲାବ' ଓ ସିବା ବାନ୍ଧ ଭଳି ସହରର ମୁଖ୍ୟ ଜଳାଶୟଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହୋଇପାରୁନଥିବାରୁ ଜଳାଭାବ ଉଗ୍ର ରୂପ ନେଉଛି। ପ୍ରଶାସନକୁ ସ୍ମାରକପତ୍ର ଓ ଆନ୍ଦୋଳନ ଚେତାବନୀଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ପ୍ରତିନିଧିମାନେ କାଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ଦିନରେ ଡ୍ରେନେଜ୍ ସଫେଇ ସହ ସମସ୍ତ ୱାର୍ଡକୁ ସୁରକ୍ଷିତ ମେଗା ପାନୀୟ ଜଳ ଯୋଗାଣ କରା ନଯାଏ, ତେବେ କାଣ୍ଟାବାଞ୍ଜି ବନ୍ଦ ଡାକରା ସହ ରାଜରାସ୍ତା ଓ ରେଳରୋକ କରାଯିବ ବୋଲି ନାଗରିକ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ସ୍ୱର୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସ୍ମୃତିସମ୍ମାନ କାର୍ଯ୍ୟକ୍ରମ ନେଇ ପ୍ରେସମିଟ




ଟିଟିଲାଗଡ଼:(ଆଦ୍ୟାଶା):ସାରା ରାଜ୍ୟ ର କୋଟି କୋଟି ସଂଗୀତ ପ୍ରେମୀ ଙ୍କ ହୃଦୟରେ ଏକାଦା ରାଜତ୍ୱ କରୁଥିବା ପ୍ରଖ୍ୟାତ କଣ୍ଠ ଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗର ଙ୍କ ଦେହାନ୍ତ ଏକ ବର୍ଷ ପୂର୍ତ୍ତିh ହେବାକୁ ଯାଉଛି । ହେଲେ ଆଜି ବି ଯିଏ ଥରଟିଏ ହ୍ୟୁମାନ ଙ୍କ ଗୀତ ଶୁଣୁଛି ସିଏ ମୁଗ୍ଧ ହୋଇ ଯାଉଛି । ସ୍ୱର୍ଗତ ହ୍ୟୁମାନ ସାଗର ଙ୍କ ମତୁଆଲା କଣ୍ଠ ରେ ଦିନେ ଝୁମୁ ଥିଲା ସାରା ରାଜ୍ୟ । ହେଲେ ଗତ ନଭେମ୍ବର ମାସ ୧୭ ତାରିଖ ୨୦୨୫ ମସିହା ରେ ଓଡିଶା ମାଟି ତଥା ଓଡ଼ିଆ ସିନେଜଗତ କୁ ଲାଗିଥିଲା ଏକ ବଡ଼ ଝଟକା । କାରଣ ହ୍ୟୁମାନ ସାଗର ଆର ପାରି କୁ ଚାଲିଯାଇଥିଲେ । ତାଙ୍କ ଦେହାନ୍ତ ର ଏକ ବର୍ଷ ପୂର୍ତ୍ତି ଅବସରରେ ଟିଟିଲାଗଡ଼ ସହରରେ ଏକ ଗଭୀର ଶ୍ରଦ୍ଧାଞ୍ଜଳି ସଭା ସହିତ ହ୍ୟୁମାନ ସାଗର ସ୍ମୃତି ସମ୍ମାନ ପ୍ରଦାନ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ଟିଟିଲାଗଡ଼ କଳାକାର ଏକତା ମଞ୍ଚ ସୂଚନା ଦେଇଛି । ସ୍ୱର୍ଗତ ହ୍ୟୁମାନ ସାଗର ଙ୍କ ସ୍ମୃତି ରେ ଏଟ୍ରିବ୍ୟୁଟ ଟୁ ମ୍ୟୁଜିକାଲ ନାଇଟ ନାମରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ହ୍ୟୁମାନ କୁ ଭଲ ପାଉଥିବା, ତଥା ତାଙ୍କ ସମର୍ଥକ, ପ୍ରଶଂସକ ମାନେ ଯୋଗ ଦେବା ନେଇ ସୂଚନା ଦିଆଯାଇଛି । ଟିଟିଲାଗଡ଼ ସହର ସ୍ଥିତ ହୋଟେଲ ଯଶ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ କଳାକାର ରାଜେଶ ପ୍ରଧାନ, ପଶ୍ଚିମ ଓଡିଶା ର ଲୋକପ୍ରିୟ କଣ୍ଠଶିଳ୍ପୀ ରୁକୁ ସୁନା, ଗଗନ ବାଗ, ସ୍ୱର୍ଗତ ହ୍ୟୁମାନ ସାଗର ଙ୍କ ମା ଶେଫାଳି ସୁନା, ଅଜୟ ବର୍ମା, ନୀରୋଜ ପଟ୍ଟନାୟକ, ସତ୍ୟଜିତ ଷଡ଼ଙ୍ଗୀ, ଜ୍ୟୋତି ହରପାଳ, ଜୟନ୍ତ ସାହୁ ପ୍ରମୁଖ ସାମିଲ ଥିଲେ । ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ଟିଟିଲାଗଡ଼ ଚର୍ଚ୍ଚ ରୁ ଏକ ବିଶାଳ କେଣ୍ଡିଲ୍ ଶୋଭାଯାତ୍ରା ରେ ଦିବ୍ୟଙ୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ ଏବଂ ୧୭ ତାରିଖ ସଂଧାରେ ହ୍ୟୁମାନ ସାଗର ସ୍ମୃତି ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମ ରେ ସାରା ରାଜ୍ୟ ରୁ ଅନେକ କଳାକାର, ଚଳଚିତ୍ର ନିର୍ଦ୍ଦେଶକ, ଗୀତିକାର, ପ୍ରଯୋଜକ ସମେତ ବହୁ ମାତ୍ରା ରେ ପ୍ରଶଂସକ ଯୋଗ ଦେବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି.

ଜିଲ୍ଲାରୁ ସିଧା ରିପୋର୍ଟ

## ମହିଳା ଅଧିକାର ଓ ଲିଙ୍ଗଭିତ୍ତିକ ହିଂସା ବିରୋଧରେ CHRDs ମାନଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ମହିଳାଙ୍କ ନେତୃତ୍ୱ, ସମାନତା ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ଆକ୍ସନଏଡ୍‌ର ପ୍ରୟାସ



ଟିଟିଲାଗଡ଼:୦୬. ୦୧. ୨୬:(ଆଦ୍ୟାଶା):ମହିଳାଙ୍କ ଅଧିକାରର ସୁରକ୍ଷା, ଲିଙ୍ଗଭିତ୍ତିକ ହିଂସାର ମୁକାବିଲା, ସାମାଜିକ ନ୍ୟାୟ ଓ ମହିଳାଙ୍କ ନେତୃତ୍ୱର ବିକାଶ ଲକ୍ଷ୍ୟ ନେଇ ଟିଟିଲାଗଡ଼ସ୍ଥିତ ମହାବୀର ଧର୍ମଶାଳାଠାରେ ନଭେମ୍ବର ୫ ଓ ୬ ତାରିଖ ଦୁଇଦିନ ଧରି ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ActionAid Association Bhubaneswar ପକ୍ଷରୁ Leadership School କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି ତାଲିମ ଶିବିରରେ ମୁରିବାହାଲ ଓ ଟିଟିଲାଗଡ଼ ବ୍ଲକର ୮୫ ଜଣ Community Human Rights Defenders (CHRDs) ଯୋଗଦେଇଥିଲେ। ମହିଳା ଅଧିକାର ଓ Gender-Based Violence (GBV) ଅର୍ଥାତ୍ ଲିଙ୍ଗଭିତ୍ତିକ ହିଂସା ସମ୍ପର୍କରେ ସେମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଶ୍ରୀଯୁକ୍ତ ଅଜିତ କୁମାର ପଣ୍ଡା ଯୋଗଦେଇ ମହିଳାଙ୍କ ସାମ୍ବିଧାନିକ ଅଧିକାର, ସମାନତା, ମର୍ଯ୍ୟାଦା, ସ୍ୱାଧୀନତା, ସାମାଜିକ ଓ ଆର୍ଥିକ ନ୍ୟାୟ ଏବଂ ସମାଜରେ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ମହିଳାମାନେ ଘର, ପରିବାର, କର୍ମକ୍ଷେତ୍ର ଓ ସମାଜରେ କେଉଁ କେଉଁ ପ୍ରକାରର ଭେଦଭାବ ଓ ହିଂସାର ସମ୍ମୁଖୀନ ହେଉଛନ୍ତି, ତାହାର କାରଣ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଘରୋଇ ହିଂସା, ମାନସିକ ନିର୍ଯ୍ୟାତନା, ଯୌନ ଉତ୍ପୀଡ଼ନ, ଆର୍ଥିକ ଶୋଷଣ, ବାଲ୍ୟବିବାହ ଓ ମହିଳାଙ୍କ ପ୍ରତି ସାମାଜିକ ଭେଦଭାବ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ହିଂସାର ଶିକାର ହେଉଥିବା ମହିଳାମାନେ କିପରି ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବେ, ଆଇନଗତ ସହାୟତା ଓ ସରକାରୀ ସେବା କିପରି ପାଇପାରିବେ ଏବଂ ଗ୍ରାମସ୍ତରରେ ଏଭଳି ଘଟଣାର ପ୍ରତିରୋଧ ଓ ସମାଧାନ ପାଇଁ CHRDs ମାନେ କିପରି ଦାୟିତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ, ସେ ସମ୍ପର୍କରେ ମଧ୍ୟ ମାର୍ଗଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବ୍ଲକର ବାଞ୍ଜିପଦର, ବିଜେପୁର, ମହୁଲପଡ଼ା ଓ ଭାଲେଗାଁ ଅଞ୍ଚଳରୁ ଏବଂ ମୁରିବାହାଲ ବ୍ଲକର ଶିରୋଲ, ବିଟାବନ୍ଧ ଓ ମାଲିଶିରା ଗ୍ରାମପଞ୍ଚାୟତରୁ ମହିଳାମାନେ ଯୋଗଦେଇଥିଲେ। ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳର ମହିଳାମାନଙ୍କ ମଧ୍ୟରେ ଅଧିକାର ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କୁ ନିଜ ଗ୍ରାମ ଓ ସମାଜରେ ମହିଳା ଅଧିକାରର ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ହିଂସାମୁକ୍ତ ପରିବେଶ ଗଠନ ପାଇଁ ଜଣେ ଜଣେ ସକ୍ରିୟ ନେତୃତ୍ୱ ଭାବେ ଗଢ଼ିତୋଳିବା। କାର୍ଯ୍ୟକ୍ରମରେ ActionAid ପକ୍ଷରୁ ମୁରଲୀ ଚରଣ ଦାସ, ଶୁଚିସ୍ମିତା ଚନ୍ଦନ, ଜଳି ମହାନନ୍ଦ ଓ ସଞ୍ଜୀବ ରଣା ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସହଯୋଗ କରିଥିଲେ।

## ଲୋୟର ସୁକତେଲ ପ୍ରକଳ୍ପରୁ ନିଷ୍କାସିତ ଜଳ ଓ ଚାଷଜମିକୁ ଜଳସେଚନ ବ୍ୟବସ୍ଥା

ବଲାଙ୍ଗୀର:ବଲାଙ୍ଗୀର ଜିଲ୍ଲାର ପ୍ରମୁଖ ଜଳସେଚନ ଭିତ୍ତିଭୂମି ତଥା ଜିଲ୍ଲାବାସୀଙ୍କ ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ନିଷ୍କାସିତ ଜଳ ପରିଚାଳନା ଏବଂ କୃଷିଜମିକୁ ଜଳ ଯୋଗାଣ ପ୍ରକ୍ରିୟାକୁ ନେଇ ଜିଲ୍ଲା ପ୍ରଶାସନ ଓ ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ସମୀକ୍ଷା କରାଯାଇଛି। ଉପରମୁଣ୍ଡରେ ବର୍ଷା ଓ ଜଳାଶୟର ସ୍ଥିତିକୁ ଦୃଷ୍ଟିରେ ରଖି ନିୟନ୍ତ୍ରିତ ଭାବେ ଗେଟ୍ ମାଧ୍ୟମରେ ଉଦ୍‌ବୃତ୍ତ ଜଳ ନିଷ୍କାସନ କରାଯିବା ସହ କେନାଲ ଏବଂ ମୁଖ୍ୟ ବିତରଣୀ ନାଳି ଜରିଆରେ ଚାଷଜମିକୁ ଜଳସେଚନ ସୁନିଶ୍ଚିତ କରାଯାଉଛି। ନିଷ୍କାସିତ ଜଳ ଓ କେନାଲ୍ ମାଧ୍ୟମରେ ଜଳ ପ୍ରବାହଜଳାଶୟରେ ଜଳସ୍ତର ସନ୍ତୁଳନ ରଖିବା ପାଇଁ ସ୍ପିଲ୍‌ୱେ ଗେଟ୍ ଦ୍ୱାରା ଅତିରିକ୍ତ ଜଳ ନିଷ୍କାସନ କରାଯାଉଥିବା ବେଳେ ଏହି ଜଳ ଯେପରି ନିଷ୍କାରଣ ହୋଇ ନଷ୍ଟ ନହୁଏ, ସେଥିପାଇଁ ମୁଖ୍ୟ କେନାଲ ଓ ଭୂତଳ ପାଇପ୍‌ଲାଇନ୍ ମାଧ୍ୟମରେ କ୍ଷେତ୍ରକୁ ପାଣି ଛଡ଼ାଯାଉଛି। ଏହାଦ୍ୱାରା ବଲାଙ୍ଗୀର ସଦର, ଲୋଇସିଂହା, ଗୁଡ଼ଭେଲା, ଦେଓଗାଁ ଏବଂ ସୋନପୁର ଜିଲ୍ଲାର ସୀମାନ୍ତ ଗ୍ରାମଗୁଡ଼ିକର ହଜାର ହଜାର ଏକର ଚାଷଜମି ଜଳସେଚିତ ହୋଇପାରୁଛି। ଚାଷଜମିକୁ ଟେଲ୍-ଏଣ୍ଡ ପର୍ଯ୍ୟନ୍ତ ଜଳ ଯୋଗାଣ ଲକ୍ଷ୍ୟଚାଷୀମାନଙ୍କର ଦୀର୍ଘଦିନର ଦାବି ଅନୁଯାୟୀ, କେନାଲର ଶେଷ ଭାଗରେ ଥିବା ଜମିଗୁଡ଼ିକ ପର୍ଯ୍ୟନ୍ତ ଯେପରି ସୁବିଧାରେ ପାଣି ପହଞ୍ଚିପାରିବ, ସେଥିପାଇଁ ବିଭାଗୀୟ ଯନ୍ତ୍ରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରୁଛନ୍ତି। କେନାଲଗୁଡ଼ିକରେ ହୋଇଥିବା ପାଚେରୀ ସଫେଇ ଏବଂ ସିଲ୍ଟ (ପଙ୍କ) କାଢ଼ିବା କାର୍ଯ୍ୟ ପରେ ବର୍ତ୍ତମାନ ପାଣି ସ୍ୱାଭାବିକ ଭାବେ ଚାଷଜମିକୁ ପ୍ରବାହିତ ହେଉଥିବା ଜଳସମ୍ପଦ ବିଭାଗ ସୂଚନା ଦେଇଛି। ଏହାଦ୍ୱାରା ଚାଷୀମାନେ ଖରିଫ୍ ଓ ରବି ଫସଲ ପାଇଁ ସୁରକ୍ଷିତ ଜଳ ପାଇପାରୁଛନ୍ତି। ତଳି ଅଞ୍ଚଳରେ ସାବଧାନତା ଓ ସୁରକ୍ଷା ଚେତାବନୀଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଥିବା ସମୟରେ ସୁକତେଲ ଓ ତେଲ ନଦୀର ତଳିଆ ଅଞ୍ଚଳରେ ଥିବା ଗ୍ରାମବାସୀଙ୍କୁ ସାବଧାନ ରହିବାକୁ ବନ ଓ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ନଦୀଗର୍ଭକୁ ନଯିବା ଏବଂ ଗୋରୁଗାଈଙ୍କ ସୁରକ୍ଷା ନିମନ୍ତେ ମାଇକ୍ ମାଧ୍ୟମରେ ସୂଚନା ଦିଆଯାଉଛି।ପ୍ରଶାସନିକ ସୂଚନାଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା କେବଳ ଜଳସେଚନ ନୁହେଁ, ବରଂ ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଉଛି। ଜଳ ଯୋଗାଣରେ କୌଣସି ପ୍ରକାରର ଅବହେଳା କିମ୍ବା କେନାଲ୍ ଭାଙ୍ଗିବା ଭଳି ସମସ୍ୟା ଯେପରି ନଉପୁଜେ, ସେଥିପାଇଁ ୨୪ ଘଣ୍ଟିଆ ପ୍ରଶାସନିକ ନଜର ରଖାଯାଇଛି।

## କଣ୍ଟାବାଞ୍ଜି ବନ ଅଞ୍ଚଳରେ ମୟୂର ଓ ବନ୍ୟପକ୍ଷୀ ସଂରକ୍ଷଣ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ

କଣ୍ଟାବାଞ୍ଜି/ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ବନ ଅଞ୍ଚଳ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲ ଓ ଆଖପାଖ ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ଜାତୀୟ ପକ୍ଷୀ ମୟୂର ଏବଂ ବିଭିନ୍ନ ବିରଳ ପ୍ରଜାତିର ବନ୍ୟପକ୍ଷୀଙ୍କ ସୁରକ୍ଷା ପାଇଁ ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ବ୍ୟାପକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରୀଷ୍ମଋତୁର କାଳବୈଶାଖୀ ଓ ପ୍ରଖର ଖରା ଯୋଗୁଁ ଜଙ୍ଗଲରେ ପାନୀୟ ଜଳ ଓ ଖାଦ୍ୟର ଅଭାବ ଦେଖାଦେଉଥିବାରୁ, ପକ୍ଷୀମାନଙ୍କୁ ସିଧାସଳଖ ଜନବସତି ମୁହାଁ ହେବାରୁ ରୋକିବା ଏବଂ ଶିକାରୀଙ୍କ ଦାଉରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ପଦକ୍ଷେପ ଆରମ୍ଭ ହୋଇଛି। ଜଙ୍ଗଲ ମଧ୍ୟରେ କୃତ୍ରିମ ଜଳପାତ୍ର ଓ ଦାନା ସିଞ୍ଚନ ଖରାଦିନେ ଜଙ୍ଗଲରେ ପ୍ରାକୃତିକ ଝରଣା ଓ ପୋଖରୀଗୁଡ଼ିକ ଶୁଖିଯାଉଥିବାରୁ, କଣ୍ଟାବାଞ୍ଜି ରେଞ୍ଜର ସମ୍ବେଦନଶୀଳ ପକ୍ଷୀ ଆଶ୍ରୟସ୍ଥଳୀଗୁଡ଼ିକରେ କୃତ୍ରିମ ସିମେଣ୍ଟ ଓ ମାଟି ପାତ୍ର ସ୍ଥାପନ କରାଯାଉଛି। ପ୍ରତିଦିନ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତିର ପ୍ରତିନିଧିମାନେ ଗାଡ଼ି ମାଧ୍ୟମରେ ଏହି ପାତ୍ରଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ପୂରଣ କରୁଛନ୍ତି। ଏହା ସହିତ ମୟୂର ଓ ଅନ୍ୟାନ୍ୟ ଜଙ୍ଗଲୀ ପକ୍ଷୀଙ୍କ ପାଇଁ ଶସ୍ୟଜାତ ଦାନା, ଧାନ, ମକା ଓ ଫଳ ସିଞ୍ଚନ କରାଯିବାର ବ୍ୟବସ୍ଥା କରାଯାଇଛି, ଯାହାଫଳରେ ପକ୍ଷୀମାନେ ଜଙ୍ଗଲ ମଧ୍ୟରେ ହିଁ ସୁରକ୍ଷିତ ଭାବେ ଖାଦ୍ୟ ଓ ପାଣି ପାଇପାରିବେ। ବେଆଇନ ଶିକାର ଓ ଚୋରା ଚାଲାଣ ଉପରେ କଡ଼ା ନଜର ମୟୂର ପଙ୍ଖ ଏବଂ ମାଂସ ପାଇଁ ଅସାଧୁ ଶିକାରୀମାନେ ଫାଶ ପକାଇବା କିମ୍ବା ବିଷାକ୍ତ ଦାନା ଦେଇ ମୟୂର ଶିକାର କରିବାର ଆଶଙ୍କା ଥିବାରୁ, ବନ ବିଭାଗର ମୋବାଇଲ୍ ସ୍କ୍ୱାଡ୍‌କୁ ଅଧିକ କ୍ରିୟାଶୀଳ କରାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨ ଅନୁଯାୟୀ ମୟୂର ଏକ ସ୍ୱଚ୍ଛନ୍ଦ ସୁରକ୍ଷିତ ତାଲିକାଭୁକ୍ତ ପକ୍ଷୀ ହୋଇଥିବାରୁ, ଏହାର ଶିକାର କିମ୍ବା କ୍ଷତିସାଧନ କରୁଥିବା ବ୍ୟକ୍ତିଙ୍କୁ ଜାମିନବିହୀନ ଗିରଫ କରାଯାଇ କଠୋର ଆଇନଗତ ଶାସ୍ତି ପ୍ରଦାନ କରାଯିବ ବୋଲି ବନ ଅଧିକାରୀମାନେ ସୂଚନା ଦେଇଛନ୍ତି। ଗ୍ରାମୀଣ ବନ ସୁରକ୍ଷା ସମିତି ଓ ଜନସାଧାରଣଙ୍କ ସହଯୋଗ କଣ୍ଟାବାଞ୍ଜି ଅଞ୍ଚଳର ଜଙ୍ଗଲିଆ ଗ୍ରାମଗୁଡ଼ିକରେ ସ୍ଥାନୀୟ ଗ୍ରାମବାସୀ, ଯୁବକ ସଂଘ ଏବଂ ବନ ସୁରକ୍ଷା ସମିତି (VSS) କୁ ନେଇ ସଚେତନତା ସଭାମାନ ଆୟୋଜନ କରାଯାଉଛି। ମୟୂରକୁ ଆମ ସଂସ୍କୃତି ଓ ପରିବେଶର ସଙ୍କେତ ଭାବେ ସୁରକ୍ଷା ଦେବାକୁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଯଦି କୌଣସି ଅଞ୍ଚଳରେ ଆହତ ମୟୂର କିମ୍ବା ବନ୍ୟପକ୍ଷୀ ଦୃଷ୍ଟିଗୋଚର ହୁଅନ୍ତି, ତେବେ ତୁରନ୍ତ ବନ ବିଭାଗର ହେଲ୍ପଲାଇନ୍ କିମ୍ବା ଆଞ୍ଚଳିକ ବନ କାର୍ଯ୍ୟାଳୟକୁ ଖବର ଦେବାକୁ ଅନୁରୋଧ କରାଯାଇଛି।

ମାଟିର ଖବର

## ନୂଆପଡ଼ାରେ ୨୦ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ, ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ଓ ବାର୍ଷିକ ଯୋଜନା ଉପରେ ଆଲୋଚନା

ନୂଆପଡ଼ା:୦୬/୧୧: ନୂଆପଡ଼ା ଜିଲ୍ଲାର ୨୦ତମ ଜିଲ୍ଲା ଯୋଜନା କମିଟି (DPC) ବୈଠକ ଆଜି ସ୍ଥାନୀୟ ସଭାବନା ସଭାଗୃହଠାରେ କମିଟିର ଅଧ୍ୟକ୍ଷ ତଥା ନୂଆପଡ଼ା ବିଧାୟକ ଜୟ ଢୋଲକିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ଯୋଜନାର ସଫଳ ରୂପାୟନ ଏବଂ ଉନ୍ନୟନମୂଳକ କାର୍ଯ୍ୟରେ ବିଭାଗୀୟ ସମନ୍ୱୟ ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ତଥା ଜିଲ୍ଲା ଯୋଜନା କମିଟିର ସଦସ୍ୟ ସଚିବ ଅନ୍ୟା ଦାସ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ପରେ କମିଟିର ଅଧ୍ୟକ୍ଷ ଜୟ ଢୋଲକିଆ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ବୈଠକରେ ୧୯ତମ ଜିଲ୍ଲା ଯୋଜନା କମିଟି ବୈଠକର ବିବରଣୀ ଅନୁମୋଦନ ସହ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରାୟୋଜିତ ଯୋଜନା ଅଧୀନରେ ପ୍ରାପ୍ତ ପାଣ୍ଠିର ବିନିଯୋଗ ଓ ବ୍ୟୟ ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏଥିସହ ଜିଲ୍ଲାର ୨୦୨୪-୨୫, ୨୦୨୫-୨୬ ଓ ୨୦୨୬-୨୭ ବର୍ଷ ପାଇଁ ପ୍ରସ୍ତୁତ ବ୍ୟାପକ ଜିଲ୍ଲା ବାର୍ଷିକ ଯୋଜନା (Comprehensive District Annual Plan) ଉପରେ ଆଲୋଚନା ହୋଇଥିଲା। ସେହିପରି ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ KBK ବିକାଶ ଯୋଜନାର ଆର୍ଥିକ ଓ ଭୌତିକ ଅଗ୍ରଗତି, ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତଥା ଜିଲ୍ଲାସ୍ତରୀୟ ବାର୍ଷିକ କାର୍ଯ୍ୟଖସଡ଼ା ସମ୍ପର୍କରେ ବିସ୍ତୃତ ବିଚାରବିମର୍ଶ କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡୋଳି ମାଝୀ, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟବୃନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ଉପନିର୍ଦ୍ଦେଶକ, ଯୋଜନା ଦିଲେଶ୍ୱର ଧରୁଆଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।




ଜନମତ

## ମୋ ଜଙ୍ଗଲ ଜାମି ଯୋଜନା'ରେ ବୃକ୍ଷରୋପଣ ଓ ନର୍ସରୀ ଚାରା ଉତ୍ପାଦନ ଜୋରଦାର

ପାଟଣାଗଡ଼/ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ବନ ଅଞ୍ଚଳ ଏବଂ ଆଖପାଖ ଜଙ୍ଗଲିଆ ଗ୍ରାମଗୁଡ଼ିକରେ 'ମୋ ଜଙ୍ଗଲ ଜାମି ଯୋଜନା' ଏବଂ ଜଙ୍ଗଲ ଅଧିକାର ଆଇନ୍ (FRA) ଅଧୀନରେ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କ ଜୀବିକା ସୁରକ୍ଷା ସହ ବ୍ୟାପକ ବୃକ୍ଷରୋପଣ ପାଇଁ ପ୍ରସ୍ତୁତି ଚାଲିଛି। ଜଙ୍ଗଲ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କ ଜମିରେ ସବୁଜିମା ଆବରଣ ବୃଦ୍ଧି କରିବା ଏବଂ ସେମାନଙ୍କୁ ଆର୍ଥିକ ଭାବେ ସାବଲମ୍ବୀ କରିବା ଲକ୍ଷ୍ୟରେ ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ନର୍ସରୀଗୁଡ଼ିକରେ ଲକ୍ଷାଧିକ ଚାରା ଉତ୍ପାଦନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ସରକାରୀ ନର୍ସରୀରେ ଉନ୍ନତମାନର ଚାରା ପ୍ରସ୍ତୁତି ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ପାଟଣାଗଡ଼, ଖପ୍ରାଖୋଲ, ତୁଷୁରା ଓ ବଲାଙ୍ଗୀର ରେଞ୍ଜ ଅଧୀନରେ ଥିବା ବନ ବିଭାଗୀୟ ନର୍ସରୀଗୁଡ଼ିକରେ କାର୍ଯ୍ୟ ଜୋରଦାର ଚାଲିଛି। ଜଙ୍ଗଲଜାତ ଆଦାୟ ବୃଦ୍ଧି ପାଇଁ ଆମ୍ବ, ପଣସ, ଜାମୁ, ହରିଡ଼ା, ବାହାଡ଼ା, ଅଁଳା, ମହୁଲ, କାଜୁ ଏବଂ ମୂଲ୍ୟବାନ ଶାଳ, ପିଆଶାଳ ଓ ଗମ୍ଭାରୀ ଗଛର ଚାରା ପ୍ରସ୍ତୁତ କରାଯାଉଛି। ଏହି ଚାରାଗୁଡ଼ିକୁ ଜଙ୍ଗଲ ଜମି ପଟ୍ଟାଧାରୀ ପରିବାରମାନଙ୍କୁ ସିଧାସଳଖ ଯୋଗାଇ ଦିଆଯିବ, ଯାହାଦ୍ୱାରା ସେମାନେ ନିଜ ଜମିରେ ବୃକ୍ଷରୋପଣ କରି ଭବିଷ୍ୟତରେ ସ୍ଥାୟୀ ରୋଜଗାରକ୍ଷମ ହୋଇପାରିବେ। ବନ ସୁରକ୍ଷା ସମିତି ଓ SHG ମହିଳାଙ୍କ ସକ୍ରିୟ ଭାଗିଦାରୀ ଏହି ସବୁଜିମା ଅଭିଯାନରେ ସ୍ଥାନୀୟ ବନ ସୁରକ୍ଷା ସମିତି (VSS) ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ର ସଦସ୍ୟାମାନଙ୍କୁ ନିୟୋଜିତ କରାଯାଇଛି। ନର୍ସରୀ ପରିଚାଳନା, ମାଟି ପ୍ରସ୍ତୁତି, ଚାରାର ଯତ୍ନ ଏବଂ ପରବର୍ତ୍ତୀ ସମୟରେ ରୋପଣ କାର୍ଯ୍ୟରେ ଗ୍ରାମୀଣ ମହିଳାମାନେ ସାମିଲ ହୋଇ ପ୍ରତ୍ୟକ୍ଷ ମଜୁରି ପାଉଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ବେକାରୀ ସମସ୍ୟା ହ୍ରାସ ପାଇବା ସହ ସାମାଜିକ-ଆର୍ଥିକ ସ୍ଥିତିରେ ସୁଧାର ଆସୁଛି। ଜିଲ୍ଲା ବନ ବିଭାଗର ପ୍ରତିଶ୍ରୁତି ବଲାଙ୍ଗୀର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ବୋର୍ଡ ସ୍ତରରେ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମ୍ୟ ସଭାରେ ଚାରା ରୋପଣର ସ୍ଥିତି ଅନୁଧ୍ୟାନ କରାଯାଉଛି। ହିତାଧିକାରୀଙ୍କ ଜମିରେ ରୋପଣ କରାଯାଉଥିବା ଚାରାଗୁଡ଼ିକ ଯେପରି ସୁରକ୍ଷିତ ରହିବ ଏବଂ ଶତକଡ଼ା ଅଧିକ ବଞ୍ଚିବା ହାର କାୟମ ରହିବ, ସେଥିପାଇଁ ବନ କର୍ମଚାରୀମାନଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। 'ମୋ ଜଙ୍ଗଲ ଜାମି ଯୋଜନା' ଜରିଆରେ ଜିଲ୍ଲାର ଜଙ୍ଗଲଜାତ ସମ୍ପଦ ବୃଦ୍ଧି ପାଇବା ସହ ସବୁଜିମା କ୍ଷେତ୍ର ପ୍ରସାରିତ ହେବ ବୋଲି ବୁଦ୍ଧିଜୀବୀ ମହଲ ଆଶା ପ୍ରକାଶ କରିଛନ୍ତି।

## ବେଆଇନ ବନ୍ୟପ୍ରାଣୀ ଶିକାର ରୋକିବା ପାଇଁ 'ରାତ୍ରୀକାଳୀନ ସ୍କ୍ୱାଡ୍' ଗଠନ

କଣ୍ଟାବାଞ୍ଜି/ବଲାଙ୍ଗୀର: ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ କଣ୍ଟାବାଞ୍ଜି, ଖପ୍ରାଖୋଲ, ପାଟଣାଗଡ଼ ଏବଂ ତୁଷୁରା ରେଞ୍ଜର ସୀମାନ୍ତ ଜଙ୍ଗଲଗୁଡ଼ିକରେ ବନ୍ୟପ୍ରାଣୀ ଶିକାରୀଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର 'ରାତ୍ରୀକାଳୀନ ସ୍କ୍ୱାଡ୍' ଗଠନ କରାଯାଇଛି। ଶୀତ ଓ ଗ୍ରୀଷ୍ମଋତୁ ସମୟରେ ଅସାଧୁ ଶିକାରୀମାନେ ଜଙ୍ଗଲ ମଧ୍ୟରେ ବିଜୁଳି ତାର ଜାଲ, ବନ୍ଧୁକ ଏବଂ ବିଜୁଳି ଫାଶ ବିଛାଇ ହରିଣ, କୁଟୁରା, ବାରାହା ଏବଂ ଅନ୍ୟାନ୍ୟ ସୂକ୍ଷ୍ମ ବନ୍ୟପ୍ରାଣୀଙ୍କୁ ଶିକାର କରୁଥିବା ଅଭିଯୋଗକୁ ଭିତ୍ତି କରି ବଲାଙ୍ଗୀର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏହି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଅତ୍ୟାଧୁନିକ ସରଞ୍ଜାମ ଓ ରାତ୍ରୀକାଳୀନ ପାଟ୍ରୋଲିଂ ଏହି ସ୍ୱତନ୍ତ୍ର ସ୍କ୍ୱାଡ୍‌ରେ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ବ୍ଲୁଟ୍ ବନ ସୁରକ୍ଷା କର୍ମଚାରୀଙ୍କୁ ସାମିଲ କରାଯାଇଛି। କର୍ମଚାରୀମାନଙ୍କୁ ରାତ୍ରୀକାଳୀନ ନଜର ରଖିବା ପାଇଁ ନାଇଟ୍-ଭିଜନ୍ ବାଇନୋକୁଲାର୍, ଉଚ୍ଚକ୍ଷମତା ସମ୍ପନ୍ନ ଟର୍ଚ୍ଚ, ୱାକି-ଟକି ସେଟ୍ ଏବଂ ଦ୍ରୁତ ଚଳପ୍ରଚଳ ପାଇଁ ସ୍ୱତନ୍ତ୍ର ଯାନ ଯୋଗାଇ ଦିଆଯାଇଛି। ଓଡ଼ିଶା-ଛତିଶଗଡ଼ ସୀମାକୁ ଲାଗିରହିଥିବା ସମ୍ବେଦନଶୀଳ ପ୍ରବେଶ ପଥଗୁଡ଼ିକରେ ରାତ୍ରି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ସ୍କ୍ୱାଡ୍ ନିରବଚ୍ଛିନ୍ନ ଭାବେ ଚଢ଼ଉ ଓ ପାଟ୍ରୋଲିଂ ଜାରି ରଖିବ। ବିଦ୍ୟୁତ୍ ଫାଶ ଓ ବେଆଇନ ତାର ଜାଲ୍ ହଟାଅ ଅଭିଯାନ ବଜାରରେ ବନ୍ୟଜନ୍ତୁ ମାଂସର ବେଆଇନ କାରବାର ଏବଂ ବାରାହା ସହ ଅନ୍ୟାନ୍ୟ ପ୍ରାଣୀଙ୍କ ଶିକାର ପାଇଁ ଗ୍ରାମାଞ୍ଚଳ ବିଦ୍ୟୁତ୍ ଲାଇନ୍‌ରୁ ହୁକ୍ ସଂଯୋଗ କରି ତାର ବିଛାଯାଉଥିବାରୁ ବହୁ ସମୟରେ ବନ୍ୟଜନ୍ତୁଙ୍କ ସହ ହାତୀ ମଧ୍ୟ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଉଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗ ଓ ବିଦ୍ୟୁତ୍ ସରବରାହ ସଂସ୍ଥାର ମିଳିତ ଟିମ୍ ସୀମାନ୍ତ ଗ୍ରାମଗୁଡ଼ିକରେ ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ କରିଛନ୍ତି। ଫାଶ ବିଛାଉଥିବା ବ୍ୟକ୍ତିଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣଙ୍କ ସହଯୋଗ ଓ ଗୋପନୀୟ ସୂଚନା ସଂଗ୍ରହ ଶିକାରୀମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ବନ ବିଭାଗ ପକ୍ଷରୁ ଗୋପନୀୟ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ସୂଚନାଦାତାଙ୍କ ନାମ ଓ ପରିଚୟ ଗୋପନ ରଖାଯିବା ସହ ଉଚିତ୍ ପୁରସ୍କାର ମଧ୍ୟ ଦିଆଯିବ ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି। ଜଙ୍ଗଲ ଓ ବନ୍ୟପ୍ରାଣୀ ଆମ ଜିଲ୍ଲାର ସମ୍ପତ୍ତି ହୋଇଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ବନ ସୁରକ୍ଷା ସମିତି (VSS) ଓ ଯୁବକମାନେ ବନ ବିଭାଗକୁ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି।

## ଅଞ୍ଚଳରେ ଘନଉଛି ହାତୀ-ମଣିଷ ଦ୍ୱନ୍ଦ୍ୱ ବ୍ୟାପକ ଫସଲ ନଷ୍ଟ, କ୍ଷତିପୂରଣ ଓ ସ୍ଥାୟୀ ସମାଧାନ ପାଇଁ ଦାବି

ଲାଞ୍ଜିଗଡ଼:୬/୧୧:(ଆଦ୍ୟାଶା): ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୨୭ଟି ଜିଲ୍ଲାରେ ୬୩୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଏହି ଯୋଜନାରେ କଳାହାଣ୍ଡି ଜିଲ୍ଲାର ୧୬ଟି ବିଦ୍ୟାଳୟ ସାମିଲ ହୋଇଥିବାବେଳେ ସେଥିମଧ୍ୟରୁ ଲାଞ୍ଜିଗଡ଼ ବ୍ଲକର ୫ଟି ବିଦ୍ୟାଳୟ ସ୍ଥାନ ପାଇଛି।ଏହି ଅବସରରେ ବ୍ଲକର ବିଜେପୁର, ମାଳିଯୁବାଙ୍ଗ, ବେଡ଼ାଗାଁ, ବାତେରଲିମା ଓ ଲାଖବାହାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୃଥକ୍ ପୃଥକ୍ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି କେଶରୀ ଦୁର୍ଗା, ନରେନ୍ଦ୍ର ବେହେରା,ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେର,ନିରଞ୍ଜନ ବିଭାର, ଲାଞ୍ଜିଗଡ଼ ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେର, ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଜୋନ୍-୨ ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ ଓ ଜିଲ୍ଲା ଆଦିବାସୀ ମୋର୍ଚ୍ଚାର ଏକଜ୍ଯୁଟ ସଦସ୍ୟ ଡମେ ମାଝୀ ପ୍ରମୁଖ ମଞ୍ଚାସିନ ରହିଥିଲେ । ଉପସ୍ଥିତ ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ।ଲାଞ୍ଜିଗଡ଼ ଏକ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏଠାରେ ଶିକ୍ଷାର ସୁଯୋଗକୁ ଅଧିକ ସୁଗମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଏଭଳି ବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷାଗତ ପରିବେଶ ପାଇବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହୀ ହେବେ ବୋଲି ଆଶା କରାଯାଉଛି। ଏଥିସହ ଅଭିଭାବକମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି ପାଇବା ସହ ଗ୍ରାମାଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି।କାର୍ଯ୍ୟକ୍ରମରେ ମାଳିଯୁବାଙ୍ଗ କ୍ଲଷ୍ଟର ସଂଯୋଜକ ଘାଷି ମାଝୀ, ପେଙ୍ଗୁସର କ୍ଲଷ୍ଟର ସଂଯୋଜକ ସଂଜୀବ ସାହୁ, ବିଜେପୁର କ୍ଲଷ୍ଟର ସଂଯୋଜକ କାହ୍ନୁଚରଣ ବେହେରା, ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଶିକ୍ଷକ ପରମେଶ୍ୱର ନାଏକ, ତାପସଚନ୍ଦ୍ର ନାଏକ, ତୁଳଗୁ ମାହୁଲି, ସୋରଜ ବେରେଟ, ନିରଞ୍ଜନ ମହନ୍ତ, ଯାଜ୍ଞସେନ ହରିଜନ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ସୀମା ସୁରେନଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଜିଲ୍ଲାରୁ ସିଧା ରିପୋର୍ଟ

## ଲଡୁଗାଁରେ ଚାଷ ଜମିରୁ ମିଳିଲା ମୁଣ୍ଡବିହୀନ ଯୁବକଙ୍କ ମୃତଦେହ, ଜଘନ୍ୟ ହତ୍ୟା ସନ୍ଦେହ

କଳାହାଣ୍ଡି:ରିପୋର୍ଟ୍ - ରଥୁରାମ ବାଗ:କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଅଞ୍ଚଳରେ ଏକ ଅତ୍ୟନ୍ତ ଲୋମହର୍ଷକ ତଥା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଲଡୁଗାଁ-ସୁପାଡ଼ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ବିୟର ବାର୍ ନିକଟସ୍ଥ ଚାଷ ଜମିରୁ ଜଣେ ଅଜଣା ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ଠାବ କରାଯାଇଛି। ଦୁର୍ବୃତ୍ତମାନେ ଯୁବକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡକୁ କାଟି ଅନ୍ୟତ୍ର ନେଇ ଯାଇଥିବା ସନ୍ଦେହ କରାଯାଉଛି। ତେବେ ଏହି ଖବର ଲେଖାଯିବା ସୁଦ୍ଧା ମୃତ ଯୁବକଙ୍କ କୌଣସି ପ୍ରକାରର ପରିଚୟ ମିଳିପାରି ନାହିଁ।ଜମି ମାଲିକ ଶବ ଦେଖି ଭୟଭୀତ, ପୋଲିସକୁ ସୂଚନା ପ୍ରାପ୍ତ ସୂଚନା ଅନୁଯାୟୀ, ସ୍ଥାନୀୟ ଜମିର ମାଲିକ ପ୍ରତିଦିନ ଭଳି ନିଜ ଚାଷ ଜମିକୁ ପରିଦର୍ଶନ କରିବାକୁ ଯାଇଥିବା ସମୟରେ ଜମି ମଧ୍ୟରେ ଏପରି ଏକ ଭୟାନକ ଦୃଶ୍ୟ ଦେଖି ସ୍ତବ୍ଧ ଓ ଭୟଭୀତ ହୋଇପଡ଼ିଥିଲେ। ସେ ତତ୍‌କ୍ଷଣାତ୍ ଏହି ଦୁଃସମ୍ବାଦ ସ୍ଥାନୀୟ ଗ୍ରାମବାସୀଙ୍କୁ ଜଣାଇବା ସହିତ ତୁରନ୍ତ କୋକସରା ଥାନା ପୋଲିସକୁ ଅବଗତ କରାଇଥିଲେ।ପୋଲିସର ଘଟଣାସ୍ଥଳ କର୍ଡନ୍ ଓ ତଦନ୍ତ ଆରମ୍ଭ ଖବର ପାଇବାକ୍ଷଣି କୋକସରା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ରଶ୍ମି ରଞ୍ଜନ ବାଗ ଏକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ। ପୋଲିସ ଘଟଣାସ୍ଥଳକୁ ସଂରକ୍ଷିତ କରିବା ସହ ମୃତଦେହକୁ ଜବତ କରିଥିଲା। ଘଟଣାସ୍ଥଳରେ ମୃତକଙ୍କ ମୁଣ୍ଡ ନଥିବା ସ୍ପଷ୍ଟ ହୋଇଛି। ଏହି ଜଘନ୍ୟ ହତ୍ୟାକାଣ୍ଡକୁ ନେଇ ସମଗ୍ର କୋକସରା ଏବଂ ଆଖପାଖ ଅଞ୍ଚଳରେ ତୀବ୍ର ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି।ମୃତକଙ୍କ ପରିଚୟ ସନ୍ଧାନ ଓ ହତ୍ୟାକାରୀଙ୍କ ଖୁଲାସା ପାଇଁ ତଦନ୍ତ ଜାରି ପୋଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇ ମୃତକଙ୍କ ପରିଚୟ ଖୋଜିବା ପାଇଁ ଆଖପାଖର ବିଭିନ୍ନ ଥାନାକୁ ସୂଚନା ପ୍ରେରଣ କରାଯାଇଛି। ଏହାଛଡ଼ା, ବୈଜ୍ଞାନିକ ତଦନ୍ତକାରୀ ଟିମ୍ (Scientific Team) ଏବଂ ସନ୍ଧାନୀ କୁକୁର (Dog Squad) ର ସହାୟତାରେ ହତ୍ୟାକାରୀମାନଙ୍କୁ ଖୁବ୍ ଶୀଘ୍ର ଚିହ୍ନଟ କରାଯିବ ବୋଲି ପୋଲିସ ପ୍ରକାଶ କରିଛି। ପୂର୍ବ ଶତ୍ରୁତା, ପ୍ରେମଜନିତ ବା କୌଣସି ଅପରାଧିକ ପୃଷ୍ଠଭୂମିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି, ସେ ସମସ୍ତ ଦିଗକୁ ଆଖିଆଗରେ ରଖି ପୋଲିସ ଜୋରଦାର ତଦନ୍ତ ଚଳାଇଛି।



## ଆଇନଜୀବୀ ସଂଘ ନିର୍ବାଚନ ଏବଂ ଏହାର ସ୍ଥାନୀୟ ରାଜନୈତିକ ପ୍ରଭାବ

ଭବାନୀପାଟଣା: ନ୍ୟାୟପାଳିକାର ସ୍ଥାନୀୟ ପ୍ରାଣକେନ୍ଦ୍ର ତଥା କଳାହାଣ୍ଡି ଜିଲ୍ଲା ଆଇନଜୀବୀ ସଂଘ ର ବାର୍ଷିକ ନିର୍ବାଚନ ଏବେ ଭବାନୀପାଟଣା ସମେତ ସମଗ୍ର ଜିଲ୍ଲାର ରାଜନୈତିକ ଓ ବୌଦ୍ଧିକ କରିଡରରେ ସବୁଠୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ନିର୍ବାଚନକୁ କେବଳ ଏକ ଓକିଲ ସଂଘର ଆଭ୍ୟନ୍ତରୀଣ ପଦବୀ ନିର୍ବାଚନ ଭାବେ ଦେଖାଯାଏ ନାହିଁ, ବରଂ ଜିଲ୍ଲାର ରାଜନୈତିକ, ସାମାଜିକ ଏବଂ ପ୍ରଶାସନିକ ବଳୟରେ ଏହାର ଏକ ଗଭୀର ଓ ଦୂରଗାମୀ ପ୍ରଭାବ ରହିଥାଏ। ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ଆଇନଜୀବୀ ଭୋଟରମାନେ ଏଥିରେ ସାମିଲ ଥିବାରୁ, ଏହାର ଫଳାଫଳ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆଗାମୀ ଦିନର ସ୍ଥାନୀୟ ରାଜନୈତିକ ସମୀକରଣକୁ ପ୍ରଭାବିତ କରିଥାଏ। ଆଇନଜୀବୀ ସଂଘ ନିର୍ବାଚନର ପ୍ରତିଷ୍ଠା ଓ ପ୍ରଚାର କୌଶଳ ବାର୍ ଆସୋସିଏସନ୍‌ର ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ପଦବୀ ପାଇଁ ହେଉଥିବା ଲଢ଼େଇ ଅତ୍ୟନ୍ତ ରୋମାଞ୍ଚକର ହୋଇଥାଏ। ପ୍ରାର୍ଥୀମାନେ କେବଳ କୋର୍ଟ ପରିସରରେ ନୁହେଁ, ବରଂ ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ସହରାଞ୍ଚଳରୁ ଆଇନଜୀବୀ ଭାଇମାନଙ୍କୁ ଭେଟି ବ୍ୟକ୍ତିଗତ ଭାବେ ସମର୍ଥନ ଲୋଡ଼ିଥାନ୍ତି। ବରିଷ୍ଠ ଆଇନଜୀବୀ ଏବଂ ଯୁବ ଆଇନଜୀବୀମାନଙ୍କ ମଧ୍ୟରେ ମତାମତ, ଅଦାଲତ ପରିସରର ବିକାଶ, ମୌଳିକ ସୁବିଧା ଏବଂ ଆଇନଜୀବୀଙ୍କ ସୁରକ୍ଷା ପ୍ରସଙ୍ଗ ଏହି ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ହୋଇଥାଏ। ରାଜନୈତିକ ଦଳଙ୍କ ପ୍ରଚ୍ଛନ୍ନ ପ୍ରଭାବ ଓ ସମ୍ପର୍କ ଯଦିଓ ବାର୍ ଆସୋସିଏସନ୍ ଏକ ସମ୍ପୂର୍ଣ୍ଣ ଅଣ-ରାଜନୈତିକ ବୌଦ୍ଧିକ ଅନୁଷ୍ଠାନ, ତଥାପି ଏଠାକାର ନେତୃତ୍ୱ ଏବଂ ନିର୍ବାଚନୀ ଫଳାଫଳକୁ ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ବେଶ୍ ଗୁରୁତ୍ୱର ସହ ବିଚାର କରିଥାନ୍ତି। ଅନେକ ପ୍ରମୁଖ ଆଇନଜୀବୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ ଥିବାରୁ, ଏହି ନିର୍ବାଚନ ଜିତିବା ପାଇଁ ଦଳୀୟ ସ୍ତରର ଅଘୋଷିତ ସମର୍ଥନ ଓ ଲବିଂ ମଧ୍ୟ ଦେଖିବାକୁ ମିଳିଥାଏ। ଏହି ନିର୍ବାଚନରେ ବିଜୟୀ ହୋଇଥିବା କର୍ମକର୍ତ୍ତାମାନେ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାକୁ ପ୍ରଶାସନ ଦରବାରରେ ଦୃଢ଼ତାର ସହ ଉପସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସାମାଜିକ ପ୍ରଭାବ ଏବଂ ଜିଲ୍ଲାବାଦର ସ୍ୱର କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଜନସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜଳସେଚନ ଭଳି ପ୍ରସଙ୍ଗରେ ବାର୍ ଆସୋସିଏସନ୍ ପକ୍ଷରୁ ସମୟ ସମୟରେ ନିଆଯାଉଥିବା ନିଷ୍ପତ୍ତି ପ୍ରଶାସନ ଉପରେ ଗଭୀର ପ୍ରଭାବ ପକାଇଥାଏ। ତେଣୁ ଏହି ନିର୍ବାଚନ କେବଳ ଏକ ସଂଘର ନିର୍ବାଚନ ନହୋଇ ସମଗ୍ର ଜିଲ୍ଲାର ବୌଦ୍ଧିକ ନେତୃତ୍ୱ ଚୟନର ଏକ ମାଧ୍ୟମ ପାଲଟିଛି। ନିର୍ବାଚନର ସଫଳ ସମାପ୍ତି ପରେ କଳାହାଣ୍ଡିର ରାଜନୈତିକ କରିଡରରେ ଆଗାମୀ ଦିନର ରଣନୀତିକୁ ନେଇ ନୂତନ ଆଲୋଚନା ଆରମ୍ଭ ହୋଇଯାଇଥାଏ।

## କେନାଲ୍ ଶେଷ ମୁଣ୍ଡକୁ ପାଣି ନ ପହଞ୍ଚିଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

କଳାହାଣ୍ଡି/ଜୟପୁର: କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲାର ଜୀବନରେଖା କୁହାଯାଉଥିବା ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଏବଂ ଏହାର ବିଭିନ୍ନ ଶାଖା କେନାଲ୍‌ଗୁଡ଼ିକର କାମ ଦୀର୍ଘ ଦିନ ହେଲା ଅଧାପନ୍ତରିଆ ହୋଇପଡ଼ିଥିବାରୁ କୃଷକମାନଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ପ୍ରକଳ୍ପର କେନାଲ୍ ସଂପ୍ରସାରଣ ଏବଂ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳସେଚନ ସୁବିଧା ପହଞ୍ଚାଇବା ଦାବିରେ ଜୟପୁର ଏବଂ କଳାହାଣ୍ଡିର ଚାଷୀ ସଙ୍ଗଠନଗୁଡ଼ିକ ଏକାଠି ହୋଇ ପ୍ରଶାସନକୁ ଜଳ ସମସ୍ୟା ନେଇ ଚର୍ମକାଳୀନ ଚେତାବନୀ ଦେଇଛନ୍ତି। ଯଦି ଶୀଘ୍ର ବିତରଣୀ ନାଳଗୁଡ଼ିକର ମରାମତି ଏବଂ ପାଣି ଯୋଗାଣ ନ କରାଯାଏ, ତେବେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଘୋଷଣା କରିଛନ୍ତି। ଅଧାପନ୍ତରିଆ କେନାଲ୍ କାମ ଓ ଚାଷୀଙ୍କ ଦୁର୍ଦ୍ଦଶା ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଦ୍ୱାରା ହଜାର ହଜାର ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିଲେ ହେଁ, ବିଭାଗୀୟ ଅବହେଳା ଏବଂ ଠିକାସଂସ୍ଥାମାନଙ୍କ ମନ୍ଥର କାର୍ଯ୍ୟ ଯୋଗୁଁ ବହୁ କେନାଲ୍ ଅଦାବି ଅବସ୍ଥାରେ ପଡ଼ିରହିଛି। କେନାଲ୍ ମଧ୍ୟରେ ପଙ୍କ ଜମିରହିବା, ପାଚେରୀ ଭାଙ୍ଗିଯିବା ଏବଂ ଗେଟ୍‌ଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ ଉପରମୁଣ୍ଡରେ ପାଣି ଥିଲେ ମଧ୍ୟ ତଳମୁଣ୍ଡର ଚାଷଜମିକୁ ଏକ ବୁନ୍ଦା ମଧ୍ୟ ପାଣି ମିଳୁନାହିଁ। ଫଳରେ ଖରିଫ୍ ଓ ରବି ଋତୁରେ ଚାଷୀମାନେ ବର୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି, ଯାହାକି ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ରାଜନୈତିକ ସମର୍ଥନ ଓ କୃଷକ ସଙ୍ଗଠନର ହୁଙ୍କାର ଏହି ଜଳସେଚନ ସମସ୍ୟାକୁ ନେଇ ସ୍ଥାନୀୟ ରାଜନୈତିକ ଦଳଗୁଡ଼ିକ ମଧ୍ୟ କୃଷକଙ୍କ ସମର୍ଥନରେ ବାହାରିଛନ୍ତି। ବିଭିନ୍ନ କୃଷକ ସମିତି ଏବଂ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି ଯେ, ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଦାବି କରୁଥିଲେ ମଧ୍ୟ ପ୍ରକୃତ କ୍ଷେତ୍ରରେ ଚାଷୀମାନେ ଜଳସେଚନ ପାଇଁ ପାଉନାହାନ୍ତି। ନିର୍ବାଚନ ସମୟରେ ବଡ଼ବଡ଼ ପ୍ରତିଶ୍ରୁତି ଦିଆଯାଉଥିଲେ ସେ ନିର୍ବାଚନ ପରେ କେହି ହେଲେ କୃଷକଙ୍କ ଦୁଃଖ ବୁଝୁନାହାନ୍ତି। ପ୍ରଶାସନିକ ସ୍ପଷ୍ଟୀକରଣ ଓ ଆନ୍ଦୋଳନର ଚେତାବନୀ କୃଷକମାନଙ୍କ ଏହି ଆନ୍ଦୋଳନର ଚେତାବନୀ ପରେ ଜଳସମ୍ପଦ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି। କେନାଲ୍ ମରାମତି ଏବଂ ପାଣି ଯୋଗାଣ ପାଇଁ ଆବଶ୍ୟକ ପାଣ୍ଠି ଅନୁମୋଦନ କରାଯିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ତଥାପି, ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେନାଲ୍‌ଗୁଡ଼ିକର ମରାମତି ସମ୍ପୂର୍ଣ୍ଣ ହୋଇ ଜମିକୁ ପାଣି ନ ଆସେ, ତେବେ ଜୟପୁର ଓ କଳାହାଣ୍ଡିର ରାଜପଥ ଅବରୋଧ କରାଯିବ ବୋଲି କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଚରମପତ୍ର ଦିଆଯାଇଛି।

ମାଟିର ଖବର

## କୋକସରା ପ୍ରେମୀ ଯୁଗଳଙ୍କ ରହସ୍ୟଜନକ ମୃତ୍ୟୁର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ରିପୋର୍ଟ୍ ରଥୁରାମ ବାଗ, କଳାହାଣ୍ଡି । କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଞ୍ଚଳରେ ପ୍ରେମୀ ଯୁଗଳଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ରାଜନୀତି ସରଗରମ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛି କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି। ଏନେଇ ଭବାନୀପାଟଣାର ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୋଲିସର ପ୍ରାଥମିକ ତଦନ୍ତ ଓ ଆତ୍ମହତ୍ୟା ନିଷ୍କର୍ଷ ଉପରେ ପ୍ରଶ୍ନ ଉଠାଇଛି ଦଳ। ଏଥିସହ ଜିଲ୍ଲାରେ ବଢୁଥିବା ଅପରାଧ ଓ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛି। କୋକସରା ଥାନା ଅନ୍ତର୍ଗତ ଟେଣ୍ଡାପାଲି ଗ୍ରାମର ୨୧ ବର୍ଷୀୟ ଅଜିତ କୁମାର ନାଏକ ଏବଂ ଧର୍ମଗଡ଼ ଅଞ୍ଚଳର ୧୭ ବର୍ଷୀୟା ପ୍ରିୟଦର୍ଶିନୀ ନାଏକଙ୍କ ମୃତଦେହ ବେହେରା ଗ୍ରାମ ନିକଟସ୍ଥ ଭଣରାଡଙ୍ଗରୀ ପାହାଡ଼ରେ ଏକ ଗଛରୁ ଉଦ୍ଧାର ହୋଇଥିଲା। ପୋଲିସ ପ୍ରାଥମିକ ତଦନ୍ତ ଓ ଶବବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଏହାକୁ ଆତ୍ମହତ୍ୟା ବୋଲି କହିଥିବାବେଳେ ମୃତ ଯୁବକଙ୍କ ପରିବାର ଏହା ଯୋଜନାବଦ୍ଧ ହତ୍ୟା ହୋଇଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାର ସମସ୍ତ ଦିଗକୁ ନେଇ ନିରପେକ୍ଷ ତଦନ୍ତ କରିବା ସହ କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ଯୁବ ବିଜେଡି ଦାବି କରିଛି। ଏଥିସହ ନଭେମ୍ବର ୫ ତାରିଖରେ ଲଡୁଗାଁ-ସୁପାଡ଼ ରାସ୍ତାକଡ଼ ଚାଷଜମିରୁ ଜଣେ ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଏବଂ ନଭେମ୍ବର ୨ ତାରିଖରୁ କେଗାଁ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦଳେଇ ନିଖୋଜ ଘଟଣାକୁ ନେଇ ମଧ୍ୟ ଚିନ୍ତା ପ୍ରକାଶ କରିଛି ଦଳ। ସୂଚନା ଅଧିକାର ତଥ୍ୟ ଅନୁସାରେ ଗତ ୨୮ ମାସରେ ଜିଲ୍ଲାରେ ୭୨ଟି ହତ୍ୟା ଓ ୨୩୪ ଟି ବଳାତ୍କାର ମାମଲା ରୁଜୁ ହୋଇଥିବା ଦାବି କରି ଅପରାଧ ନିୟନ୍ତ୍ରଣ, ରାତ୍ରିକାଳୀନ ପାଟ୍ରୋଲିଂ ଓ ପୋଲିସ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଯୁବ ବିଜେଡି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଯୁବ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଜନମତ

## ପାନୀୟ ଜଳ ସମସ୍ୟା ଓ ଅବ୍ୟବସ୍ଥିତ ନାଳ ନର୍ଦ୍ଦମାକୁ ନେଇ ରାଜନୈତିକ ତର୍କ

ଭବାନୀପାଟଣା: କଳାହାଣ୍ଡି ଜିଲ୍ଲା ସଦର ମହକୁମା ତଥା ଐତିହାସିକ ଭବାନୀପାଟଣା ପୌରପାଳିକା ଅଞ୍ଚଳରେ ପାନୀୟ ଜଳ ଯୋଗାଣରେ ବିଭ୍ରାଟ ଏବଂ ଜଳାବଦ୍ଧତା ସୃଷ୍ଟି କରୁଥିବା ଅବ୍ୟବସ୍ଥିତ ନାଳ ନର୍ଦ୍ଦମା ସମସ୍ୟାକୁ ନେଇ ସହରର ରାଜନୈତିକ ପାରଦ ଦ୍ରୁତଗତିରେ ବୃଦ୍ଧି ପାଇଛି। ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଶୁଦ୍ଧ ପାନୀୟ ଜଳ ଅପହଞ୍ଚ ହୋଇପଡ଼ିଥିବା ବେଳେ ବର୍ଷାଦିନ କିମ୍ବା ସାମାନ୍ୟ ବର୍ଷାରେ ସହରର ମୁଖ୍ୟ ରାସ୍ତା ଓ ବଜାର ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏହି ସମସ୍ୟାକୁ ନେଇ ଶାସକ ଦଳ ଏବଂ ବିରୋଧୀ ଦଳର କର୍ମୀମାନେ ପରସ୍ପରକୁ ଆକ୍ଷେପ-ପ୍ରତିଆକ୍ଷେପ କରିବା ଆରମ୍ଭ କରିଛନ୍ତି। ପାନୀୟ ଜଳ ଯୋଗାଣରେ ଅନିୟମିତତା ଓ ଜନଅସନ୍ତୋଷ ଭବାନୀପାଟଣା ସହରର ବହୁ ପୁରାତନ ୱାର୍ଡ ଯଥା ଗାନ୍ଧୀନଗରପଡ଼ା, କଲ୍ୟାଣପୁର, ଷ୍ଟେସନ୍ ପଡ଼ା ଏବଂ ଟାବୋର ପଡ଼ିଆ ଅଞ୍ଚଳରେ ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ନିୟମିତ ଭାବେ ପାଣି ନ ମିଳିବା ଏବଂ କେତେକ ସ୍ଥାନରେ ପାଇପ୍ ଫାଟି ଦୂଷିତ ଜଳ ଯୋଗାଣ ହେଉଥିବାରୁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମଋତୁ ପାଖେଇ ଆସୁଥିବା ବେଳେ ଏବେଠୁଁ ସହରରେ ଜଳ ସଙ୍କଟ ଦେଖାଦେବା ପୌର ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅବ୍ୟବସ୍ଥିତ ଡ୍ରେନେଜ୍ ସିଷ୍ଟମ୍ ଓ ମଶାଙ୍କ ପ୍ରାଦୁର୍ଭାବ ପାନୀୟ ଜଳ ବ୍ୟତୀତ ସହରର ଅଧାପନ୍ତରିଆ ଡ୍ରେନେଜ୍ ବ୍ୟବସ୍ଥା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଅଭିଶାପ ପାଲଟିଛି। ସହରର ବଡ଼ବଡ଼ ନାଳଗୁଡ଼ିକର ପଙ୍କୋଦ୍ଧାର ଏବଂ ସଫେଇ ନ ହେବା ଯୋଗୁଁ ଅଳିଆ ଆବର୍ଜନା ଜମିରହି ନାଳର ପାଣି ରାସ୍ତା ଉପରକୁ ବୋହୁଛି। ଏହାଦ୍ୱାରା ଦୁର୍ଗନ୍ଧ ବ୍ୟାପିବା ସହ ମଶାଙ୍କ ବଂଶବୃଦ୍ଧି ବୃଦ୍ଧି ପାଇଛି ଏବଂ ସାଂଘାତିକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ, କେବଳ କାଗଜପତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ସୁଦ୍ଧା ମାଟିରେ କୌଣସି ସ୍ଥାୟୀ କାର୍ଯ୍ୟ ଦେଖିବାକୁ ମିଳୁନାହିଁ। ପ୍ରଶାସନିକ ସ୍ପଷ୍ଟୀକରଣ ଓ ଆନ୍ଦୋଳନର ଚେତାବନୀ ଅନ୍ୟପକ୍ଷରେ, ପୌର ପ୍ରଶାସନ ଏବଂ ଶାସକ ଦଳର କର୍ମକର୍ତ୍ତାମାନେ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ସହରର ବିକାଶ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଅନୁମୋଦନ କରାଯାଇଛି ଏବଂ ଜଳ ଯୋଗାଣ ସମସ୍ୟା ଓ ଡ୍ରେନ୍ ମରାମତି କାମକୁ ଯୁଦ୍ଧକାଳୀନ ଭିତ୍ତିରେ ହାତକୁ ନିଆଯାଇଛି। ତଥାପି, ଯଦି ଆଗାମୀ କିଛି ଦିନ ଭିତରେ ସହରବାସୀଙ୍କୁ ନିୟମିତ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇ ଦିଆ ନଯାଏ, ତେବେ ବିରୋଧୀ ଦଳ ଏବଂ ସ୍ଥାନୀୟ ଯୁବ ସଙ୍ଗଠନ ପକ୍ଷରୁ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଜୁ ଜନତା ଦଳର ରାଜନୀତି

କଳାହାଣ୍ଡି:ରାଜ୍ୟରେ ଶାସନ ପରିବର୍ତ୍ତନ ପରେ କଳାହାଣ୍ଡି ଜିଲ୍ଲାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ନିଜର ହରାଇଥିବା ଆଧାରକୁ ଫେରି ପାଇବା ଏବଂ ସଂଗଠନକୁ ପୁନର୍ବାର ସୁଦୃଢ଼ ଓ ସକ୍ରିୟ କରିବା ପାଇଁ ବ୍ୟାପକ ପ୍ରୟାସ ଜାରି ରହିଛି। ଜିଲ୍ଲା ସ୍ତରରେ ଦଳ ନିଜର ସ୍ଥିତିକୁ ମଜବୁତ କରିବା ସାଙ୍ଗେ ସାଙ୍ଗେ ସାଧାରଣ ଜନସାଧାରଣ ଏବଂ କୃଷକମାନଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଗ୍ରାସରୁଟ୍ ସ୍ତରରେ ସଂଗଠନ ପୁନର୍ଗଠନ ଓ ୱାର୍ଡସ୍ତରୀୟ ବୈଠକ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼ ଏବଂ ସଦର ନିର୍ବାଚନମଣ୍ଡଳୀଗୁଡ଼ିକରେ ବିଜେଡି ପକ୍ଷରୁ ପର୍ଯ୍ୟାୟକ୍ରମେ ସାଙ୍ଗଠନିକ ବୈଠକମାନ ଆୟୋଜିତ ହେଉଛି। ଦଳୀୟ କର୍ମୀଙ୍କୁ ଅଧିକ ସକ୍ରିୟ ରଖିବା ଏବଂ ଗ୍ରାମାଞ୍ଚଳରେ ଦଳର ସ୍ଥିତିକୁ ଅଧିକ ଦୃଢ଼ଭିତ୍ତିକ କରିବା ପାଇଁ ୱାର୍ଡ ଓ ପଞ୍ଚାୟତ ସ୍ତରରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଜୋରଦାର କରାଯାଇଛି। ଯୁବ, ଛାତ୍ର ଓ ମହିଳା ଶକ୍ତିକୁ ଅଗ୍ରାଧିକାର ଦଳକୁ ପୁନର୍ଜୀବିତ କରିବା ଏବଂ ଆଗାମୀ ଦିନର ରାଜନୈତିକ ଲଢ଼େଇ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଯୁବ, ଛାତ୍ର ଏବଂ ମହିଳା ବିଜେଡି ଉପରେ ବିଶେଷ ଧ୍ୟାନ ଦିଆଯାଉଛି। କେସିଙ୍ଗା ଓ ଭବାନୀପାଟଣା ଅଞ୍ଚଳରେ ଛାତ୍ର ରାଜନୀତିକୁ ସକ୍ରିୟ କରିବା ସହ ଅଭିଜ୍ଞ ପୁରୁଣା କର୍ମୀମାନଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବାକୁ ନେତୃବୃନ୍ଦ ଗୁରୁତ୍ୱାରୋପ କରୁଛନ୍ତି।ଚାଷୀ ସମସ୍ୟା ଓ ଧାନ କିଣା ପ୍ରତିବାଦକୁ ମୁଖ୍ୟ ପ୍ରସଙ୍ଗ କଳାହାଣ୍ଡି ଏକ ପ୍ରମୁଖ କୃଷିପ୍ରଧାନ ଜିଲ୍ଲା ହୋଇଥିବାରୁ ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ବିଜେଡି ନିଜର ମୁଖ୍ୟ ରାଜନୈତିକ ଅସ୍ତ୍ର କରିଛି। ମଣ୍ଡିରେ ଧାନ କିଣା ବିଳମ୍ବ, କଟନୀ-ଛଟନୀର ଶୋଷଣ ଏବଂ ଟୋକନ୍ ସମସ୍ୟାକୁ ନେଇ ବିଜେଡି ନେତାମାନେ ବର୍ତ୍ତମାନର ବିଜେପି ସରକାରଙ୍କ ବିରୋଧରେ ତୀବ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ବିଭିନ୍ନ ବ୍ଲକ ସମ୍ମୁଖରେ ବ୍ୟାପକ ବିକ୍ଷୋଭ ଓ ଧାରଣା ଦେବାକୁ ଜିଲ୍ଲା ନେତୃତ୍ୱ ରଣନୀତି ପ୍ରସ୍ତୁତ କରୁଛନ୍ତି।ବକ୍ସାଇଟ୍ ଖନନ ଓ ଆଦିବାସୀ ଜମି ଅଧିକାର ପ୍ରସଙ୍ଗ କଳାହାଣ୍ଡି ଏବଂ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ବକ୍ସାଇଟ୍ ଖନନ ଏବଂ ସ୍ଥାନୀୟ ବିସ୍ଥାପିତ ଆଦିବାସୀମାନଙ୍କ ଜମି ଅଧିକାର ସମସ୍ୟାକୁ ନେଇ ମଧ୍ୟ ବିଜେଡି ସରକାରଙ୍କୁ ଟାର୍ଗେଟ୍ କରିଛି। ସ୍ଥାନୀୟ ଜନସାଧାରଣଙ୍କ ଜଙ୍ଗଲ ଜମି ଅଧିକାର ଓ ପରିବେଶ ସୁରକ୍ଷାକୁ ଆଧାର କରି ଦଳ ପକ୍ଷରୁ ସଚେତନତା ଓ ଜନଆନ୍ଦୋଳନ ସୃଷ୍ଟି କରାଯାଉଛି। ବରିଷ୍ଠ ନେତୃତ୍ୱଙ୍କ ସମୀକ୍ଷା ଓ ଅନ୍ତଃକନ୍ଦଳ ଦୂର ଉଦ୍ୟମ ଦଳର ପୂର୍ବତନ ମନ୍ତ୍ରୀ, ବିଧାୟକ ଏବଂ ଜିଲ୍ଲା ସଭାପତିଙ୍କ ସମେତ ବରିଷ୍ଠ ନେତୃବୃନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଦଳ ଭିତରେ ରହିଥିବା ଆଭ୍ୟନ୍ତରୀଣ ମତଭେଦ ଓ ଅନ୍ତଃକନ୍ଦଳକୁ ଦୂର କରି ସମସ୍ତ ଗୋଷ୍ଠୀକୁ ଏକାଠି ନେଇ ଚାଲିବାକୁ ଜିଲ୍ଲା ନେତୃତ୍ୱ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି।

## ଧାନ କ୍ରୟ ବ୍ୟବସ୍ଥା ନେଇ ପ୍ରସ୍ତୁତି ବୈଠକ

ଧର୍ମଗଡ଼/ଜୁନାଗଡ଼:(ଆଦ୍ୟାଶା ଲାଇଭ୍):କଳାହାଣ୍ଡି ଜିଲ୍ଲାର ପ୍ରମୁଖ ଧାନ ଉତ୍ପାଦନକାରୀ ଅଞ୍ଚଳ ତଥା ଧାନର କାଳଜୟୀ କ୍ଷେତ୍ର ଭାବେ ପରିଚିତ ଧର୍ମଗଡ଼ ଓ ଜୁନାଗଡ଼ ସବ୍-ଡିଭିଜନର ବିଭିନ୍ନ ମଣ୍ଡି ଏବଂ ପ୍ରାଥମିକ କୃଷି ସମବାୟ ସମିତି (PACS) ଗୁଡ଼ିକରେ ଆଗାମୀ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁରୁଖୁରୁ ଓ ଦଲାଲମୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ନିୟନ୍ତ୍ରିତ ବଜାର କମିଟି ର କର୍ମକର୍ତ୍ତା, ବିଭିନ୍ନ ସମବାୟ ସମିତିର ସମ୍ପାଦକ, ମିଲର ସଂଘର ପ୍ରତିନିଧି ଏବଂ ବହୁ ଚାଷୀ ନେତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଚାଷୀଙ୍କ ସୁବିଧାକୁ ପ୍ରାଥମିକତା:ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, କଷ୍ଟଅର୍ଜିତ ଧାନ ବିକ୍ରି କରିବା ସମୟରେ ଚାଷୀମାନେ ଯେପରି କୌଣସି ପ୍ରକାର ଅସୁବିଧା କିମ୍ବା ହଇରାଣର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ସମସ୍ତ ମଣ୍ଡିରେ ଆବଶ୍ୟକୀୟ ଭିତ୍ତିଭୂମି ତୁରନ୍ତ ପ୍ରସ୍ତୁତ କରାଯିବ। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି:ମଣ୍ଡିରେ ମୌଳିକ ସୁବିଧା: ପ୍ରତ୍ୟେକ ଧାନ କ୍ରୟ କେନ୍ଦ୍ରରେ ଚାଷୀଙ୍କ ବିଶ୍ରାମ ପାଇଁ ଟାରପାଲିନ୍, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ସଠିକ୍ ଓଜନ ପାଇଁ ଡିଜିଟାଲ ଓଜନ ଯନ୍ତ୍ର ଏବଂ ଧାନର ଆର୍ଦ୍ରତା ମାପିବା ପାଇଁ ମଏଶ୍ଚର ମିଟର ସଠିକ୍ ଭାବେ କାର୍ଯ୍ୟକ୍ଷମ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।'କଟ୍‌ନି-ଛଟ୍‌ନି' ଉପରେ କଡ଼ା ନଜର: ଧାନ କ୍ରୟ ସମୟରେ ବେଆଇନ 'କଟ୍‌ନି-ଛଟ୍‌ନି' (ଓଜନ କାଟିବା ବା ଅନାବଶ୍ୟକ ହ୍ରାସ) କାର୍ଯ୍ୟକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଯଦି କୌଣସି ମିଲର କିମ୍ବା ମଣ୍ଡି କର୍ମଚାରୀ ଏଭଳି ବେଆଇନ କାର୍ଯ୍ୟରେ ଜଡ଼ିତ ରୁହନ୍ତି, ତେବେ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ଟୋକନ୍ ବ୍ୟବସ୍ଥା ଓ ମିଲରଙ୍କ ଦାୟିତ୍ୱ: ଚାଷୀଙ୍କ ପାଖକୁ ଆସିଥିବା ଅନ୍‌ଲାଇନ୍ ଟୋକନ୍ ଅବଧି ମଧ୍ୟରେ ଧାନ ଉଠାଇବା ପାଇଁ ମିଲରମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ମଣ୍ଡିରେ ଅହେତୁକ ଧାନ ଜମି ରହିବ ନାହିଁ ଏବଂ ସମୟାନୁସାରେ ଧାନ ଉଠାଣ ସମ୍ଭବ ହେବ।ଅନ୍ତଃରାଜ୍ୟ ଚୋରା ଚାଲାଣ ରୋକିବା: ସୀମାନ୍ତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ରୁ କମ ଦରର ବେଆଇନ ଧାନ ଆସି ଓଡ଼ିଶାର ମଣ୍ଡିଗୁଡ଼ିକରେ ଯେପରି ବିକ୍ରି ନହୁଏ, ସେଥିପାଇଁ ଜିଲ୍ଲା ସୀମାନ୍ତ ଚେକ୍‌ପୋଷ୍ଟଗୁଡ଼ିକରେ ପାଟ୍ରୋଲିଂ ଓ ତଦାରଖ କଡ଼ାକଡ଼ି କରାଯିବ।ସିଧାସଳଖ ବ୍ୟାଙ୍କ ଖାତାକୁ ଟଙ୍କା ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ:ଧାନ ବିକ୍ରି କରିବାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଷୀଙ୍କ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ସରକାରୀ ସହାୟତା ରାଶି ତୁରନ୍ତ ହସ୍ତାନ୍ତର କରାଯିବା ନେଇ ବୈଠକରେ ଦୃଢ଼ ଆଶ୍ୱାସନା ଦିଆଯାଇଛି। ମଣ୍ଡିଗୁଡ଼ିକରେ ପ୍ରଶାସନିକ ସ୍ୱଚ୍ଛତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇ ନିୟମିତ ଚଢ଼ାଉ ଓ ତଦାରଖ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

ADYASHA
ଆଦ୍ୟାଶା

ରାଜ୍ୟ

PRGI No. ORORI/25/A0506
Daily Edition
Email : adyashgroup.com

BHUBANESWAR | Vol. 02 | Issue 12
ଶନିବାର, ୦୭ ନଭେମ୍ବର ୨୦୨୬
ପୃଷ୍ଠା ୦୯ Rs. 7

ଆଜିର ପ୍ରମୁଖ

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ

ନୟାଗଡ଼: ନୟାଗଡ଼ ଜିଲ୍ଲାର ପ୍ରାଣକେନ୍ଦ୍ର ତଥା ସର୍ବସାଧାରଣଙ୍କ ଭରସାର ସ୍ଥଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH) ରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମେଡିକାଲରେ ବିଶେଷଜ୍ଞ ଡାକ୍ତର ଙ୍କ ଅଭାବ, ଖାଲି ପଡ଼ିଥିବା ପଦବୀ ଏବଂ ଔଷଧର ଅନୁପଲବ୍ଧତା ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଗରୀବ ରୋଗୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଜନବିରୋଧୀ ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ କଡ଼ା ଚେତାବନୀ ଦିଆଯିବା ସହ ଆଗାମୀ ଦିନରେ ବୃହତ୍ ଆନ୍ଦୋଳନ କରାଯିବ ବୋଲି ହୁଙ୍କାର ଦିଆଯାଇଛି। ଡାକ୍ତରଖାନାରେ ଡାକ୍ତର ଅଭାବ ଓ ରୋଗୀଙ୍କ ଦୁର୍ଦ୍ଦଶା ପ୍ରାପ୍ତ ସୂଚନା ଅନୁଯାୟୀ, ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ମେଡିସିନ୍, ଶଲ୍ୟ ଚିକିତ୍ସା ଶିଶୁରୋଗ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ହସ୍ପିଟାଲକୁ ଦିନକୁ ଶହ ଶହ ରୋଗୀ ଆସୁଥିଲେ ମଧ୍ୟ ପର୍ଯ୍ୟାପ୍ତ ସଂଖ୍ୟାରେ ଡାକ୍ତର ନଥିବାରୁ ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେବାକୁ ପଡୁଛି। ଅଧିକାଂଶ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ସ୍ଥିତ ଏସସିବି କିମ୍ବା କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ବିରୋଧୀଙ୍କ ଆକ୍ରମଣ ଓ ପ୍ରଶାସନର ପ୍ରତିକ୍ରିୟା ଏହି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନ ସମୟରେ ସ୍ୱାସ୍ଥ୍ୟସେବାରେ ସୁଧାର ଅଣାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ପରିସ୍ଥିତି ଅତି ଶୋଚନୀୟ ରହିଥିବା ଅଭିଯୋଗ ହୋଇଛି। ଯଦି ଶୀଘ୍ର ଖାଲିଥିବା ଡାକ୍ତର ପଦବୀଗୁଡ଼ିକ ପୂରଣ କରା ନଯାଏ ଏବଂ ମେଡିକାଲରେ ସମସ୍ତ ପ୍ରକାରର ଚିକିତ୍ସା ସୁବିଧା ନ ମିଳେ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଏବଂ ମେଡିକାଲ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପୋଷ୍ଟର ଓ ସୋସିଆଲ ମିଡିଆରେ ସୀମିତ କି ସମାଜସେବା ଦଶପଲ୍ଲାରେ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍



ନୟାଗଡ/ଦଶପଲ୍ଲା:(ଆଦ୍ୟାଶା):୦୬/୧୧:ନିର୍ବାଚନ ପାଖେଇ ଆସିଲେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ରାଜନୈତିକ ପାଣିପାଗ ସର୍ବଦା ଉଷ୍ମ ହୋଇଉଠେ। ବିଗତ କିଛି ବର୍ଷର ଇତିହାସକୁ ଦେଖିଲେ, ଏଠାରେ ନିର୍ବାଚନ ପୂର୍ବରୁ 'ସମାଜସେବୀ'ଙ୍କ ଭିଡ଼ ଜମିବା ଏବଂ ପରେ ସେମାନେ ରାଜନେତା ପାଲଟିଯିବା ଏକ ପୁରୁଣା ତଥା ପାରମ୍ପରିକ ରଣନୀତି ହୋଇ ରହିଆସିଛି। ଏବେ ପୁଣି ଥରେ ଦଶପଲ୍ଲା ରାଜନୀତିରେ ସେହି ସମାନ ସୂତ୍ରର ପୁନରାବୃତ୍ତି ଦେଖିବାକୁ ମିଳିଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି। ଦଶପଲ୍ଲାର ଜଣାଶୁଣା ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସେନାପତି ଏବେ ନିଜକୁ ଜଣେ ସମାଜସେବୀ ଭାବେ ଉପସ୍ଥାପିତ କରି ଜନସମ୍ପର୍କ ବଢ଼ାଇବାରେ ଲାଗିଛନ୍ତି। ବର୍ତ୍ତମାନ ଦଶପଲ୍ଲାର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ତାଙ୍କର ବଡ଼ ବଡ଼ ପୋଷ୍ଟର ଦେଖିବାକୁ ମିଳୁଛି। ଏହା ସହିତ ବିଭିନ୍ନ ପର୍ବପର୍ବାଣି ଅବସରରେ ତାଙ୍କର ଶୁଭେଚ୍ଛା ବାର୍ତ୍ତା ସୋସିଆଲ ମିଡିଆରେ ଘୂରି ବୁଲୁଛି। ତେବେ ଏହି ପ୍ରଚାର ପ୍ରସାରକୁ ନେଇ ଏବେ ସାଧାରଣରେ ତୀବ୍ର ଆଲୋଚନା ଆରମ୍ଭ ହୋଇଛି। ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ତାଙ୍କର ଏହି ସମାଜସେବା କେବଳ ବଡ଼ ବଡ଼ ପୋଷ୍ଟର, ବ୍ୟାନର ଓ ସୋସିଆଲ ମିଡିଆର ଶୁଭେଚ୍ଛା ବାର୍ତ୍ତାରେ ସୀମିତ ରହୁଛି, ନା ବାସ୍ତବ କ୍ଷେତ୍ରରେ ଲୋକଙ୍କ ପାଇଁ ପ୍ରକୃତ ଜନସେବା କାର୍ଯ୍ୟ କରାଯାଉଛି? ରାଜନୈତିକ ସମୀକ୍ଷକଙ୍କ ମତରେ, ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ନିଜର ପରିଚିତି ବଢ଼ାଇବା ଏବଂ କୌଣସି ବଡ଼ ରାଜନୈତିକ ପଦବୀ ହାସଲ କରିବା ପାଇଁ ଏହା ଏକ ସୁଚିନ୍ତିତ ରଣନୀତି। ବିଗତ ଦିନରେ ଅବିକଳ ଏହି ଶୈଳୀ ଆପଣେଇ ଘରପୋଡ଼ି ବିପନ୍ନ ଓ ମୃତ ପରିବାରକୁ ଆର୍ଥିକ ସହାୟତା ଦେଇ ସେ ସମାଜସେବା ମାଧ୍ୟମରେ ଲୋକଙ୍କ ନିକଟତର ହୋଇଥିଲେ ଏବଂ ଶେଷରେ ୨୦୧୯ରେ ବିଧାୟକ ହେବାରେ ସଫଳ ହୋଇଥିଲେ। ୨୦୨୧ ମସିହାରେ ସେହିଭଳି ହଠାତ୍ ରାଜନୈତିକ ପ୍ରବେଶ କରି ନିର୍ବାଚନ ମଣ୍ଡଳୀର ଭିତରି ଅଞ୍ଚଳରେ ମଠ ଓ ମନ୍ଦିର ନିର୍ମାଣ କରି ନିଜର ପ୍ରଭାବ ବିସ୍ତାର କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇ ତତ୍କାଳୀନ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ବିରୋଧରେ 'ରମେଶ ହଟାଓ, ଦଶପଲ୍ଲା ବଞ୍ଚାଓ' ନାରା ଦେଇ ଶାସକ ଦଳ ଭିତରେ ଏକ ଅସନ୍ତୁଷ୍ଟ ଗୋଷ୍ଠୀ ତିଆରି କରି ନିଜର ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ୨୦୨୪ ସାଧାରଣ ନିର୍ବାଚନ ପରେ ସେ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଦୃଶ୍ୟପଟ୍ଟରୁ ଉଭାନ ହୋଇଯାଇଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଦଶପଲ୍ଲା ରାଜନୀତିର ଏହି ଧାରା ସ୍ପଷ୍ଟ କରୁଛି ଯେ, ନିର୍ବାଚନ ପାଖେଇ ଆସିଲେ ସମାଜସେବାର ବନ୍ୟା ଛୁଟେ, କିନ୍ତୁ ଭୋଟ ସରିବା ମାତ୍ରେ ଏହି ନେତାମାନେ ଜନସେବାରୁ ଦୂରେଇ ଯାଆନ୍ତି। ବର୍ତ୍ତମାନ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ଏହି ପୋଷ୍ଟର ପ୍ରଚାର ଓ ଜନସମ୍ପର୍କ ଅଭିଯାନ ସେହି ସମାନ ରାଜନୈତିକ ଉଚ୍ଚାଭିଳାଷ ଆଡ଼କୁ ଇସାରା କରୁଛି। ତେବେ ଏହି ଆଶାୟୀ ନେତାମାନଙ୍କର ପ୍ରକୃତ ରାଜନୈତିକ ଭାଗ୍ୟ ଏବଂ ଭବିଷ୍ୟତର ରଣନୀତି କେବଳ ସରକାରୀ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ହିଁ ସ୍ପଷ୍ଟ ହେବ। ଚଳିତ ରାଜନୈତିକ ପଶାପାଲିରେ ଏହି ନୂତନ 'ସମାଜସେବୀ' ଚେହେରା କେତେ ସଫଳ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

(ନୟାଗଡ଼ ଜିଲ୍ଲା ପ୍ରତିନିଧି ଦୀପକ ନାୟକଙ୍କ ରିପୋର୍ଟ)

ଜନମତ

## ନୟାଗଡ଼ ଜଙ୍ଗଲରେ ବନ୍ୟଜନ୍ତୁ ଗଣନା ଏବଂ କ୍ୟାମେରା ଟ୍ରାପ୍ ବ୍ୟବସ୍ଥା

ନୟାଗଡ଼: ନୟାଗଡ଼ ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ବନ୍ୟପ୍ରାଣୀମାନଙ୍କ ସଠିକ୍ ସଂଖ୍ୟା, ସ୍ୱାସ୍ଥ୍ୟାବସ୍ଥା ଏବଂ ସେମାନଙ୍କର ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସ୍ତରରେ ବନ୍ୟଜନ୍ତୁ ଗଣନା ଏବଂ ଅତ୍ୟାଧୁନିକ କ୍ୟାମେରା ଟ୍ରାପ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜଙ୍ଗଲରେ ବାଘ, କଲରାପତରିଆ ବାଘ, ଭାଲୁ, ହରିଣ, ବାରାହା ଏବଂ ଅନ୍ୟାନ୍ୟ ଦୁର୍ଲଭ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏହି ବୈଷୟିକ ଜ୍ଞାନକୌଶଳ ବେଶ୍ ସହାୟକ ହୋଇଛି। ଅତ୍ୟାଧୁନିକ କ୍ୟାମେରା ଟ୍ରାପ୍ ମାଧ୍ୟମରେ ୨୪ ଘଣ୍ଟିଆ ନଜର ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ଦଶପଲ୍ଲା, ରଣପୁର ଏବଂ ଖଣ୍ଡପଡ଼ା ଜଙ୍ଗଲର ମୁଖ୍ୟ କରିଡର ଏବଂ ଜଳସ୍ରୋତ ଥିବା ସ୍ଥାନଗୁଡ଼ିକରେ ସେନ୍ସର ଯୁକ୍ତ ଅତ୍ୟାଧୁନିକ କ୍ୟାମେରାଗୁଡ଼ିକ ଲଗାଯାଇଛି। ଏହି କ୍ୟାମେରାଗୁଡ଼ିକ ରାତି କିମ୍ବା ଦିନରେ ଜଙ୍ଗଲ ମଧ୍ୟରେ ଯେକୌଣସି ବନ୍ୟଜନ୍ତୁଙ୍କ ଚଳପ୍ରଚଳ ହେଲେ ସ୍ୱୟଂଚିତ ଭାବେ ଫଟୋ ଓ ଭିଡିଓ କ୍ୟାପଚର୍ କରିଥାଏ। ଫଳରେ ଶିକାରୀମାନଙ୍କ ଉପରେ କଡ଼ା ନଜର ରଖିବା ସହିତ ଜନ୍ତୁମାନଙ୍କ ସଠିକ୍ ଆକଳନ କରିବା ସମ୍ଭବପର ହେଉଛି। ବନ୍ୟପ୍ରାଣୀ ସଂରକ୍ଷଣ ଓ ବନ ବିଭାଗର ପ୍ରୟାସ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ କରାଯାଉଥିବା ଏହି ସର୍ଭେରୁ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ବଂଶବୃଦ୍ଧି ଏବଂ ସେମାନଙ୍କ ପାଇଁ ଥିବା ଖାଦ୍ୟ ଓ ଜଳର ପରିମାଣ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିଥାଏ। ଜଙ୍ଗଲ କ୍ଷୟ ଏବଂ ମାନବୀୟ ହସ୍ତକ୍ଷେପ ଯୋଗୁଁ ବନ୍ୟଜନ୍ତୁମାନେ ଯେପରି କୌଣସି ବିପଦର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବନ କର୍ମଚାରୀମାନେ ନିୟମିତ ଭାବେ ପାଟ୍ରୋଲିଂ ଜାରି ରଖିଛନ୍ତି। ଏହି ନିଆରା ପଦକ୍ଷେପକୁ ସ୍ଥାନୀୟ ପ୍ରକୃତିପ୍ରେମୀ ଓ ବୁଦ୍ଧିଜୀବୀମାନେ ବେଶ୍ ପ୍ରଶଂସା କରିଛନ୍ତି।

ଜିଲ୍ଲାରୁ ସିଧା ରିପୋର୍ଟ

## ଧାନ କ୍ଷେତରେ ମାଛ ଚାଷ: ମାଲକାନଗିରି ଚାଷୀଙ୍କୁ ବୈଜ୍ଞାନିକ ଉପାୟରେ ତାଲିମ ଦେଲେ ବିଶେଷଜ୍ଞ

ମାଲକାନଗିରି:( ଆଦ୍ୟାଶା): ମତ୍ସ୍ୟ ଚାଷୀମାନଙ୍କ ଆୟ ବୃଦ୍ଧି, ଉନ୍ନତ ଚାଷ ପ୍ରଣାଳୀର ପ୍ରସାର ଏବଂ ଧାନ ସହିତ ମତ୍ସ୍ୟଚାଷକୁ ସମନ୍ୱିତ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଧାନ ସହିତ ମାଛ ସମନ୍ୱିତ ଚାଷ ସମ୍ପର୍କିତ ସଚେତନା ଅଭିଯାନ ତଥା ବୈଷୟିକ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ବିଭାଗ ମାଲକାନଗିରିର ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମାଲକାନଗିରି, କୋରୁକୋଣ୍ଡା ଓ କାଲିମେଳା ବ୍ଲକର ଧାନ ଚାଷୀ, ମତ୍ସ୍ୟଚାଷୀ ଏବଂ ହିତାଧିକାରୀମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ବୈଷୟିକ ମାର୍ଗଦର୍ଶନ ଦେବା ପାଇଁ କଟକ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ଼. ଆନି ପୁନମ୍, ବୈଷୟିକ ଅଧିକାରୀ ଅକ୍ଷୟ କୁମାର ମହାରଣା, ମତ୍ସ୍ୟ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସ୍ୱୟଂପ୍ରଭା ବଳ, ୱାର୍ଲ୍ଡ ଫିସ୍ ସେଣ୍ଟରର ମତ୍ସ୍ୟ ବିଶେଷଜ୍ଞ ଅମର ଗାୟକୱାଡ଼, ଭେଙ୍କଟ ନାରାୟଣ, କୃଷି ବିଜ୍ଞାନ କେନ୍ଦ୍ର ମାଲକାନଗିରିର ବୈଜ୍ଞାନିକ ଦେବୀ ପ୍ରସାଦ ଦାସ ଏବଂ ଅତିରିକ୍ତ କୃଷି ଅଧିକାରୀ ଚନ୍ଦ୍ରଶେଖର ଭୂମିଆ ଉପସ୍ଥିତ ରହି ତାଲିମ ସହ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ। ବିଶେଷଜ୍ଞମାନେ ଧାନ କ୍ଷେତରେ ମାଛ ଚାଷର ଗୁରୁତ୍ୱ, ଉପଯୁକ୍ତ ଜମି ଚୟନ, ଜମି ପ୍ରସ୍ତୁତି, ଜଳ ପରିଚାଳନା, ମାଛ ଯାଆଁଳା ଚୟନ, ଖାଦ୍ୟ ପ୍ରୟୋଗ ଏବଂ ରୋଗ ନିୟନ୍ତ୍ରଣ ବିଷୟରେ ବିସ୍ତୃତ ତଥ୍ୟ ଦେଇଥିଲେ। ଏହି ସମନ୍ୱିତ ଚାଷ ଦ୍ୱାରା ଗୋଟିଏ ଜମିରୁ ଧାନ ସହିତ ମାଛ ଉତ୍ପାଦନ କରି ଚାଷୀମାନେ ଅତିରିକ୍ତ ଆୟ ଉପାର୍ଜନ କରିପାରିବେ। ଏହା ଜମି ଓ ଜଳ ସମ୍ପଦର ସୁବିନିଯୋଗ, ପୋଷଣ ସୁରକ୍ଷା ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶରେ ସହାୟକ ହେବ। ଏହି ଅବସରରେ 'କ୍ଷେତ ବଞ୍ଚାଅ ଅଭିଯାନ' ଏବଂ 'ଜନଜାତୀୟ ଗୌରବ ଦିବସ' ମାଧ୍ୟମରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମାଲକାନଗିରି ସହକାରୀ ମତ୍ସ୍ୟ ଅଧିକାରୀ ଶାଶ୍ୱତ ମହାନ୍ତି ଓ କୋରୁକୋଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦ୍ର କୁମାର ବେହେରା ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ଶାନ୍ତନୁ କୁମାର ଗିରି, ଅବଦୁଲ୍ ନିଜାମୁଦିନ ଖାନ, ମନୋଜ କୁମାର ଜେନା, ରାଜେଶ କୁମାର ମହାରଣା, ଡି. ଲିଙ୍ଗରାଜ ପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ସହାୟତା କରିଥିଲେ। ଶେଷରେ ଉପସ୍ଥିତ ଚାଷୀମାନଙ୍କୁ ଏହି ଲାଭଜନକ ସମନ୍ୱିତ ଚାଷ ପ୍ରଣାଳୀ ଆପଣାଇବା ସହିତ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଏଥିପାଇଁ ପ୍ରେରିତ କରିବାକୁ ଆହ୍ୱାନ ଦିଆଯାଇଥିଲା।




## ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ସୁରଭି ଆୟୋଜିତ



କଳାହାଣ୍ଡି:ରିପୋର୍ଟ - ରଥୁରାମ ବାଗ:ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସାଂସ୍କୃତିକ ଦକ୍ଷତାର ପ୍ରଦର୍ଶନ ପାଇଁ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ସ୍ଥାନୀୟ ଐତିହାସିକ ବ୍ରଜମୋହନ (ବି.ଏମ୍.) ହାଇସ୍କୁଲ ପରିସରରେ ଅତ୍ୟନ୍ତ ଆଡ଼ମ୍ବର ଓ ଉତ୍ସାହଜନକ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ଶତାଧିକ ପ୍ରତିଭାବାନ ଛାତ୍ରଛାତ୍ରୀ ଏହି ମହୋତ୍ସବରେ ଯୋଗଦେଇ ନିଜ ନିଜର ଶିକ୍ଷାଗତ, ସାଂସ୍କୃତିକ ଓ କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିଥିଲେ। ମାନ୍ୟଗଣ୍ୟ ଅତିଥିଙ୍କ ଯୋଗଦାନ ଓ ଶୁଭାରମ୍ଭ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୋମ୍ୟରଞ୍ଜନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭବାନୀପାଟଣା ବିଧାୟକ ପ୍ରତିନିଧି ଇନ୍ଦ୍ରଜିତ୍ ମହାକୁଡ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ତପିମଣି ଜାନି, ଜିଲ୍ଲା ଶ୍ରମ ଅଧିକାରୀ ସୋମ୍ୟରଞ୍ଜନ କର, ଭବାନୀପାଟଣା ବିଇଓ ଆଚାରୀ ଶବର, ଗୋଲାମୁଣ୍ଡା ବିଇଓ ରାଜେଶ ନାୟକ, ବି.ଏମ୍. ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, କେସିଙ୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା, ଜୁନାଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ପ୍ରମୁଖ ମଞ୍ଚାସୀନ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଜିଲ୍ଲା ସ୍ତରୀୟ ସୁରଭି ମହୋତ୍ସବରେ ଜିଲ୍ଲାର ୧୩ଟି ବ୍ଲକରୁ ପ୍ରତିନିଧିତ୍ୱ କରୁଥିବା କୋମଳମତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ବିତର୍କ, ପ୍ରବନ୍ଧ ଲିଖନ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ, ସାଂସ୍କୃତିକ ନୃତ୍ୟ, ପିଏମ୍ ଓ ସିଏମ୍ ପୋଷଣ ଚିତ୍ରକଳା ତଥା ଶିଳ୍ପକଳା ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତଳବେଲଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ମନମୁଗ୍ଧକର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱ ସିଆରସିସି ଡିଲେଶ୍ୱର ରଣା ସମ୍ପାଦନ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ଶିକ୍ଷୟତ୍ରୀ ଦିପ୍ତିମୟୀ ସିଂ, ଶିକ୍ଷକ ନୀଳାଞ୍ଚଳ ପାନ ଏବଂ ଛାତ୍ରୀ ପ୍ରିୟା ରଣା ମିଳିତ ଭାବେ ସଂଚାଳନ କରିଥିଲେ।କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ରାଜ୍ୟସ୍ତରୀୟ ଚୟନ କାର୍ଯ୍ୟକ୍ରମର ଉଦ୍ୟାପନୀ ପର୍ଯ୍ୟାୟରେ ଆୟୋଜିତ ଆକର୍ଷଣୀୟ ପୁରସ୍କାର ବିତରଣ ପର୍ବକୁ ଏବିଇଓ ସଞ୍ଜୀବ ପାଢ଼ୀ ଓ ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ ସୁଚାରୁ ରୂପେ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ କରକମଳରେ ମାନପତ୍ର (ସାର୍ଟିଫିକେଟ୍) ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ରାଜ୍ୟ ରାଜଧାନୀରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ପ୍ରତିନିଧିତ୍ୱ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ସୁପରିଚାଳନା ଏହି ବୃହତ୍ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସଫଳ କରିବାରେ ଏବିଇଓ ସଞ୍ଜୀବ ପାଢ଼ୀ, ବିଶ୍ୱଜିତ୍ ବେହେରା, ପ୍ରଭାତ ସାହୁ, ସୌମେନ୍ଦ୍ର ପଟ୍ଟନାୟକ, କେ. ଲଳିତ ମୋହନଙ୍କ ସମେତ ଆୟୋଜନ କମିଟିର ସମସ୍ତ ସଦସ୍ୟ-ସଦସ୍ୟା, ଡିପିସି ଏବଂ ଡିଇଓ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ ଶିକ୍ଷକ-ଶିକ୍ଷୟତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ୨୪ ଏସଏଚଜିକୁ ୧ କୋଟି ୪୩ ଲକ୍ଷ ଋଣ ବଣ୍ଟନ, ସଇଁତଲା ବ୍ଲକରେ ବ୍ୟାଙ୍କ-ଏସଏଚଜି ସମନ୍ୱୟ ବୈଠକ ଅନୁଷ୍ଠିତ।



ସଇଁତଲା, ୦୬/୧୧ (ଆଦ୍ୟସା)ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ସ୍ଥିତ ଗ୍ରାମାଞ୍ଚଳ ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସଇଁତଲା ବ୍ଲକ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଆର୍ଥିକ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସଇଁତଲା ଶାଖା ଓ ସ୍ୱୟଂ ସହାୟକ ଗୋଷ୍ଠୀ ଏସଏଚଜି ମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ମୋଟ ୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୪୩ ଲକ୍ଷ ଟଙ୍କାର ଋଣ ରାଶି ବଣ୍ଟନ କରାଯାଇଥିବାରୁ ଗୋଷ୍ଠୀର ସଦସ୍ୟାମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ପ୍ରକାଶ ପାଇଛି।ବୈଠକରେ ସଇଁତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସଏଚଜି ମହିଳାଙ୍କୁ ଉତ୍ସାହିତ କରିଥିଲେ। ଏହାସହ ବଲାଙ୍ଗୀର ଆଞ୍ଚଳିକ ପ୍ରବନ୍ଧକ, ଷ୍ଟେଟ ବ୍ୟାଙ୍କ ସଇଁତଲା ଶାଖା ପ୍ରବନ୍ଧକ ଏବଂ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ମିଶନ ଶକ୍ତିର ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ବିପିସି ବ୍ଲକ ଲାଇଭଲିହୁଡ କୋଅର୍ଡିନେଟର ବିଏଲସି ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ କମ୍ ଆକାଉଣ୍ଟାଣ୍ଟ ବିପିଏସିଏ ସମସ୍ତ ମାଷ୍ଟର ବୁକ କିପର ଏମବିକେ ସିଆରପି-ସିଏମ ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଏସଏଚଜି ସଦସ୍ୟାମାନେ ବୈଠକରେ ଭାଗ ନେଇଥିଲେ। ବୈଠକରେ ମୁଖ୍ୟତଃ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ବ୍ୟାଙ୍କ ଲିଙ୍କେଜ୍, ଋଣ ଆବେଦନ ପ୍ରକ୍ରିୟା, ଋଣ ମଞ୍ଜୁରୀ ଓ ସମୟସୀମା ମଧ୍ୟରେ ବଣ୍ଟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନେକ ସମୟରେ ଗୋଷ୍ଠୀର ସଦସ୍ୟାମାନେ କାଗଜପତ୍ର ଅଭାବ ଓ ସଚେତନତା ଅଭାବରୁ ବ୍ୟାଙ୍କ ଋଣ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗୋଷ୍ଠୀଗୁଡ଼ିକ କିପରି ସହଜରେ ବ୍ୟାଙ୍କିଙ୍ଗ ସେବା ପାଇପାରିବେ ଏବଂ ଆବଶ୍ୟକ ସମୟରେ ଋଣ ସୁବିଧା ହାସଲ କରି ନିଜର ଆର୍ଥିକ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇପାରିବେ, ସେନେଇ ବ୍ୟାଙ୍କ ଅଧିକାରୀ ଓ ମିଶନ ଶକ୍ତି କର୍ମକର୍ତ୍ତାଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା।ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଯେଉଁ ଗୋଷ୍ଠୀଗୁଡ଼ିକ ନିୟମିତ ସଞ୍ଚୟ କରୁଛନ୍ତି, ସଠିକ ହିସାବ ରଖୁଛନ୍ତି ଏବଂ ପୂର୍ବ ଋଣ ପରିଶୋଧ କରିଛନ୍ତି, ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ଅଧିକ ଋଣ ଯୋଗାଇ ଦିଆଯିବ।ଏହି ଅବସରରେ ୨୪ଟି ଗୋଷ୍ଠୀକୁ ଚେକ୍ ମାଧ୍ୟମରେ ମୋଟ ୧ କୋଟି ୪୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏହି ଋଣ ରାଶିକୁ ସଦସ୍ୟାମାନେ ବିଭିନ୍ନ ଜୀବିକା ଓ ଆୟବର୍ଦ୍ଧକ କାର୍ଯ୍ୟ ଯେପରିକି କ୍ଷୁଦ୍ର ବ୍ୟବସାୟ, ପଶୁପାଳନ, କୁକୁଡ଼ା ପାଳନ, ସିଲାଇ, କୃଷିଭିତ୍ତିକ କାର୍ଯ୍ୟ ଓ ଅନ୍ୟାନ୍ୟ ଜୀବିକାମୂଳକ କାର୍ଯ୍ୟରେ ବିନିଯୋଗ କରି ଆର୍ଥିକ ଉନ୍ନତି କରିପାରିବେ ବୋଲି ଆଶା ପ୍ରକାଶ କରାଯାଇଛି।ସୂଚନାଯୋଗ୍ୟ ଯେ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଏକତ୍ରିତ କରି ସଞ୍ଚୟ ଅଭ୍ୟାସ, ଆର୍ଥିକ ଶୃଙ୍ଖଳା ଓ ଆତ୍ମନିର୍ଭରଶୀଳତାର ମାର୍ଗ ଦେଖାଉଛନ୍ତି। ସରକାରଙ୍କ ମିଶନ ଶକ୍ତି ଯୋଜନା ମାଧ୍ୟମରେ ମହିଳାମାନେ ଏବେ କେବଳ ଘର ସମ୍ଭାଳିବା ମଧ୍ୟରେ ସୀମିତ ନରହି ନିଜେ ରୋଜଗାରକ୍ଷମ ହେଉଛନ୍ତି। ବ୍ୟାଙ୍କ ଋଣ ସହାୟତା ମିଳିବା ଦ୍ୱାରା ସେମାନେ ନିଜ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରୁଛନ୍ତି।ବ୍ୟାଙ୍କ, ବ୍ଲକ ପ୍ରଶାସନ ଓ ମିଶନ ଶକ୍ତି ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ବିକାଶ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ବୈଠକ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଜଳସେଚନ ଓ କେନାଲ୍ ସମସ୍ୟାକୁ ନେଇ କୃଷକଙ୍କ ପକ୍ଷରୁ ରାଜନୈତିକ ସ୍ୱର ଏବଂ ଦାବିପତ୍ର

ରଣପୁର: ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ କୃଷିବହୁଳ ଅଞ୍ଚଳ ରଣପୁର ନିର୍ବାଚନମଣ୍ଡଳୀରେ ଜଳସେଚନ ସମସ୍ୟା ଦିନକୁ ଦିନ ଜଟିଳରୁ ଜଟିଳତର ହେବାରେ ଲାଗିଛି। ପ୍ରକଳ୍ପର ଶେଷ ମୁଣ୍ଡକୁ କେନାଲ୍ ପାଣି ପହଞ୍ଚୁ ନଥିବାରୁ ଏବଂ ବିଭିନ୍ନ ବିତରଣୀ ନାଳଗୁଡ଼ିକ ଅଧାପନ୍ତରିଆ ଭାବେ ପଡ଼ିରହିଥିବାରୁ ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏହି ସମସ୍ୟାକୁ ନେଇ ସ୍ଥାନୀୟ କୃଷକ ସଙ୍ଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏକାଠି ହୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ତହସିଲ୍ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କେନାଲ୍ ମରାମତି ଅଭାବ ଓ ଶେଷ ମୁଣ୍ଡର ଚାଷୀଙ୍କ ଦୁର୍ଦ୍ଦଶା ରଣପୁର ଅଞ୍ଚଳରେ ରହିଥିବା ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ମହାନଦୀ ଅବବାହିକା ସଂଯୋଗକାରୀ କେନାଲ୍‌ଗୁଡ଼ିକର ସଠିକ୍ ରକ୍ଷଣାବେକ୍ଷଣ କରାଯାଉନଥିବା ଅଭିଯୋଗ ହୋଇଛି। କେନାଲ୍‌ଗୁଡ଼ିକରେ ପଙ୍କ ଜମିରହିବା ଏବଂ କେତେକ ସ୍ଥାନରେ ପାଚେରୀ ଭାଙ୍ଗିଯାଇଥିବାରୁ ଉପରମୁଣ୍ଡରେ ପାଣି ଛଡ଼ାଗଲେ ମଧ୍ୟ ତାହା ତଳମୁଣ୍ଡର ହଜାର ହଜାର ହେକ୍ଟର ଚାଷଜମି ପର୍ଯ୍ୟନ୍ତ ପହଞ୍ଚିପାରୁନାହିଁ। ଫଳରେ ଖରିଫ୍ ଓ ରବି ଋତୁରେ ଚାଷୀମାନେ ପାଣି ନ ପାଇ ଆଖୁ, ଧାନ ଓ ପନିପରିବା ଚାଷ ନଷ୍ଟ ହେବାର ଆଶଙ୍କା କରି ଚିନ୍ତାରେ ପଡ଼ିଛନ୍ତି। ରାଜନୈତିକ ସମର୍ଥନ ଓ ପ୍ରଶାସନିକ ପ୍ରତିଶ୍ରୁତି ଚାଷୀଙ୍କ ଏହି ସମସ୍ୟାକୁ ନେଇ ସ୍ଥାନୀୟ ରାଜନୈତିକ ଦଳଗୁଡ଼ିକ ମଧ୍ୟ ସରକାର ଓ ଜଳସମ୍ପଦ ବିଭାଗ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ନିର୍ବାଚନ ସମୟରେ କେନାଲ୍ ପାଣି ଯୋଗାଇ ଦେବା ପାଇଁ ବଡ଼ବଡ଼ ପ୍ରତିଶ୍ରୁତି ଦିଆଯାଉଥିଲେ ସେ ନିର୍ବାଚନ ପରେ କେହି ହେଲେ ଚାଷୀଙ୍କ ଦୁଃଖ ବୁଝୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ତହସିଲଦାର ଓ ଜଳସମ୍ପଦ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ରହି ଶୀଘ୍ର କେନାଲ୍‌ଗୁଡ଼ିକର ପଙ୍କୋଦ୍ଧାର ଏବଂ ମରାମତି କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତଥପି, ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜମିକୁ ପାଣି ନ ଆସେ, ତେବେ ରଣପୁର ରାଜପଥ ଅବରୋଧ କରାଯିବ ବୋଲି ଚାଷୀ ଓ ନେତାମାନେ ଚରମ ଚେତାବନୀ ଦେଇଛନ୍ତି।

## ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ନେଇ ବୈଠକ ଓ କର୍ମୀ ସମାବେଶ

ଦଶପଲ୍ଲା:(ଆଦ୍ୟାଶା):ନୟାଗଡ଼ ଜିଲ୍ଲାର ପ୍ରମୁଖ ରାଜନୈତିକ କ୍ଷେତ୍ର ତଥା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆଗାମୀ ସ୍ଥାନୀୟ ନିର୍ବାଚନ ଏବଂ ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଆଖିଆଗରେ ରଖି ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜଭୁତ କରିବା ନିମନ୍ତେ ଏକ ବିଶାଳ ବ୍ଲକସ୍ତରୀୟ କର୍ମୀ ସମାବେଶ ତଥା ସାଙ୍ଗଠନିକ ବୈଠକ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ଏବଂ ଗଣିଆ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଶତାଧିକ ବରିଷ୍ଠ ନେତା, ପଞ୍ଚାୟତ ପ୍ରତିନିଧି, ଗ୍ରାସରୁଟ୍ କର୍ମୀ ଏବଂ ଯୁବ-ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଏହି ସମାବେଶରେ ଯୋଗଦେଇ ଦଳର ଆଭ୍ୟନ୍ତରୀଣ ସ୍ଥିତି, ଭିତ୍ତିଭୂମି ଏବଂ ଆଗାମୀ ଦିନର ପଞ୍ଚାୟତ ତଥା ସ୍ଥାନୀୟ ନିର୍ବାଚନୀ ରଣନୀତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।ତୃଣମୂଳ ସ୍ତରରେ ସଂଗଠନ ସୁଦୃଢ଼ୀକରଣ ଓ ନୂତନ କମିଟି ବୈଠକରେ ମୁଖ୍ୟବକ୍ତା ଓ ବରିଷ୍ଠ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ ଯେ, ସରକାରଙ୍କ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସାଧାରଣ ଜନତାଙ୍କ ଘରେ ଘରେ ପହଞ୍ଚାଇବା ସହ ଲୋକଙ୍କ ସୁଖ-ଦୁଃଖ ଓ ସମସ୍ୟାର ସମାଧାନ ଦିଗରେ ଦଳୀୟ କର୍ମୀମାନେ ସଦାସର୍ବଦା ଆଗଧାଡ଼ିରେ ରହି କାମ କରିବା ଉଚିତ୍। ଗ୍ରାମାଞ୍ଚଳରେ ଦଳର ସାଙ୍ଗଠନିକ ଭିତ୍ତିଭୂମିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ କମିଟି ଗଠନ ତଥା ପୁନର୍ଗଠନ ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।ବିରୋଧୀଙ୍କ ଅପପ୍ରଚାରର ମୁକାବିଲା ପାଇଁ ଯୁବ ଓ ଛାତ୍ର ଶକ୍ତିକୁ ଦାୟିତ୍ୱ ବୈଠକରେ ସୋସିଆଲ ମିଡିଆ ଏବଂ ଗ୍ରାମାଞ୍ଚଳରେ ବିରୋଧୀ ଦଳଗୁଡ଼ିକ ଦ୍ୱାରା କରାଯାଉଥିବା ମିଥ୍ୟା ଅପପ୍ରଚାର ଓ ଗୁଜବର ଦୃଢ଼ ମୁକାବିଲା କରିବାକୁ ରଣନୀତି ତିଆରି କରାଯାଇଛି। ଏଥିପାଇଁ ଦଳର ଯୁବ ଓ ଛାତ୍ର କର୍ମୀମାନଙ୍କୁ ବିଶେଷ ସକ୍ରିୟ ଦାୟିତ୍ୱ ଦିଆଯିବା ସହ ସେମାନଙ୍କୁ ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ ରଖିବାକୁ ଗୁରୁତ୍ୱାରୋପ କରାଯାଇଛି। ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ଏବଂ ରାଜନୈତିକ ଚର୍ଚ୍ଚା ସମାବେଶରେ ଯୋଗଦେଇଥିବା ବରିଷ୍ଠ ନେତୃବୃନ୍ଦ ସମସ୍ତ କର୍ମୀଙ୍କୁ ଉତ୍ସାହିତ କରିବା ସହ ଆଭ୍ୟନ୍ତରୀଣ ମତଭେଦକୁ ଭୁଲି ପରସ୍ପର ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ରକ୍ଷା କରି ଏକାଠି କାମ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନୀ ପ୍ରସ୍ତୁତିକୁ ଆଖିଆଗରେ ରଖି ବ୍ଲକ, ନିର୍ବାଚନମଣ୍ଡଳୀ ଓ ଜିଲ୍ଲା ସ୍ତରରୁ ମିଳିଥିବା ନିର୍ଦ୍ଦେଶାବଳୀକୁ ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ କରାଯିବ, ସେନେଇ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ଦଶପଲ୍ଲାରେ ଦଳୀୟ ଏକତା ଓ ଶକ୍ତି ପ୍ରଦର୍ଶନ କରିଥିବା ଏହି ସମାବେଶ ସମଗ୍ର ନୟାଗଡ଼ ଜିଲ୍ଲାର ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ନୟାଗଡ଼ ବନଖଣ୍ଡରେ ବେଆଇନ୍ କାଠ ଚାଲାଣ ବୃଦ୍ଧି

ନୟାଗଡ଼:(ଆଦ୍ୟାଶା):ନୟାଗଡ଼ ଜିଲ୍ଲାରେ ବନ ବିଭାଗର କଡ଼ା ନିୟମ, କର୍ଡନ୍ ଓ ପାଟ୍ରୋଲିଂ କରାଯାଉଥିବା ନେଇ ଦାବି ସତ୍ତ୍ୱେ ବେଆଇନ୍ କାଠ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ତଥା ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ ଏବଂ ଦଶପଲ୍ଲା ବନାଞ୍ଚଳ ଅଧୀନରେ ଥିବା ସବୁଜ ଜଙ୍ଗଲରୁ ମୂଲ୍ୟବାନ୍ ଶାଳ, ପିଆଶାଳ, କୁରୁମ ଏବଂ ଅସାନ ଗଛ କାଟି ରାତି ଅଧିଆ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବାହାର ସ୍ଥାନକୁ ଚାଲାଣ କରାଯାଉଥିବା ନେଇ ବ୍ୟାପକ ଅଭିଯୋଗ ହୋଇଛି। ବନ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଏବଂ ପ୍ରତ୍ୟକ୍ଷ ସହଯୋଗ ଯୋଗୁଁ କାଠ ମାଫିଆମାନେ ନିର୍ଭୟରେ ଏହି ବେଆଇନ୍ କାରବାରକୁ ଦୈନନ୍ଦିନ ଜାରି ରଖିଥିବା ଚର୍ଚ୍ଚା ହେଉଛି।ରାତି ଅଧିଆ ଚାଲାଣ, ମାଫିଆଙ୍କ ନୂଆ ରଣନୀତି ଓ ଜଙ୍ଗଲ କ୍ଷୟ ଗ୍ରାମାଞ୍ଚଳ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ, କାଠ ଚୋରା ଚାଲାଣକାରୀମାନେ ଦିନବେଳେ ଜଙ୍ଗଲ ଭିତରେ ସ୍କାଉଟିଂ କରି ମୂଲ୍ୟବାନ୍ ଓ ବହୁବର୍ଷର ପୁରୁଣା ଗଛଗୁଡ଼ିକୁ ଚିହ୍ନଟ କରୁଛନ୍ତି। ସନ୍ଧ୍ୟା ନଇଁବା ପରେ ଅତି ଆଧୁନିକ ବୈଦ୍ୟୁତିକ କଟର ମେସିନ୍ ଲଗାଇ ଗଛଗୁଡ଼ିକୁ କାଟି ଛୋଟ ଛୋଟ ସାଇଜର ଗଣ୍ଡି ତିଆରି କରୁଛନ୍ତି। ପରେ ପିକ୍‌ଅପ୍ ଭ୍ୟାନ୍, ଟ୍ରାକ୍ଟର, ମୋଟରସାଇକେଲ ଏବଂ ସାଇକେଲ୍ ଯୋଗେ ରାତି ଅଧରେ ସରକାରୀ ଆବାସିକ ଓ ପାହାଡ଼ିଆ ରାସ୍ତା ଦେଇ ଚାଲାଣ କରାଯାଉଛି। ନୟାଗଡ଼ ବନଖଣ୍ଡର କେତେକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଶହ ଶହ ବର୍ଷର ପୁରୁଣା ଗଛଗୁଡ଼ିକ ସମ୍ପୂର୍ଣ୍ଣ ସାଫ୍ ହୋଇଯାଉଥିବାରୁ ଜଙ୍ଗଲ କ୍ଷୟ ହେବା ସହ ପ୍ରକୃତିର ଜୈବିକ ଭାରସାମ୍ୟ ନଷ୍ଟ ହେଉଛି।ବନ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଚଢ଼ଉ, ଗାଡ଼ି ଓ କାଠ ଜବତ ବେଆଇନ୍ କାଠ ଚାଲାଣ ବୃଦ୍ଧି ପାଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇବା ପରେ ନୟାଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରୀ (DFO) ଘଟଣାକୁ ଗାମ୍ଭୀର୍ଯ୍ୟର ସହ ନେଇ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବନ ବିଭାଗର ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାଡ୍ ଏବଂ ବିଭିନ୍ନ ରେଞ୍ଜର କର୍ମଚାରୀମାନେ ମିଳିତ ଭାବେ ରାତିରେ ମୁଖ୍ୟ ରାସ୍ତାଗୁଡ଼ିକରେ ହଠାତ୍ ଚେକ୍‌ପୋଷ୍ଟ ଏବଂ ପାଟ୍ରୋଲିଂ କଡ଼ାକଡ଼ି କରିଥିଲେ। ଏହି ଚଢ଼ାଉ ସମୟରେ ଅବୈଧ ଭାବେ କାଠ ବୋଝେଇ ହୋଇ ଯାଉଥିବା ଗାଡ଼ି ଏବଂ ଲକ୍ଷାଧିକ ଟଙ୍କାର କାଠଗଡ଼ା ଜବତ କରାଯାଇଛି। ତେବେ ବନ ବିଭାଗର ଆଗମନ ସୂଚନା ପାଇ କେତେକ କାଠ ମାଫିଆ ଘଟଣାସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଫେରାର୍ ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟ ଭାବେ ସୂଚନା ଦିଆଯାଇଛି ଯେ, ଯେଉଁମାନେ ସରକାରୀ ଜଙ୍ଗଲ ସମ୍ପଦ ନଷ୍ଟ କରିବା ସହ ବେଆଇନ୍ ଭାବେ କାଠ କବ୍ଜା ଓ ଚାଲାଣ କରୁଛନ୍ତି, ସେମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଆଗାମୀ ଦିନରେ ଏଭଳି ସ୍ୱତନ୍ତ୍ର ପାଟ୍ରୋଲିଂ ଓ ଚଢ଼ାଉ ଅଭିଯାନକୁ ଜିଲ୍ଲା ସାରା ଆହୁରି ବ୍ୟାପକ କରାଯିବ। ଜଙ୍ଗଲ ଅପରାଧରେ ସମ୍ପୃକ୍ତ ଥିବା ସମସ୍ତ ଗ୍ୟାଙ୍ଗ୍ ଓ ମାଫିଆଙ୍କ ବିରୋଧରେ ବନ ଆଇନ ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଭୂତଳ ଜଳରେ ଅଧିକ ଫ୍ଲୋରାଇଡ୍ ଓ ଆଇରନ୍ ମାତ୍ରା ଚିନ୍ତାଜନକ,

ନୟାଗଡ଼:(ଆଦ୍ୟାଶା):ନୟାଗଡ଼ ଜିଲ୍ଲାରେ ଦିନକୁ ଦିନ ଭୂତଳ ଜଳସ୍ତର ବ୍ୟାପକ ହ୍ରାସ ପାଇବା ସାଙ୍ଗକୁ ବିଭିନ୍ନ ବ୍ଲକରେ ପାନୀୟ ଜଳରେ ବିଷାକ୍ତ ଫ୍ଲୋରାଇଡ୍ ଏବଂ ଆଇରନ୍‌ର ମାତ୍ରା ଭୟଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ନଳକୂପ ଓ କୂଅଗୁଡ଼ିକରୁ ବାହାରୁଥିବା ପାଣି ଅତ୍ୟନ୍ତ ଦୂଷିତ, ଲୁଣାକ୍ତ ଏବଂ ବିଷାକ୍ତ ହୋଇପଡ଼ିଥିବାରୁ ଏହାକୁ ପାନ କରିବା ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ବିଶୁଦ୍ଧ ପାନୀୟ ଜଳର ଘୋର ଅଭାବ ଏବଂ ଜଳରେ ଥିବା ଏହି ରାସାୟନିକ ପଦାର୍ଥ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପ୍ରତି ସମ୍ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହୋଇଛି।ଭୂତଳ ଜଳରେ ଫ୍ଲୋରାଇଡ୍ ଓ ଆଇରନ୍ ପ୍ରଭାବ: ଗ୍ରାମାଞ୍ଚଳରେ କିଡ୍‌ନୀ ଓ ବାତ ରୋଗଜଳ ସମ୍ପଦ ଏବଂ ଜନସ୍ୱାସ୍ଥ୍ୟ ବିଭାଗ (RWSS) ର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼, ଓଡ଼ଗାଁ, ଖଣ୍ଡପଡ଼ା ଏବଂ ଭାପୁର ବ୍ଲକର କେତେକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ଭୂତଳ ଜଳର ଗୁଣବତ୍ତା ଅତ୍ୟନ୍ତ ଶୋଚନୀୟ ରହିଛି। ପାଣିରେ ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ଆଇରନ୍ ଥିବାରୁ ଏହା ହଳଦିଆ ବା କଳା ରଙ୍ଗର ଦେଖାଯାଉଛି ଏବଂ ଏଥିରୁ ଦୁର୍ଗନ୍ଧ ବାହାରୁଛି। ସେହିପରି ଫ୍ଲୋରାଇଡ୍ ମାତ୍ରା ଅଧିକ ଥିବା କାରଣରୁ ଲୋକଙ୍କ ଦାନ୍ତ ହଳଦିଆ ପଡ଼ିବା , ହାଡ଼ ଦୁର୍ବଳ ହେବା, ଗଣ୍ଠିବାତ ଏବଂ କିଡ୍‌ନୀ ଜନିତ ରୋଗ ଭଳି ଜଟିଳ ସମସ୍ୟା ଦେଖାଦେଉଛି। ବିଶେଷକରି ସ୍କୁଲଗାମୀ ଛୋଟ ପିଲା ଏବଂ ବୃଦ୍ଧମାନେ ଏହାର ପ୍ରତ୍ୟକ୍ଷ ଶିକାର ହେଉଛନ୍ତି। ଅଧାପନ୍ତରିଆ ମେଗା ପ୍ରକଳ୍ପ ଓ ଲୋକଙ୍କ ଦୁର୍ଦ୍ଦଶାଅଧିକାଂଶ ପଞ୍ଚାୟତରେ ଗ୍ରାମବାସୀମାନେ ବାଧ୍ୟ ହୋଇ ଦୂଷିତ ନଳକୂପ ପାଣି କିମ୍ବା ଖୋଲା ଚୁଆ ଓ ପୋଖରୀର ଅସୁରକ୍ଷିତ ଜଳ ବ୍ୟବହାର କରୁଛନ୍ତି। ପାଇପଲାଇନ୍ ବିଛାଯାଇଥିଲେ ମଧ୍ୟ ଓଭରହେଡ୍ ଟାଙ୍କି ସହ ସଂଯୋଗ ହୋଇନଥିବାରୁ କିମ୍ବା ପୁରୁଣା ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଘରୋଇ ଟ୍ୟାପ୍‌ଗୁଡ଼ିକରୁ ଶୁଦ୍ଧ ପାଣି ଆସୁନାହିଁ। ବିଶୁଦ୍ଧ ଜଳର ବିକଳ୍ପ ବ୍ୟବସ୍ଥା ନଥିବାରୁ ଗାଁ ଗାଁରେ ସାଧାରଣ ଜନତା ପାନୀୟ ଜଳ ଟାଙ୍କର ଉପରେ ନିର୍ଭର କରୁଛନ୍ତି।ପ୍ରଶାସନିକ ପଦକ୍ଷେପ ଓ ଜନସାଧାରଣଙ୍କ ଜୋରଦାର ଦାବିଏହି ଉତ୍କଟ ଜଳ ସଙ୍କଟ ଏବଂ ଜନସ୍ୱାସ୍ଥ୍ୟ ବିପଦକୁ ଦୃଷ୍ଟିରେ ରଖି ସ୍ଥାନୀୟ ବୁଦ୍ଧିଜୀବୀ, ଚାଷୀ ଓ ସାମାଜିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ନୟାଗଡ଼ ଜିଲ୍ଲାରେ ନିର୍ମାଣାଧୀନ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରି ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି। ଏହା ସହିତ ଯେଉଁସବୁ ଅଞ୍ଚଳରେ ଫ୍ଲୋରାଇଡ୍ ଓ ଆଇରନ୍‌ର ମାତ୍ରା ଅତ୍ୟଧିକ ରହିଛି, ସେଠାରେ ତୁରନ୍ତ ଫ୍ଲୋରାଇଡ୍ ରିମୋଭାଲ୍ ପ୍ଲାଣ୍ଟ ଏବଂ ଆଇରନ୍ ଫିଲ୍ଟରେସନ୍ ୟୁନିଟ୍ ସ୍ଥାପନ କରିବାକୁ ଅଞ୍ଚଳବାସୀ ଚେତାବନୀ ସହ ଦାବି କରିଛନ୍ତି।

ମାଟିର ଖବର

## ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ-୨୦୨୬ ଅନୁଷ୍ଠିତ, ସଂସଦୀୟ ପରମ୍ପରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଦର୍ଶନ କଲେ ଛାତ୍ରଛାତ୍ରୀ

ନୂଆପଡ଼ା:୦୬/୧୧: ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସଦୀୟ ଗଣତନ୍ତ୍ରର କାର୍ଯ୍ୟପ୍ରଣାଳୀ, ଗଣତାନ୍ତ୍ରିକ ମୂଲ୍ୟବୋଧ, ନେତୃତ୍ୱ ଦକ୍ଷତା ଓ ନାଗରିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନୂଆପଡ଼ା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ-୨୦୨୬ ଆଜି ସ୍ଥାନୀୟ ପି.ଏମ୍. ଶ୍ରୀ ନେସନାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଗଣେଶ୍ୱର କହଁର, ଖଡ଼ିଆଳ ଉପଖଣ୍ଡ ଆରକ୍ଷୀ ଅଧିକାରୀ କ୍ଷୀରେଶ୍ୱର ସାହୁ, ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଡ. ସୋନିଆ ଜୈନ, ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖରିଆର ରୋଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରେଶମ ଲାଲ ନାଏକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ଯୋଗଦେଇଥିଲେ। ଛାୟା ସଂସଦର ରଚନା ଓ ନିର୍ଦ୍ଦେଶନା ପି.ଏମ୍. ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖରିଆରରୋଡ଼ ର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା ଦେଇଥିଲେ। କାର୍ଯ୍ୟକ୍ରମଟିର ସଫଳ ରୂପାୟନରେ ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଟବନ ଭରାର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଶତପଥୀ, ଶିକ୍ଷକ ତୁଳାରାମ ପଟେଲ, ଦରମ ପ୍ରାସାଦ ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏହି ଆଦର୍ଶ ସଂସଦରେ ଛାତ୍ରଛାତ୍ରୀମାନେ ସଂସଦୀୟ ଗୃହର କାର୍ଯ୍ୟପ୍ରଣାଳୀ, ଆଲୋଚନା, ପ୍ରଶ୍ନୋତ୍ତର, ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପସ୍ଥାପନ ଓ ଗୃହ ପରିଚାଳନା ଆଦିର ଅଭ୍ୟାସ କରିଥିଲେ। ଏହା ମାଧ୍ୟମରେ ସେମାନେ ସଂସଦୀୟ ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ସହ ନିଜର ବକ୍ତୃତା, ତର୍କ ଓ ନେତୃତ୍ୱ ଦକ୍ଷତା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀ ଓ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଏହି ଅବସରରେ ଶିକ୍ଷା ବିଭାଗର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashgroup.com

BHUBANESWAR | Vol. 02 | Issue 12 | ଶନିବାର, ୦୭ ନଭେମ୍ବର ୨୦୨୬  Rs. 7

# ନଦୀ ପାର ହେବାବେଳେ ଅକାଳ ମୃତ୍ୟୁ, ଶୋକସନ୍ତପ୍ତ ପରିବାର ପାଖରେ ପହଞ୍ଚିଲେ ବିଧାୟକ ରୂପେଶ ପାଣିଗ୍ରାହୀ



ପାରଳାଖେମୁଣ୍ଡି: ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଭୁସୁକୁଡ଼ି ପଞ୍ଚାୟତର ଲାଙ୍ଗିପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟଣା ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇଛି। କ୍ରିଷ୍ଣା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଖବର ପାଇବା ପରେ ଆଜି ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାକ୍ଷାତ କରିଥିଲେ। ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ଘଟଣାର ସମସ୍ତ ବିଷୟ ପଚାରି ବୁଝିବା ସହ ଗଭୀର ଦୁଃଖ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ବାତ୍ୟା ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନଦୀ ପାର କରି ଏକ ତାର ନେବା କାର୍ଯ୍ୟ ଚାଲିଥିଲା। ଏହି ସମୟରେ ନଦୀ ପାର ହେଉଥିବା ବେଳେ କୌଣସି କାରଣରୁ କ୍ରିଷ୍ଣାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏକ ସାଧାରଣ କାର୍ଯ୍ୟ ପାଇଁ ଜଣେ ମଣିଷଙ୍କ ଜୀବନ ହାରାଇବା ଘଟଣା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଏହି ଘଟଣାକୁ ନେଇ ବିଧାୟକ ରୂପେଶ ପାଣିଗ୍ରାହୀ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏପରି କାର୍ଯ୍ୟ ସରକାରୀ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷିତ ଭାବେ ସମ୍ପାଦନ ହେବା ଉଚିତ। ଗ୍ରାମବାସୀଙ୍କୁ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବା ଅନୁଚିତ ଓ ବେନିୟମ ବୋଲି ସେ ଉଲ୍ଲେଖ କରିଥିବା ସୂଚନା ମିଳିଛି। ବିଧାୟକଙ୍କ ଏହି ମତ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରଶ୍ନକୁ ସାମ୍ନାକୁ ଆଣିଛି—ସରକାରୀ ଯୋଜନା ଓ ବିଭାଗୀୟ କାର୍ଯ୍ୟ ସମ୍ପାଦନ ସମୟରେ ସାଧାରଣ ଲୋକଙ୍କ ସୁରକ୍ଷା ଓ ଜୀବନର ଦାୟିତ୍ୱ କାହାର? ଯଦି କୌଣସି କାର୍ଯ୍ୟରେ ଜନସାଧାରଣଙ୍କୁ ନିୟୋଜିତ କରାଯାଉଛି, ତେବେ ସେମାନଙ୍କ ସୁରକ୍ଷା, ଆବଶ୍ୟକ ପ୍ରଶିକ୍ଷଣ ଓ ବିପଦ ନିରାକରଣ ବ୍ୟବସ୍ଥା ନିଶ୍ଚିତ କରିବା ଅତ୍ୟାବଶ୍ୟକ। ଅନ୍ୟପଟେ, ଜଣେ ମଣିଷଙ୍କ ଅକାଳ ମୃତ୍ୟୁରେ ଏକ ପରିବାରର ଜୀବନ ଅନ୍ଧକାରମୟ ହୋଇପଡ଼ିଛି। ଯେଉଁ ଘରେ ଗତକାଲି ପର୍ଯ୍ୟନ୍ତ ହସଖୁସି ଓ ଆଶାର ପରିବେଶ ଥିଲା, ସେଠାରେ ଆଜି ନିରବତା, ଅଶ୍ରୁ ଓ ଅସହାୟତାର ଦୃଶ୍ୟ। ଏହି ଦୁଃଖଦ ମୁହୂର୍ତ୍ତରେ ବିଧାୟକଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ମାନବିକ ସମ୍ବେଦନଶୀଳତାର ଏକ ପ୍ରକାଶ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରୁଛନ୍ତି। ଏହି ଘଟଣାରେ ମୃତ୍ୟୁର ପ୍ରକୃତ କାରଣ, କାର୍ଯ୍ୟରେ କେଉଁମାନେ ନିୟୋଜିତ ଥିଲେ ଏବଂ ବିଭାଗୀୟ ଦାୟିତ୍ୱ କ'ଣ ଥିଲା, ତାହାର ନିରପେକ୍ଷ ତଦନ୍ତ ଓ ସ୍ୱଚ୍ଛତା ଆବଶ୍ୟକ। ଏପରି ଦୁର୍ଘଟଣାର ପୁନରାବୃତ୍ତି ରୋକିବା ସହ ମୃତକଙ୍କ ପରିବାରକୁ ନ୍ୟାୟ ଓ ଆବଶ୍ୟକ ସହାୟତା ମିଳିବା ନେଇ ଏବେ ଅଞ୍ଚଳରେ ଆଶା ପ୍ରକାଶ ପାଉଛି। ମଣିଷର ଜୀବନ ଅମୂଲ୍ୟ—ସରକାରୀ କାର୍ଯ୍ୟରେ ସୁରକ୍ଷା ଓ ଦାୟିତ୍ୱକୁ ଅବହେଳା କରିବାର କୌଣସି ସ୍ଥାନ ନାହିଁ। କ୍ରିଷ୍ଣାଙ୍କ ଅକାଳ ମୃତ୍ୟୁ ଏହି କଥାକୁ ପୁଣିଥରେ ସ୍ମରଣ କରାଇଛି।

ଆଜିର ପ୍ରମୁଖ

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଶ୍ରୀଅନ୍ନ ଅଭିଯାନ ପାଳିତ



ପାରଳାଖେମୁଣ୍ଡି, ତା.୦୬.୧୧.୨୦୨୬ ଗଜପତି ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା 'ଶ୍ରୀ ଅନ୍ନ ଅଭିଯାନ' ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ପାଳିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୦ ଓ ୧୧ ତାରିଖରେ ରାଜ୍ୟସ୍ତରୀୟ ଶ୍ରୀଅନ୍ନ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ସହିତ ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତା ସମ୍ପର୍କିତ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନିନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ଆଡେକ୍, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀ ନିରୋଦ ଚନ୍ଦ୍ର ନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ଦୁଷ୍ମନ୍ତ କୁମାର ମହୋଦୟ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ସଂଗ୍ରାମ ପରମଗୁରୁ, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ମଙ୍ଗରାଜ ଓ ଉପ-ଆରକ୍ଷୀ ଅଧୀକ୍ଷକ ଶ୍ରୀ ନିରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଆଡେକ୍ ସ୍ୱାଗତ ଭାଷଣ ପ୍ରଦାନ କରି ମାଣ୍ଡିଆ ଚାଷର ଗୁରୁତ୍ୱ ଓ ଏହାର ପୁଷ୍ଟିକର ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ମାଣ୍ଡିଆରେ ପ୍ରଚୁର ପରିମାଣର ପ୍ରୋଟିନ୍, ଖାଦ୍ୟ ଆହାର ତନ୍ତୁ ଓ ବିଭିନ୍ନ ପୁଷ୍ଟିକର ଉପାଦାନ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ସେ କହିଥିଲେ। ପାରଳାଖେମୁଣ୍ଡି ବିଧାୟକଙ୍କ ନିଜ ଅଭିଭାଷଣରେ ଗଜପତି ଜିଲ୍ଲାରେ ମାଣ୍ଡିଆ ଚାଷର ବ୍ୟାପକ ପ୍ରସାର ଓ ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହେବା ସହ ଚାଷୀଙ୍କ ପାଇଁ ଏକ ଲାଭଦାୟକ ଫସଲ। ତେଣୁ ଜିଲ୍ଲାର ସମସ୍ତ ବ୍ଲକର ଚାଷୀମାନେ ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଚାଷ କରି ନିଜର ଆୟ ବୃଦ୍ଧି କରିବା ସହ ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲାଯାଇ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ଓ ଉତ୍ପାଦ ପ୍ରଦର୍ଶନ କରାଯାଇଥିଲା। ଉତ୍କୃଷ୍ଟ ମାଣ୍ଡିଆ ଚାଷ କରିଥିବା ଜିଲ୍ଲାର ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କୃଷି ବିଭାଗ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରରେ ମାଣ୍ଡିଆ ଚାଷ ସମ୍ପର୍କରେ ସଚେତନତା ସୃଷ୍ଟି କରି ଅଧିକରୁ ଅଧିକ ଚାଷୀଙ୍କୁ ଏହି ଚାଷ ପ୍ରତି ଆକୃଷ୍ଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ କୃଷି ଅଧିକାରୀ ତଥା ମିଲେଟ୍ ମିଶନ ଅଧିକାରୀ ଶ୍ରୀମତୀ ସଂଘମିତ୍ରା ପ୍ରଧାନ, ଶ୍ରୀମତୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ଶ୍ରୀ କେ. ସୁରଜ କୁମାର ପାତ୍ର, ଶ୍ରୀ ସୋମେସ୍ ମୈତ୍ରୀ ଓ ଶ୍ରୀ ଗଗନ ବିହାରୀ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସାତଟି ବ୍ଲକରୁ ଚାଷୀ, କୃଷି ବିଶେଷଜ୍ଞ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ କୃଷି ବିଭାଗର କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଘସିପୁରା ରାଜନୀତି କୁ ନେଇ ଗୁରୁଚରଣ ସେନାପତିଙ୍କ ମନ ଖୋଲା କଥା



କେନ୍ଦୁଝର:6/11/(ଆଦ୍ୟାଶା):ଓଡ଼ିଶାର ରାଜନୈତିକ ପରିବର୍ତ୍ତନ ଏବଂ ବିଶେଷକରି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘସିପୁରା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି (ବିଜେପି) ସଙ୍ଗଠନ ଭିତରେ ରହିଥିବା ଆଭ୍ୟନ୍ତରୀଣ ଅସନ୍ତୋଷ ଏବଂ କ୍ଷୋଭର ଏକ ସ୍ପଷ୍ଟ ପ୍ରତିଫଳନ ଏହି ବୟାନରେ ଦେଖିବାକୁ ମିଳେ। ଘସିପୁରା ରାଜନୀତିରେ ସକ୍ରିୟ ଥିବା ନେତା ତଥା କାର୍ଯ୍ୟକର୍ତ୍ତା ଗୁରୁଚରଣ ସେନାପତିଙ୍କ ଏହି 'ମନ ଖୋଲା କଥା' କେବଳ ଜଣେ ବ୍ୟକ୍ତିବିଶେଷଙ୍କ ଅସନ୍ତୋଷ ନୁହେଁ, ବରଂ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଦଳୀୟ ସଙ୍ଗଠନ ପରିଚାଳନାରେ ଦେଖାଦେଉଥିବା ଏକ ଗମ୍ଭୀର ସମସ୍ୟାକୁ ପଦାରେ ପକାଇଛି. ଘସିପୁରାଞ୍ଚଳରେ ବିଜେପିକୁ ମୂଳଦୁଆରୁ ଗଢ଼ିତୋଳିଥିବା ଏବଂ ଦୀର୍ଘଦିନ କାଳ ଦଳ ପାଇଁ ନିଃସ୍ୱାର୍ଥପର ଭାବେ ପରିଶ୍ରମ କରିଥିବା ପୁରୁଣା ଓ ନିଷ୍ଠାବାନ କର୍ମୀମାନଙ୍କୁ ସ୍ଥାନୀୟ ସଙ୍ଗଠନରେ ଉପଯୁକ୍ତ ଗୁରୁତ୍ୱ କିମ୍ବା ସମ୍ମାନ ଦିଆଯାଉ ନାହିଁ ବୋଲି ବହୁ କାର୍ଯ୍ୟକର୍ତ୍ତା ଅଭିଯୋଗ କରିଛନ୍ତି। ଅନ୍ୟ ଦଳରୁ ଆସିଥିବା କିଛି ନେତା ବିଜେପିରେ ମିଶିବା ପରେ ଦଳୀୟ ଆନ୍ତରିକତା ବଜାୟ ରଖିବା ପରିବର୍ତ୍ତେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ପଦପଦବୀ ହାସଲ କରିବାରେ ବ୍ୟସ୍ତ ରହୁଛନ୍ତି, ଯାହାକି ମୂଳ ସଙ୍ଗଠନକୁ ଦୁର୍ବଳ କରୁଛି। ସ୍ଥାନୀୟ ସ୍ତରରେ ଚାଲିଥିବା ଏପରି ଏକପାଖିଆ ନୀତି ଏବଂ ଅବହେଳା ଯୋଗୁଁ ସେ ସ୍ଥାନୀୟ ସଙ୍ଗଠନର କାର୍ଯ୍ୟକ୍ରମରୁ ନିଜକୁ କିଛିଟା ଦୂରେଇ ରଖିଛନ୍ତି। ତଥାପି, ଦଳ ପ୍ରତି ଥିବା ନିଷ୍ଠା ବଳରେ ସେ ନିଜସ୍ୱ ଭାବରେ ସଙ୍ଗଠନକୁ ଜନମାନସରେ ଜୀବନ୍ତ ରଖିବାକୁ ନିଜର ପ୍ରୟାସ ଜାରି ରଖିଛନ୍ତି। ସ୍ଥାନୀୟ ସ୍ତରରେ ଚାଲିଥିବା ଅସନ୍ତୋଷ ସତ୍ତ୍ୱେ, ବିଜେପିର ରାଜ୍ୟ ଏବଂ କେନ୍ଦ୍ରୀୟ ଶୀର୍ଷ ନେତୃତ୍ୱଙ୍କ ଉପରେ ତାଙ୍କର ପୂର୍ଣ୍ଣ ଭରସା ରହିଛି। ଦିନେ ନା ଦିନେ ଉଚ୍ଚତମ ନେତୃତ୍ୱ ଏହି ସବୁ ସମସ୍ୟାର ସମାଧାନ କରିବେ ଏବଂ ପ୍ରକୃତ କର୍ମୀଙ୍କ ପରିଶ୍ରମର ମୂଲ୍ୟ ଦେବେ ବୋଲି ଏହି ବକ୍ତବ୍ୟରୁ ସୂଚିତ ହୁଏ।

## ହିନ୍ଦୋଳ ରେ ବିଜେଡି ର ସାଙ୍ଗଠନିକ ବୈଠକ



ହିନ୍ଦୋଳ:(ରିପୋର୍ଟର ମାନସ ମାଝୀ)ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼, ସକ୍ରିୟ ଓ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ସାତମାଇଲଠାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ସାଂସଦ ତଥା ପୂର୍ବତନ ବିଧାୟକ ଶ୍ରୀ ମହେଶ ସାହୁଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକର ମୁଖ୍ୟ ଆକର୍ଷଣ ଥିଲା ହିନ୍ଦୋଳ ବ୍ଲକର ସମସ୍ତ ୩୫ଟି ପଞ୍ଚାୟତ ପାଇଁ ୩୫ ଜଣ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପଞ୍ଚାୟତ ସଭାପତି ଭାବେ ଚୟନ କରାଯାଇ ସେମାନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବା। ନବନିଯୁକ୍ତ ସଭାପତିମାନଙ୍କୁ ଉପସ୍ଥିତ ନେତୃବୃନ୍ଦଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଥିଲା। ଏହି ଅବସରରେ ଶ୍ରୀ ମହେଶ ସାହୁ ନିଜ ଅଭିଭାଷଣରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜୁ ବାବୁଙ୍କ ଆଦର୍ଶ ଓ ନବୀନ ପଟ୍ଟନାୟକଙ୍କ ଜନମୁଖୀ ଚିନ୍ତାଧାରାକୁ ଘରେ ଘରେ ପହଞ୍ଚାଇବା ସହ ବର୍ତ୍ତମାନର ବିଜେପି ସରକାରଙ୍କ ବିଫଳତା ଓ ଦୁର୍ନୀତି ବିରୋଧରେ ଜନମତ ସୃଷ୍ଟି କରିବାକୁ ସେ ନବନିଯୁକ୍ତ ପଞ୍ଚାୟତ ସଭାପତିମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ପହଞ୍ଚାଇ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ରାଣୀ ନାୟକ, ବ୍ଲକ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ସଭାପତି ଜତି ନାୟକ, ରାଜ୍ୟ ପରିଷଦ ସଦସ୍ୟ ଅଶୋକ ନାୟକ, ରାଜ୍ୟ ସମ୍ପାଦିକା ମମତା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମମତାଞ୍ଜଳି ବେହେରା ଓ ହିନ୍ଦୋଳ ବ୍ଲକ ମହିଳା ସଭାପତି ଯୋଗମାୟା ଗଡ଼ନାୟକଙ୍କ ସମେତ ବହୁ ବରିଷ୍ଠ ଓ ପୁରୁଖା ଦଳୀୟ କାର୍ଯ୍ୟକର୍ତ୍ତା, ସରପଞ୍ଚ, ସମିତି ସଭ୍ୟ ଏବଂ ହିନ୍ଦୋଳ ବ୍ଲକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିସହ ଆଗାମୀ ଦିନରେ ଓଡ଼ାପଡ଼ା ବ୍ଲକର ସମସ୍ତ ପଞ୍ଚାୟତ ସଭାପତିଙ୍କୁ ନେଇ ଅନ୍ୟ ଏକ ସାଙ୍ଗଠନିକ ବୈଠକ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଥିଲା। ସମଗ୍ର ଭାବେ, ହିନ୍ଦୋଳ ବ୍ଲକର ୩୫ଟି ପଞ୍ଚାୟତ ପାଇଁ ନୂତନ ସଭାପତି ଚୟନ ମାଧ୍ୟମରେ ବିଜେଡି ନିଜର ସାଙ୍ଗଠନିକ ଶକ୍ତି ବୃଦ୍ଧି ସହ ଆଗାମୀ ଦିନରେ ତୃଣମୂଳ ସ୍ତରରେ ଦଳକୁ ଅଧିକ ସକ୍ରିୟ କରିବା ଦିଗରେ ପଦକ୍ଷେପ ନେଇଛି।

ଜିଲ୍ଲାରୁ ସିଧା ରିପୋର୍ଟ

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ




ପାରଳାଖେମୁଣ୍ଡି,୦୬.୧୧.୨୦୨୬ ଗଜପତି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଗଜପତି ଶ୍ରୀଯୁକ୍ତ ପ୍ରହଲ୍ଲାଦ ସହାୟ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଏସ. ଗିରିଧାରୀ, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ରାମ ପ୍ରସାଦ , ଗୋସାଣୀ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଟି.କିଶୋର କୁମାର ଓ ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ନିଜ ବକ୍ତବ୍ୟରେ କହିଥିଲେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ଏକ ଉତ୍ତମ ମଞ୍ଚ ବୋଲି ସେ ମତବ୍ୟକ୍ତ କରିଥିଲେ। କୌଣସି ସଙ୍କୋଚ କିମ୍ବା ଭୟ ନକରି ଆତ୍ମବିଶ୍ୱାସର ସହ ପ୍ରତିଯୋଗିତାରେ ଭାଗନେଇ ଆଗକୁ ବଢ଼ିବାକୁ ସେ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଜିଲ୍ଲାର ସାତଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଏହି ମହୋତ୍ସବରେ ଯୋଗଦେଇଥିଲେ। ଏଥିରେ ତର୍କ, ପ୍ରବନ୍ଧ, କୁଇଜ୍, ସୃଜନାତ୍ମକ ଲେଖନୀ, ଚିତ୍ରାଙ୍କନ, ସଙ୍ଗୀତ ଓ ସାଂସ୍କୃତିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ଅମୂଲ୍ୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଧାନ ଉଠାଣ ଓ କଷ୍ଟମ ମିଲ୍ଡ ଚାଉଳ ଜମାରେ ବିଳମ୍ବ, କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସାଂସଦ ପ୍ରଦୀପ ପୁରୋହିତ



ବରଗଡ଼:୬/୧୧:(ଆଦ୍ୟାଶା):ବରଗଡ଼ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଧାନ ଉଠାଣ ଓ ମିଲର୍ସଙ୍କ ଦ୍ୱାରା କଷ୍ଟମ ମିଲ୍ଡ ରାଇସ୍ (ସିଏମଆର) ଜମାରେ ହେଉଥିବା ବିଳମ୍ବକୁ ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏନେଇ ସେ ଗତ ଅକ୍ଟୋବର ୨୪ ତାରିଖରେ ଏକ ପତ୍ର ଲେଖି ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଚାଉଳ ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି। ସାଂସଦଙ୍କ ପତ୍ର ଅନୁଯାୟୀ, ଖରିଫ ବିପଣନ ଋତୁ ୨୦୨୫-୨୬ରେ ବରଗଡ଼ ଜିଲ୍ଲାର ଧାନ କ୍ରୟ ଲକ୍ଷ୍ୟ ୫୨ ଲକ୍ଷ ୩୩ ହଜାର ୪୪୨ କ୍ୱିଣ୍ଟାଲ ଥିବାବେଳେ ଅକ୍ଟୋବର ୨୨ ସୁଦ୍ଧା ମାତ୍ର ୨୪ ଲକ୍ଷ ୪୭ ହଜାର ୮୫୮ କ୍ୱିଣ୍ଟାଲ ଚାଉଳ ଜମା ହୋଇଥିଲା। ଧାନ ଉଠାଣ ପାଇଁ ଆହୁରି ୨୬ ଲକ୍ଷ ୩୦ ହଜାର ୪୧୫ କ୍ୱିଣ୍ଟାଲ ଚାଉଳ ବାକି ରହିଥିବା ବେଳେ ସିଏମଆର ଜମାର ହାର ମାତ୍ର ୫୦.୪୨ ପ୍ରତିଶତ ରହିଥିଲା। ସେହିପରି ରାଜ୍ୟସ୍ତରରେ ୧ କୋଟି ୩୫ ଲକ୍ଷ ୧୫ ହଜାର ୭୪୦.୯୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବାବେଳେ ୯୧ ଲକ୍ଷ ୮୪ ହଜାର ୯୦୫.୨୫ କ୍ୱିଣ୍ଟାଲ ଚାଉଳ ଜମା ହେବାର ଥିଲା। ଏଥିମଧ୍ୟରୁ ୬୫ ଲକ୍ଷ ୫୧ ହଜାର ୨୩୩.୧୫ କ୍ୱିଣ୍ଟାଲ ସିଏମଆର ଜମା ହେବା ବାକି ରହିଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ଗୋଦାମରେ ଚାଉଳ ଅଧିକ ମହଜୁଦ ରହିବା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଓ ରାଇସ୍ ମିଲର୍ସଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ସମସ୍ୟା ଉପୁଜିଥିବା ସାଂସଦ ଦର୍ଶାଇଛନ୍ତି। ଏହାଦ୍ୱାରା ଚାଷୀମାନେ ନିଜ ଉତ୍ପାଦିତ ଧାନ ବିକ୍ରି କରିବାରେ ଅସୁବିଧା ଭୋଗୁଥିବା ସହ ମାନସିକ ଓ ଆର୍ଥିକ ଚାପର ସମ୍ମୁଖୀନ ହେଉଛନ୍ତି। ଆଗାମୀ ନଭେମ୍ବର ୧୭ରୁ ନୂତନ ଖରିଫ ଧାନ କ୍ରୟ ଋତୁ ଆରମ୍ଭ ହେବାକୁ ଥିବାରୁ ତା' ପୂର୍ବରୁ ବକେୟା ଚାଉଳ ଉଠାଣ ସମ୍ପୂର୍ଣ୍ଣ କରିବା, ଏକ ସପ୍ତାହ ମଧ୍ୟରେ ଏଫସିଆଇ ଦ୍ୱାରା ଚାଉଳ ଉଠାଣ ପ୍ରକ୍ରିୟା ଶେଷ କରିବା ଏବଂ ମିଲର୍ସଙ୍କ ପାଇଁ ପର୍ଯ୍ୟାପ୍ତ ଗୋଦାମ ବ୍ୟବସ୍ଥା କରିବାକୁ ସାଂସଦ ଦାବି କରିଛନ୍ତି। ଏହାଦ୍ୱାରା ଚାଷୀଙ୍କୁ ନୂତନ ଧାନ ବିକ୍ରିରେ ହଇରାଣ ହେବାକୁ ପଡ଼ିବ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଲକ୍ଷ୍ମୀପୂଜା ଅବସରରେ ଘଣ୍ଟପଡ଼ାର କ୍ଷିରୋଦ ସାହୁ ସମ୍ବର୍ଦ୍ଧିତ

ତାଳଚେର :ଆଦ୍ୟାଶା:ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ତାଳଚେର ବ୍ଲକ ସାଉଥ୍ ବଳଣ୍ଡା ବଣିକ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଲଡୁ ନିଲାମ ଉତ୍ସବରେ ଘଣ୍ଟପଡ଼ା ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ କ୍ଷିରୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ଏହି ଉତ୍ସବରେ ଅନୁଗୋଳ ଜିଲ୍ଲା ସଂଯୁକ୍ତ ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ସଭ୍ୟା ରୀତା ରାଣୀ ଦାସ, ଜଗନ୍ନାଥ ଏରିଆ ମ୍ୟାଟେରିଆଲ୍ ମ୍ୟାନେଜର ପ୍ରଦୀପ କୁମାର ସାହୁ, ଷ୍ଟାଫ୍ ଅଫିସର ସୁଧାଂଶୁ ଶେଖର ବେହେରା, ପ୍ରଦୀପ୍ତ ସାହୁ, ଏରିଆ ଫାଇନାନ୍ସ ମ୍ୟାନେଜର, ବଳଣ୍ଡା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସାହୁ ପଦ୍ମାବତୀପୁର ସରପଞ୍ଚ ମହର୍ଗା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ଷିରୋଦ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମା' ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରି ସମ୍ମାନିତ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଖଗେଶ୍ୱର ସାହୁ, ଉପସଭାପତି ଉଦ୍ଧବ ପ୍ରଧାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।ସେହିପରି ଘଣ୍ଟପଡ଼ା ଗ୍ରାମର ଲକ୍ଷ୍ମୀ ନାରାୟଣୀ ପୂଜା ସମିତି, ଶ୍ରୀ ଲକ୍ଷ୍ମୀପୂଜା କମିଟି, ସିଦ୍ଧି ଲକ୍ଷ୍ମୀପୂଜା କମିଟି ଏବଂ ଶ୍ରୀ ଜଗନ୍ନାଥ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମଧ୍ୟ କ୍ଷିରୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ତାଙ୍କର ସାମାଜିକ ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟ ପାଇଁ ଏଭଳି ସମ୍ମାନ ତାଙ୍କୁ ଅଧିକ ଉତ୍ସାହିତ କରିଛି।




ମାଟିର ଖବର

# ଭୋଗରାଇ ବ୍ଲକରେ ଗୋଶାଳା ନିର୍ମାଣ ଓ ଗୋଆଇନ ଆଣିବା ପାଇଁ ଦାବୀ ନଭେମ୍ବର ୧୭ ତାରିଖରୁ ୨୫ ତାରିଖ ଭୁବନେଶ୍ୱର ଗୋପାଷ୍ଟମୀ ମହୋତ୍ସବରେ ଯୋଗ ଦେବାକୁ ନିବେଦନ

ଭୋଗରାଇ:୬/୧୧(ଆଦ୍ଯାଶା):ବାଲେଶ୍ୱର ଜିଲ୍ଲା ଭୋଗରାଇରେ ବିଶ୍ୱ ସନାତନ କଲ୍ୟାଣ ସଂଘ, ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ବ୍ଲକରେ ଗୋଶାଳା ନିର୍ମାଣ ଓ ଗୋଆଇନ ଆଣିବା ପାଇଁ ସରକାରଙ୍କ ନିକଟରେ ଦାବୀ ରଖିଛନ୍ତି। ଏଥି ସକାଶେ ବିଶ୍ୱ ସନାତନ କଲ୍ୟାଣ ସଂଘ ସଭାପତି ପ୍ରଦୀପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜ୍ୟୋତିରଞ୍ଜନ ଘଡ଼ାଇ, ବସନ୍ତ ପ୍ରଧାନ, ସବିତା ପାତ୍ର, ଅଞ୍ଜଳି ବେହେରା, ପ୍ରଦୀପ ଗିରି, ଯଜ୍ଞେଶ୍ୱର ବେହେରା ପ୍ରମୁଖ ଗୋମାତାଙ୍କ ମହିମା, ମହତ୍ତ୍ୱ ଓ ଗୋସେବାର ବାର୍ତ୍ତାକୁ ଜନଜନଙ୍କ ନିକଟରେ ପହଞ୍ଚାଇ ଏକ ଜନଜାଗରଣ ସୃଷ୍ଟି କରିବା ସକାଶେ ନଭେମ୍ବର ୧୭ ତାରିଖରୁ ୨୫ ତାରିଖ ଯାଏଁ ଭୁବନେଶ୍ୱରରେ ଅନୁଷ୍ଠିତ ଗୋପାଷ୍ଟମୀ ମହୋତ୍ସବରେ ଯୋଗ ଦେବାକୁ ସଂଘ ତରଫରୁ ନିବେଦନ କରିଥିଲେ। ଗୋ ଚାଲାଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ବନ୍ୟା ବିପତ୍ତିରେ ଧାନ ଚାଷ ନଷ୍ଟ ପାଇଁ ନଡାର ଅଭାବ, ସହିତ ଚାରଣଭୂମିର ଅଭାବ, ଆର୍ଥିକ ଦୁରାବସ୍ଥା ମଧ୍ୟରେ ଗୋ ସମ୍ପଦ ପାଳନ କରିବାକୁ ଅସମର୍ଥ ଲୋକଙ୍କ ଅସୁବିଧା ଦୁର କରିବା ପାଇଁ ବ୍ଲକରେ ଗୋଶାଳାର ଆବଶ୍ୟକ ରହିଛି। ୫୦ ପଞ୍ଚାୟତ ବିଶିଷ୍ଟ ବୃହତ ବ୍ଲକରେ ଗୋମାତାଙ୍କ ସେବା ଓ ସୁରକ୍ଷା ପାଇଁ ସମସ୍ତେ ଏକାଠି ହେବାକୁ ନିବେଦନ ସହିତ । ଗୋଶାଳା ନିର୍ମାଣ ଓ ଗୋଆଇନ ଆଣିବା ପାଇଁ ସରକାରଙ୍କ ନିକଟରେ ଦାବୀ ରଖିଛନ୍ତି।



ଜନମତ

## ବିଭିନ୍ନ ଗ୍ରାମରେ ମେଗା ପାଇପ୍ ଜଳ ପ୍ରକଳ୍ପ ଅଧାପନ୍ତରିଆ

ରାୟଗଡ଼/ପାରଳାଖେମୁଣ୍ଡି: ଗଜପତି ଜିଲ୍ଲାର ଏକ ପ୍ରମୁଖ ଓ ପାହାଡ଼ିଆ ଅଞ୍ଚଳ ଭାବେ ପରିଚିତ ରାୟଗଡ଼ ବ୍ଲକରେ ଗ୍ରାମାଞ୍ଚଳର ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ହାତକୁ ନିଆଯାଇଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର କାମ ବର୍ଷ ବର୍ଷ ଧରି ଅଧାପନ୍ତରିଆ ଭାବେ ପଡ଼ିରହିଛି। ଠିକାସଂସ୍ଥା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ ଇଚ୍ଛାଶକ୍ତିର ଅନ୍ତର୍ନୀତି ଯୋଗୁଁ ନିର୍ଦ୍ଧାରିତ ସମୟସୀମା ଗଡ଼ିଯାଇଥିଲେ ମଧ୍ୟ ପ୍ରକଳ୍ପର କାମ ଶେଷ ହୋଇପାରୁନାହିଁ। ଫଳରେ ସ୍ଥାନୀୟ ଆଦିବାସୀ ଜନସାଧାରଣ ଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେବା ସହ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅଧାପନ୍ତରିଆ କାମ ଏବଂ ପାଇପ୍ ଲାଇନ୍ ବିଛାଯିବାରେ ବିଳମ୍ବ ପ୍ରାପ୍ତ ସୂଚନା ଅନୁଯାୟୀ, ରାୟଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳର ସ୍ଥାୟୀ ସମାଧାନ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାଇପ୍ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ କେବଳ କେତେକ ସ୍ଥାନରେ ଓଭରହେଡ୍ ଟାଙ୍କି ନିର୍ମାଣ ଏବଂ ରାସ୍ତା କଡ଼ରେ ମାତ୍ରାଧିକ ପାଇପ୍ ଖୋଳି ପକାଯାଇଥିବା ବେଳେ ମୂଳ ସଂଯୋଗ କାମ କରାଯାଇନାହିଁ। କେତେକ ଦୁର୍ଗମ ପାହାଡ଼ିଆ ଗ୍ରାମକୁ ପାଇପ୍ ପହଞ୍ଚି ପାରି ନଥିବାରୁ ଲୋକେ ପୂର୍ବପରି ଚୁଆ ଓ ଝରଣା ପାଣି ଉପରେ ଭରସା କରିବାକୁ ବାଧ ହେଉଛନ୍ତି। ଠିକାସଂସ୍ଥାଙ୍କ ମନମୁଖୀ କାର୍ଯ୍ୟ ଓ ଜନସାଧାରଣଙ୍କ ଅସନ୍ତୋଷ ଏହି ମେଗା ପ୍ରକଳ୍ପର ନିର୍ମାଣ ଦାୟତ୍ୱ ନେଇଥିବା ଠିକାସଂସ୍ଥାଗୁଡ଼ିକ ମନମୁଖୀ କାମ କରୁଥିବା ଏବଂ କାମରେ ଅହେତୁକ ବିଳମ୍ବ କରୁଥିଲେ ମଧ୍ୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (RWSS) କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ରାସ୍ତା ଖୋଳି ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯିବାରୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ଯଦି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ ନ କରେ, ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୃହତ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି।

## ଡାକ୍ତରୀ ଶିକ୍ଷାରେ ସ୍ୱର୍ଣ୍ଣପଦକ ହାସଲ ସହ ଏମ୍.ଡି. ପାଠ୍ୟକ୍ରମ ପାଇଁ ମନୋନୀତ: କଣ୍ଡାଳ ଗ୍ରାମର ଗୌରବ ଡା. ଅମିତ କୁମାର ସାହୁ



ତାଳଚେର:(ଆଦ୍ୟାଶା): ନିଜର ଅଧ୍ୟବସାୟ, ନିଷ୍ଠା ଓ ମେଧାଶକ୍ତି ବଳରେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି କଣ୍ଡାଳ ଗ୍ରାମ ତଥା ସମଗ୍ର ତାଳଚେର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଡା. ଅମିତ କୁମାର ସାହୁ। ଏମ୍.ବି.ବି.ଏସ୍. ପରୀକ୍ଷାରେ ସ୍ୱର୍ଣ୍ଣପଦକ ହାସଲ କରିବା ସହ ପ୍ରଥମ ପ୍ରୟାସରେ ମେଡିକାଲ ପି.ଜି. ପ୍ରବେଶିକା ପରୀକ୍ଷାରେ ସଫଳତା ପାଇ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜର ରେଡିଓଲୋଜି ବିଭାଗରେ ଏମ୍.ଡି. ପାଠ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି।ତାଳଚେର ବ୍ଲକ୍ ଅନ୍ତର୍ଗତ କଣ୍ଡାଳ ଗ୍ରାମରେ ଜନ୍ମିତ ଡା. ଅମିତ କୁମାର ସାହୁ ବାଲ୍ୟକାଳରୁ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ। ସେ ଅନନ୍ତ ବିହାରସ୍ଥିତ ଡି.ଏ.ଭି. ପବ୍ଲିକ୍ ସ୍କୁଲ (ଓଡ଼ିଆ ମାଧ୍ୟମ)ରୁ ହାଇସ୍କୁଲ ଶିକ୍ଷା ସମାପ୍ତ କରି ପରୀକ୍ଷାରେ ଉତ୍କୃଷ୍ଟ ସଫଳତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଢେଙ୍କାନାଳସ୍ଥିତ ଇ-ଟେକ୍ ମହାବିଦ୍ୟାଳୟରୁ ଯୁକ୍ତଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।ଉକ୍ତ ମହାବିଦ୍ୟାଳୟରେ ଡ. ସୁରେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ନେଇ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି. ସରକାରୀ ମେଡିକାଲ କଲେଜରେ ଅଧ୍ୟୟନ ପାଇଁ ମନୋନୀତ ହୋଇଥିଲେ। ସେଠାରେ ପାଞ୍ଚବର୍ଷ ଧରି ଅଧ୍ୟୟନ କରି ଏମ୍.ବି.ବି.ଏସ୍. ପରୀକ୍ଷାରେ ସ୍ୱର୍ଣ୍ଣପଦକ ହାସଲ କରି ନିଜର ପ୍ରତିଭାର ପରିଚୟ ଦେଇଥିଲେ।ଏହାପରେ ପ୍ରଥମ ପ୍ରୟାସରେ ମେଡିକାଲ ପି.ଜି. ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜର ରେଡିଓଲୋଜି ବିଭାଗରେ ଏମ୍.ଡି. ପାଠ୍ୟକ୍ରମ ନିମନ୍ତେ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ସେ ନିଜ ଜନ୍ମମାଟି କଣ୍ଡାଳ ଗ୍ରାମରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଡା. ଅମିତଙ୍କ ପିତା ଶ୍ରୀ ବାଳକୃଷ୍ଣ ସାହୁ ଜଣେ ଇଂରାଜୀ ଶିକ୍ଷକ ଏବଂ ତାଙ୍କ ମାତା ଶ୍ରୀମତୀ ଗୀତାଞ୍ଜଳି ସାହୁ ଜଣେ ସୁଗୃହିଣୀ । ସେମାନଙ୍କର ଏକମାତ୍ର ପୁତ୍ର ଅମିତଙ୍କ ଏହି ସଫଳତା ପରିବାର ସହିତ ଗ୍ରାମବାସୀଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ ପାଲଟିଛି। ଅନ୍ୟପକ୍ଷରେ, ତାଙ୍କର ସାନ ଭଉଣୀ ଶ୍ୱେତପଦ୍ମା ମଧ୍ୟ ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି। ସେ ୨୦୧୭ ମସିହାରେ ଅନୁଗୋଳ ଜିଲ୍ଲାର ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପରେ ରାଉରକେଲାସ୍ଥିତ ଏନ୍.ଆଇ.ଟି.ରୁ ସିଭିଲ୍ ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ କରି ବର୍ତ୍ତମାନ ଧାମରା ବନ୍ଦରରେ ସିଭିଲ୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। ଦୁଇ ଭାଇଭଉଣୀଙ୍କ ଏହି ଉଲ୍ଲେଖନୀୟ ସଫଳତାରେ କଣ୍ଡାଳ ଗ୍ରାମ ସମେତ ସମଗ୍ର ତାଳଚେର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଡା. ଅମିତ କୁମାର ସାହୁ ଓ ଶ୍ୱେତପଦ୍ମାଙ୍କ ସଫଳତା ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାର ଉତ୍ସ ହେବ।

## ବାବେବିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନିମ୍ନ ମାନର ଖାଦ୍ୟ ଅଭିଯୋଗ ଘଟଣା ସ୍ଥଳରେ, ପହଁଚିଲେ ଶିକ୍ଷା ଅଧିକାରୀ

ବୋଡ଼େନ:୦୬/୧୧/୨୦୨୬:(ଆଦ୍ୟାଶା ଲାଇଭ୍-ଲମ୍ବୋଦର ବାଗ): ବିଦ୍ୟାଳୟରେ ପିଲାଙ୍କ ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର ମାଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ଭୋଜନର ମାନକୁ ନେଇ ଉଠିଛି ସାଂଘାତିକ ପ୍ରଶ୍ନ। ଖାଦ୍ୟର ମାନକୁ ନେଇ ଅସନ୍ତୋଷ ପ୍ରକାଶ କରି ମାଧ୍ୟାହ୍ନ ଭୋଜନର ଥାଳି ଧରି ବିଦ୍ୟାଳୟରୁ ବାହାରି ଗାଁରେ ବୁଲିଲେ ଛାତ୍ରଛାତ୍ରୀ। ଏଭଳି ଏକ ଅଭାବନୀୟ ଘଟଣା ବୋଡ଼େନ ବ୍ଲକ୍‌ର ବାବେବିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ଭୋଜନ ବଣ୍ଟନ ପରେ ଅଧିକାଂଶ ଛାତ୍ରଛାତ୍ରୀ ଖାଦ୍ୟ ଖାଇବା ପରିବର୍ତ୍ତେ ନିଜ ନିଜ ଥାଳି ଧରି ଘରକୁ ବାହାରିଥିଲେ। ଏପରିକି ନିଜ ଘରେ ବାପାମାଆଙ୍କୁ ଖାଦ୍ୟ ଦେଖାଇ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଗାଁର ବୁଢ଼ାରାଜା ମନ୍ଦିର ନିକଟରେ ଛାତ୍ରଛାତ୍ରୀ ଥାଳି ଧରି ବୁଲୁଥିବା ଦେଖି ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଚିନ୍ତା ପ୍ରକଟ କରିଥିଲେ। ଘଟଣାର ଖବର ପାଇ ଗ୍ରାମବାସୀ ମଧ୍ୟାହ୍ନ ସମୟରେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଦଶରଥ ହଂସଙ୍କୁ ଏନେଇ ପଚରାଉଚରା କରିଥିଲେ। ପରେ ପ୍ରଧାନଶିକ୍ଷକ ଅନ୍ୟ ଜଣେ ଶିକ୍ଷକଙ୍କୁ ପଠାଇ ମନ୍ଦିର ନିକଟରୁ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିଥିଲେ। ବିଦ୍ୟାଳୟକୁ ଫେରିବା ପରେ କେତେକ ଛାତ୍ରଛାତ୍ରୀ ଭୋଜନ ଫୋପାଡ଼ି ଦେଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରଧାନଶିକ୍ଷକଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ସମୟରେ ବିଦ୍ୟାଳୟ ପରିସର ଛାଡ଼ି ବାହାରକୁ ଚାଲିଯାଇଥିଲେ। ଅନ୍ୟପକ୍ଷରେ, ଶୁକ୍ରବାର ମେନୁ ଅନୁଯାୟୀ ଅଣ୍ଡା ତରକାରୀ ଦେବା ପରିବର୍ତ୍ତେ ଅଳ୍ପ ପରିମାଣର ପନିପରିବା ମିଶା ପାଣିଆ ତରକାରୀ ଦିଆଯାଇଥିବାରୁ ପିଲାମାନେ ଅସନ୍ତୋଷ ପ୍ରକାଶ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ହେରାମ୍ବ ସିଂ ପୂଜାରୀ, ସିଆରସିସି ମଧୁସୂଦନ ମାଝୀ ଏବଂ ଏବିଇଓ ଅଙ୍କନ ସିଂ ମାଝୀ ବିଦ୍ୟାଳୟରେ ପହଞ୍ଚି ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ସ୍ଥିତିକୁ ଶାନ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଘଟଣା ଦିନ ୨୫୩ ଜଣ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ମାତ୍ର ୫ ଜଣ ଶିକ୍ଷକ ଥିବାବେଳେ ସେଦିନ ୨ ଜଣ ଶିକ୍ଷକ ଅନୁପସ୍ଥିତ ଥିବା ମଧ୍ୟ ଜଣାପଡ଼ିଛି। ପ୍ରଧାନଶିକ୍ଷକ ଦଶରଥ ହଂସଙ୍କ କହିବା ଅନୁଯାୟୀ, ସେଦିନ ୨୫୩ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ମହିଳା ଗୋଷ୍ଠୀ ପକ୍ଷରୁ ମାତ୍ର ୧୫୦ଟି ଅଣ୍ଡା ଯୋଗାଇ ଦିଆଯାଇଥିଲା। ଏନେଇ ଗୋଷ୍ଠୀର ସଭାପତିଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ କୌଣସି ଉତ୍ତର ମିଳିନଥିଲା। ଫଳରେ ପନିପରିବା ତରକାରୀ ରୋଷେଇ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ବିଦ୍ୟାଳୟର ମାଧ୍ୟାହ୍ନ ଭୋଜନ ପରିଚାଳନା ଦାୟିତ୍ୱରେ ଥିବା 'ମା' ମାଣିକେଶ୍ୱରୀ ମହିଳା ଗୋଷ୍ଠୀ'ର ସଭାପତି ଓ ସମ୍ପାଦକ କହିଛନ୍ତି ଯେ, ସେମାନେ ଧାରରେ ଅଣ୍ଡା ଆଣି ଭୋଜନ ପ୍ରସ୍ତୁତ କରୁଛନ୍ତି। ଗତ ସାତ ମାସ ଧରି ମାଧ୍ୟାହ୍ନ ଭୋଜନ ପରିଚାଳନା ବାବଦରେ ସରକାରଙ୍କଠାରୁ ଅର୍ଥ ମିଳିନଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ସହିତ, ଗତ ଅଗଷ୍ଟ ୨୦ ତାରିଖରେ ବିଦ୍ୟାଳୟ ପରିଦର୍ଶନ ସମୟରେ ମଧ୍ୟ ମାଧ୍ୟାହ୍ନ ଭୋଜନର ମାନ ଓ ପ୍ରସ୍ତୁତିକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ତେବେ ପିଲାଙ୍କ ପୁଷ୍ଟି ଓ ଶିକ୍ଷାର ଅଧିକାର ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଏଭଳି ଅବ୍ୟବସ୍ଥା କାହିଁକି? ସାତ ମାସ ଧରି ଅର୍ଥ ମିଳିନଥିବା ଅଭିଯୋଗର ସତ୍ୟତା କ'ଣ?। ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ତମ ମାନର ଭୋଜନ ଯୋଗାଇବାରେ ଦାୟିତ୍ୱ କାହାର? ଏସବୁ ପ୍ରଶ୍ନର ଉତ୍ତର ସହ ଘଟଣାର ନିରପେକ୍ଷ ତଦନ୍ତ ଓ ଉଚିତ୍ ପଦକ୍ଷେପ ନେବାକୁ ଅଭିଭାବକ ଓ ଗାମବାସୀ ଦାବି କରିଛନ୍ତି।



ଆଦ୍ୟାଶା ADYASHA | ରାଜ୍ୟ
PRGI No. ORORI/25/A0506 | Daily Edition | Email : adyashgroup.com
BHUBANESWAR | Vol. 02 | Issue 12 | ଶନିବାର, ୦୭ ନଭେମ୍ବର ୨୦୨୬ | ପୃଷ୍ଠା ୧୧ | Rs. 7

ଆଜିର ପ୍ରମୁଖ

## ଅଜଣା ରୋଗରେ ୩ ବର୍ଷ ହେଲା ଛଟପଟ ହେଉଛନ୍ତି ମନୋଜ, ସହାୟତା ପାଇଁ ପ୍ରଶାସନକୁ ଗୁହାରୀ।



ସଇଁତଲା:୦୬/୧୧:(ଆଦ୍ୟସା): ରୋଗ ମଣିଷକୁ କେତେ ଅସହାୟ କରିଦିଏ, ତାହାର ଏକ ହୃଦୟ ବିଦାରକ ଉଦାହରଣ ପାଲଟିଛନ୍ତି ସଇଁତଲା ବ୍ଲକ କନ୍ଧକେଲଗାଁ ପଞ୍ଚାୟତ ଅନ୍ତର୍ଗତ ରୁଣୀମହୁଲ ଗ୍ରାମର ୩୦ ବର୍ଷୀୟ ଯୁବକ ମନୋଜ ମହାନନ୍ଦ। ଦୀର୍ଘ ୩ ବର୍ଷ ହେଲା ଏକ ଅଜଣା ରୋଗରେ ପୀଡ଼ିତ ହୋଇ ସେ ଅସହ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି। ଦିନକୁ ଦିନ ତାଙ୍କ ଶରୀର ଦୁର୍ବଳ ହେବା ସହ ଓଜନ ହ୍ରାସ ପାଉଛି, ହେଲେ ଚିକିତ୍ସା ପାଇଁ ଅର୍ଥ ଅଭାବ ତାଙ୍କ ପାଇଁ ବଡ଼ ବାଧକ ସାଜିଛି। ସୂଚନା ଅନୁସାରେ, ମନୋଜ ଗତ ତିନି ବର୍ଷ ହେଲା ଏହି ଅଜଣା ରୋଗରେ ପୀଡ଼ିତ। ପ୍ରଥମେ ସାମାନ୍ୟ ଦୁର୍ବଳତା ଓ ଓଜନ ହ୍ରାସରୁ ଆରମ୍ଭ ହୋଇଥିବା ଏହି ରୋଗ ଏବେ ଗମ୍ଭୀର ରୂପ ନେଇଛି। ସେ ସବୁବେଳେ ଛଟପଟ ହେଉଛନ୍ତି ଏବଂ ଶାରୀରିକ ଭାବେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡ଼ିଛନ୍ତି। ପରିବାର ଲୋକେ ତାଙ୍କୁ ସଇଁତଲା, ବଲାଙ୍ଗୀର ସମେତ ବିଭିନ୍ନ ସ୍ଥାନରେ ଡାକ୍ତର ଦେଖାଇଛନ୍ତି। ଡାକ୍ତରମାନେ ତାଙ୍କର ଏହି ସମସ୍ୟା ଡାଇବେଟିସ ସହ ଜଡ଼ିତ ହୋଇଥାଇପାରେ ବୋଲି ସନ୍ଦେହ କରୁଛନ୍ତି, ମାତ୍ର ସଠିକ ରୋଗ ନିର୍ଣ୍ଣୟ ହୋଇପାରିନାହିଁ। ଅଧିକ ପରୀକ୍ଷା ଓ ଉନ୍ନତ ଚିକିତ୍ସା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି, କିନ୍ତୁ ଅର୍ଥ ଅଭାବରୁ ପରିବାର ତାହା କରାଇପାରୁନାହାଁନ୍ତି। ମନୋଜଙ୍କ ପରିବାର କହିଲେ ସ୍ତ୍ରୀ ଓ ଦୁଇଟି ଛୋଟ ଛୁଆ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଦିନ ମଜୁରୀ କରି ପରିବାର ପୋଷଣ କରୁଥିଲେ। ହେଲେ ରୋଗ ଯୋଗୁଁ ଏବେ ସେ କୌଣସି କାମ କରିପାରୁନାହାନ୍ତି। ଗୋଟିଏ ପଟେ ନିଜ ଚିକିତ୍ସା ଖର୍ଚ୍ଚ, ଅନ୍ୟପଟେ ସ୍ତ୍ରୀ ଓ ଦୁଇ ଛୁଆଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କୁ ମାନସିକ ଭାବେ ଭାଙ୍ଗି ଦେଇଛି। ଯାହା ସଞ୍ଚୟ ଥିଲା, ଚିକିତ୍ସା ପଛରେ ସରିଗଲାଣି। ଏବେ ଧାର ଉଧାର କରି କୌଣସି ମତେ ପରିବାର ଚଳୁଛି।ସବୁଠୁ ଦୁଃଖର ବିଷୟ ହେଲା, ଏତେ ଦିନ ହେଲା ରୋଗରେ ପୀଡ଼ିତ ଥିଲେ ମଧ୍ୟ ସରକାରୀ ସ୍ତରରେ ତାଙ୍କୁ କୌଣସି ସହାୟତା ମିଳିନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିମ୍ବା ଅନ୍ୟ କୌଣସି ସରକାରୀ ସହାୟତା ତାଙ୍କ ପାଖରେ ପହଞ୍ଚିପାରିନାହିଁ। ଫଳରେ ଏହି ଗରିବ ପରିବାର ଆହୁରି ଅସହାୟ ହୋଇପଡ଼ିଛି।ଏହି ଖବର ପ୍ରଚାରିତ ହେବା ପରେ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ସାହୁ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ସେ ଜିଲ୍ଲା ପ୍ରଶାସନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ସଇଁତଲା ବ୍ଲକ ପ୍ରଶାସନକୁ ଅନୁରୋଧ କରିଛନ୍ତି ଯେ, ତୁରନ୍ତ ମନୋଜଙ୍କ ଘରକୁ ଏକ ମେଡିକାଲ ଟିମ୍ ପଠାଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ। ଆବଶ୍ୟକ ହେଲେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ କିମ୍ବା ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରି ଉନ୍ନତ ଚିକିତ୍ସା ଯୋଗାଇ ଦିଆଯାଉ। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ଅନ୍ୟ ସରକାରୀ ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରି ପରିବାରକୁ ବଞ୍ଚାଇବାକୁ ସେ ଦାବି କରିଛନ୍ତି।ମନୋଜଙ୍କ ସ୍ତ୍ରୀ କାନ୍ଦ କାନ୍ଦ ହୋଇ କହିଛନ୍ତି, "ଆମର କିଏ ନାହିଁ, ସ୍ୱାମୀ ହିଁ ସବୁ। ସେ ଭଲ ହୋଇଗଲେ ଆମ ପରିବାର ବଞ୍ଚିଯିବ। ସରକାର ଟିକେ ସାହାଯ୍ୟ କରନ୍ତୁ।ଜଣେ ୩୦ ବର୍ଷୀୟ ଯୁବକର ଜୀବନ ରୋଗ ସହ ସଂଘର୍ଷ କରୁଥିବା ବେଳେ ଦୁଇ ନିରୀହ ଛୋଟ ଛୁଆଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ତେଣୁ ପ୍ରଶାସନ ଏଥିପ୍ରତି ମାନବିକତା ଦୃଷ୍ଟିରୁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବାଦପଡିଲା କୁମ୍ଭାରିଆ ସ୍କୁଲ ଗୋଦାବରୀଶ ଯୋଜନାରେ ୪ ବିଦ୍ୟାଳୟ ସାମିଲ



ଭଣ୍ଡାରିପୋଖରୀ:(ଆଦ୍ୟାଶା):ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକରେ ଶିକ୍ଷାର ବିକାଶ ଓ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟରେ ଆରମ୍ଭ ହେବାକୁ ଯାଉଛି ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା' ଏହି ଯୋଜନାକୁ ନେଇ ସ୍ଥାନୀୟ ଶିକ୍ଷା ମହଲ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା ଜାଗିଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ କୁମ୍ଭାରିଆ ସ୍କୁଲ ବାଦ୍ ପଡ଼ିବା ଏବଂ ଏବେ ଅନ୍ୟ ୪ଟି ବିଦ୍ୟାଳୟକୁ ଏଥିରେ ସାମିଲ କରାଯିବା ନେଇ ସୂଚନା ମିଳିଛି।କୁମ୍ଭାରିଆ ସ୍କୁଲ୍ ବାଦ୍ ପଡ଼ିବା ଓ ରାଜନୈତିକ ଗୋଷ୍ଠୀ ବିବାଦ ଚର୍ଚ୍ଚା ସୂଚନା ମୁତାବକ, ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକର କୁମ୍ଭାରିଆ ଉଚ୍ଚ ବିଦ୍ୟାଳୟକୁ ଏଥିରେ ସର୍ବପ୍ରଥମେ ସାମିଲ କରାଯାଇଥିଲା। ଏପରିକି ଏହାର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଦିନ ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ହଠାତ୍ କ'ଣ ହେଲା କେଜାଣି, ରାଜନୈତିକ ଗୋଷ୍ଠୀ ବିବାଦ ଏବଂ ଅନ୍ତଃକନ୍ଦଳକୁ ନେଇ କୁମ୍ଭାରିଆ ବିଦ୍ୟାଳୟକୁ ଏହି ନୂତନ ଯୋଜନାରୁ ବାଦ ଦିଆଯାଇଥିବା ନେଇ ଅଞ୍ଚଳରେ ଜୋରଦାର ଚର୍ଚ୍ଚା ହେଉଛି।ଏବେ ସାମିଲ ହେଲା ୪ଟି ପ୍ରମୁଖ ବିଦ୍ୟାଳୟ ପୂର୍ବର ବିବାଦ ଏବଂ ପରିବର୍ତ୍ତିତ ପରିସ୍ଥିତିକୁ ଏଡ଼ାଇ ବ୍ଲକରେ ଶିକ୍ଷାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏବେ ବ୍ଲକର ଅନ୍ୟ ଚାରୋଟି ଜଣାଶୁଣା ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ସମେତ ପାଟ୍ଟୁଳୀ, ବୟାବନାପୁର ଏବଂ ମଣୀନାଥପୁର ବିଦ୍ୟାଳୟକୁ ଏହି ଆଦର୍ଶ ଯୋଜନା ପାଇଁ ଚୟନ କରାଯାଇଛି। ଆଜି ଆଭାସୀ ମାଧ୍ୟମରେ ଭୂମିପୂଜନ ଓ ଆଧୁନିକୀକରଣ କାମ ଉପରୋକ୍ତ ଚାରୋଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ବିଜ୍ଞାନାଗାର, ପାଠାଗାର, ପାନୀୟ ଜଳ ଏବଂ ଉନ୍ନତ ଶୌଚାଳୟ ଭଳି ଆଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିବା ବେଳେ ଆଜି ଶୁକ୍ରବାର ଦିନ ଆଭାସୀ (Virtual) ମାଧ୍ୟମରେ ଏହାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଘରପାଖରେ ଉନ୍ନତମାନର ଶିକ୍ଷା ସୁବିଧା ପାଇପାରିବେ ବୋଲି ଆଶା କରାଯାଉଛି।

## ହିନ୍ଦୋଳ ମହାବିଦ୍ୟାଳୟ ରେ ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ



ଖଜୁରିଆକଟା:(ଆଦ୍ୟାଶା - ମାନସ ମାଝୀ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭବ୍ୟ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଶୁଭସ୍ମିତା ବେହେରାଙ୍କ ଅଧ୍ୟକ୍ଷତା ଓ ପୌରହିତ୍ୟରେ ଗୁରୁବାର (୫ ତାରିଖ) ଦିନ କଲେଜ ପରିସରରେ ଏହି ଆକର୍ଷଣୀୟ ବନ୍ଧୁମିଳନ ସମାରୋହ ଶ୍ରଦ୍ଧା ଓ ଉତ୍ସାହର ସହିତ ସମ୍ପନ୍ନ ହୋଇଅଛି।ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ପ୍ରଦୀପ ପ୍ରଜ୍ୱଳନ ଉତ୍ସବର ପ୍ରାରମ୍ଭରେ ସଂସ୍କୃତ ବିଭାଗର ଦ୍ୱିତୀୟ ଓ ଶେଷ ବର୍ଷର ବରିଷ୍ଠ ଛାତ୍ରଛାତ୍ରୀମାନେ ନବାଗତ ସାନ ଭାଇ ଓ ଭଉଣୀମାନଙ୍କୁ ଚନ୍ଦନ ତିଳକ ଲଗାଇବା ସହ ପୁଷ୍ପଗୁଚ୍ଛ ଦେଇ ଆଦରର ସହ ମହାବିଦ୍ୟାଳୟ ପରିବାରକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ ସଂସ୍କୃତ ଭାଷାର ପ୍ରାଚୀନତା, ଏହାର ବିଜ୍ଞାନସମ୍ମତ ଗୁରୁତ୍ୱ ଏବଂ ବର୍ତ୍ତମାନର ଯୁଗରେ ସଂସ୍କୃତ ପଠନର ପ୍ରାସଙ୍ଗିକତା ଓ ଆବଶ୍ୟକତା ସମ୍ପର୍କରେ ସୁନ୍ଦର ଭାବେ ଆଲୋକପାତ କରିଥିଲେ। ମାନ୍ୟଗଣ୍ୟ ଅତିଥିଙ୍କ ଅଭିଭାଷଣ ଓ ପରାମର୍ଶ ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଏବଂ କଲେଜ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଶିକ୍ଷା ଓ ସଂସ୍କାର ଆପଣେଇବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାର୍ଥୀମାନେ ନିଜର ଅଧ୍ୟୟନ ଓ ନୈତିକ ମୂଲ୍ୟବୋଧ ପ୍ରତି ଅଧିକ ଧ୍ୟାନ ଦେଲେ ହିଁ ଆଗାମୀ ଦିନରେ ଏକ ସୁନ୍ଦର, ଶକ୍ତିଶାଳୀ ଓ ଶୃଙ୍ଖଳିତ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିବେ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଧନ୍ୟବାଦ ଅର୍ପଣ ଏହି ସ୍ୱାଗତ ଉତ୍ସବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂସ୍କୃତ ଶ୍ଳୋକ ଆବୃତ୍ତି ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷ ପ୍ରାନ୍ତରେ ସଂସ୍କୃତ ବିଭାଗର ଅଧ୍ୟାପକ ଲିଟୁ ସାମଲ ଉପସ୍ଥିତ ଅତିଥି, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତରସ୍ଥାପନ

ଜଗତସିଂହପୁର:(ଆଦ୍ୟାଶା):୬/୧୧/୨୦୨୬: ବାଲିକୁଦା ବ୍ଲକ ଅନ୍ତଗତ ନହରଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ତୃତୀୟ ପର୍ଯ୍ୟାୟରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟବକ୍ତା ଏବଂ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଏହି ଅଭିନବ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଏହାଦ୍ୱାରା ଗ୍ରାମାଞ୍ଚଳରେ ଶିକ୍ଷାର ମାନ ବୃଦ୍ଧି ହେବା ସହ ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷାର ସୁଯୋଗ ପାଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବିଦ୍ୟାଧର ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଏହି ଯୋଜନାର ସଫଳତା କାମନା କରିଥିଲେ। ଶିକ୍ଷକ ତପନ କୁମାର ନାୟକ ସଭା ପରିଚାଳନା କରିଥିବା ବେଳେ ପ୍ରାକ୍ତନ ଶିକ୍ଷକ ନୀଳମଣି ପାଣି ଶ୍ଳୋକ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ କରକମଳରେ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ବରାଳ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ ପୃଷ୍ଟି, ବିଇଓ ବିଶ୍ୱମ୍ବର ମଲ୍ଲିକ, ଶିକ୍ଷକ ପ୍ରଦୀପ୍ତ କୁମାର ରାଉତ, ଜୀବନ ପ୍ରସାଦ ସାହୁ, ସ୍ମିତାଞ୍ଜଳି ମହାନ୍ତି, କବିତା ବିଶ୍ୱାଳ, ନମିତା ଓଝା, ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ନହରଣାର ଶିକ୍ଷକ ସୁଶାନ୍ତ ଶତପଥୀ ଓ ବିଶ୍ୱଜିତ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ।




ଜିଲ୍ଲାରୁ ସିଧା ରିପୋର୍ଟ

# ମାଲକାନଗିରି ଜିଲ୍ଲାରେ ୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ମାଲକାନଗିରି: ୬/୧୧/୨୦୨୬:(ଆଦ୍ୟାଶା): ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ , ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଆଜି ମାଲକାନଗିରି ଜିଲ୍ଲାରେ ୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଭିତ୍ତିପ୍ରସ୍ତର ସ୍ଥାପନର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ମାଲକାନଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋରାଖୁଣ୍ଟା ହୋଇଥିବା ବେଳେ ବିଧାୟକ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ନରସିଂହ ମାଡ଼କାମି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଦାଶରଥି ସରାବୁ, ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଚିତ୍ତରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ପଡ଼ିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଉଣ୍ଡୁରକୋଣ୍ଡା ଠାରେ ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ, ମାଲକାନଗିରି, ସଭ୍ୟ, ଜିଲ୍ଲା ପରିଷଦ, ପଡ଼ିଆ, ବ୍ଲକ ଅଧ୍ୟକ୍ଷ, ପଡ଼ିଆ, ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଓ ରମେଶ ବରୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ, କାଲିମେଳା ଯୋଗ ଦେଇଥିଲା ବେଳେ ମାଲକାନଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିମିଳିବାଞ୍ଚା ଠାରେ ସଭ୍ୟ, ଜିଲ୍ଲା ପରିଷଦ, ସମ୍ପୃକ୍ତ ଜୋନ୍, ସାଂସଦ ପ୍ରତିନିଧି, ବିଧାୟକ ପ୍ରତିନିଧି ଓ ସ୍ୱପ୍ନେଶ୍ୱର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ପଡ଼ିଆ ଅତିଥି ରୂପେ ଯୋଗ ଦେଇଥିଲେ। ଖଇରପୁଟ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଡ଼କାପଦର ଠାରେ ବିଧାୟକ ଙ୍କ ପ୍ରତିନିଧି , ଚିତ୍ରକୋଣ୍ଡା, ସଭ୍ୟ, ଜିଲ୍ଲା ପରିଷଦ, ଖଇରପୁଟ ଜୋନ୍, ବ୍ଲକ ଅଧ୍ୟକ୍ଷ, ଖଇରପୁଟ ବ୍ଲକ, ଭାଗିରଥି ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଓ ଦିଲ୍ଲୀପ କୁମାର ଗଣ୍ଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଖଇରପୁଟ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା ର ସମସ୍ତ କର୍ମଚାରୀ ଓ ବୈଷୟିକ ପରାମର୍ଶଦାତା ମାନେ ସହଯୋଗ କରିଥିବା ବେଳେ ମୁଖ୍ୟ ପରାମର୍ଶଦାତା ସରୋଜ କୁମାର ସାମନ୍ତରାୟ ପରିଚାଳନା କରିଥିଲେ ।




## ବର୍ଷିଆନ ରାଜନେତା ସ୍ୱର୍ଗତ ଲକ୍ଷ୍ମଣ ମଲିକଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ପାଳିତ



ଜଗତସିଂହପୁର:(ଆଦ୍ୟାଶା):ଜଗତସିଂହପୁର ମାଟିର ଗୌରବ, ବର୍ଷିଆନ୍ ରାଜନେତା, ପ୍ରଜାବନ୍ଧୁ ତଥା ନିଷ୍ଠାପର ଜନନେତା ସ୍ୱର୍ଗତ ଲକ୍ଷ୍ମଣ ମଲିକଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ତଥା ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଆଜି ଜଗତସିଂହପୁର ସହରସ୍ଥିତ ସାରଦା ମଣ୍ଡପ ପ୍ରାଙ୍ଗଣରେ ଅତ୍ୟନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ଲକ୍ଷ୍ମଣ ମଲିକ ସ୍ମୃତି କମିଟି' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବୁଦ୍ଧିଜୀବୀ, ସମାଜସେବୀ ଓ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ମଲିକଙ୍କ ଆଲେଖ୍ୟ ପ୍ରତିଛବିରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।ଜନସେବା ଓ ରାଜନୈତିକ ଜୀବନର ସ୍ମୃତିଚାରଣ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ଲକ୍ଷ୍ମଣ ମଲିକଙ୍କ ଉଜ୍ଜ୍ୱଳ ରାଜନୈତିକ ଜୀବନ, ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ପାଇଁ ତାଙ୍କର ତ୍ୟାଗ, ସମାଜ ସେବା ଏବଂ ଅଞ୍ଚଳର ବିକାଶ ଦିଗରେ ତାଙ୍କର ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସେ ସର୍ବଦା ଜନସାଧାରଣଙ୍କ ସୁଖଦୁଃଖର ସାଥୀ ହୋଇ ରହିଥିଲେ ଏବଂ ତାଙ୍କର ସରଳ ସ୍ୱଭାବ ଓ ନୀତିନିଷ୍ଠ ରାଜନୀତି ଆଜିର ଯୁବପିଢ଼ି ପାଇଁ ଦିଗଦର୍ଶନ ସଦୃଶ ବୋଲି ମତବ୍ୟକ୍ତ ହୋଇଥିଲା।ବିଶିଷ୍ଟ ଅତିଥିଙ୍କ ଯୋଗଦାନ ଓ ଅଭିଭାଷଣ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ 'ଦୈନିକ ସମ୍ବାଦ'ର ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ମଲିକଙ୍କ ଜୀବନୀ ଓ ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, "ଲକ୍ଷ୍ମଣ ବାବୁ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଜନସାଧାରଣଙ୍କର ଜଣେ ପ୍ରକୃତ ସେବକ। ତାଙ୍କ ଭଳି ମୂଲ୍ୟବୋଧଭିତ୍ତିକ ନେତାଙ୍କ ଆଦର୍ଶ ଆଜିର ସମାଜରେ ଆହୁରି ପ୍ରାସଙ୍ଗିକ ହୋଇପଡ଼ିଛି।"ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବରିଷ୍ଠ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ସମାଜସେବୀ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ନିଜର ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ରଖିଥିଲେ।ଆଦର୍ଶକୁ ଆପଣେଇବାକୁ ଆହ୍ୱାନ ସଭାରେ ଉପସ୍ଥିତ ସମସ୍ତ ଅତିଥି ଓ ବୁଦ୍ଧିଜୀବୀମାନେ ଏକ ସ୍ୱରରେ ମତପ୍ରକାଶ କରିଥିଲେ ଯେ, ସ୍ୱର୍ଗତ ଲକ୍ଷ୍ମଣ ମଲିକଙ୍କ ନୀତି, ଆଦର୍ଶ, ଶୃଙ୍ଖଳା ଏବଂ ଜନକଲ୍ୟାଣମୂଳକ ଚିନ୍ତାଧାରାକୁ ଆପଣେଇବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ତାଙ୍କର ସ୍ମୃତି ଓ ବାର୍ତ୍ତା ଜଗତସିଂହପୁର ମାଟିରେ ସର୍ବଦା ଅମ୍ଳାନ ଓ ସ୍ମରଣୀୟ ହୋଇ ରହିବ। 'ଲକ୍ଷ୍ମଣ ମଲିକ ସ୍ମୃତି କମିଟି'ର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା।

## ବରପାଲି ଯାଦବ ସମାଜ ପକ୍ଷରୁ ମୃତ ଅସହାୟ ମହିଳାଙ୍କ ଶବ ସତ୍କାର

ବରପାଲି : ୬/୧୧( ସୁଦାମ ଦୀପ):ବରଗଡ଼ ଜିଲ୍ଲା ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗତ ୦୪/୧୧/୨୦୨୬ ସନ୍ଧ୍ୟା ସମୟରେ ଏକ ଅପରିଚିତ ଅସହାୟ ବୃଦ୍ଧା ମହିଳାଙ୍କ ମୃତ୍ୟୁ ହୋଇଥିଲା। ମହିଳା ଜଣକ ଭିକ୍ଷାବୃତ୍ତି କରି ଡାକ୍ତରଖାନା ବାରଣ୍ଡା କିମ୍ବା ବିଭିନ୍ନ ଦୋକାନ ବାରଣ୍ଡାରେ ରହି ନିଜ ଜୀବନ ଯାପନ କରୁଥିଲେ। ଗତ ବୁଧବାର ସନ୍ଧ୍ୟାରେ ବରପାଲି ଡାକ୍ତରଖାନାରେ ତାଙ୍କର ଜୀବନ ଚାଲିଯାଇଥିଲା। ମୃତ୍ୟୁ ପରେ ଅଚିହ୍ନା ମହିଳାଙ୍କ ଶବ ଦୀର୍ଘ ସମୟ ପର୍ଯ୍ୟନ୍ତ ସେହିଠାରେ ପଡ଼ି ରହିଥିଲା। ଏହି ଖବର ପାଇ ବରପାଲି ଯାଦବ ସମାଜର କର୍ମକର୍ତ୍ତାମାନେ ତୁରନ୍ତ ହସ୍ପିଟାଲରେ ପହଞ୍ଚି ଅସହାୟ ଅଚିହ୍ନା ବୃଦ୍ଧା ମହିଳାଙ୍କ ଶବକୁ ନେଇ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରିଥିଲେ। ଉକ୍ତ ଶବ ସତ୍କାରରେ ବରପାଲି ଏନଏସି ଯାଦବ ସମାଜର ସଭାପତି ଖାଡିଆ ବଗର୍ତ୍ତୀ ମୁଖାଗ୍ନି ଦେଇଥିବା ବେଳେ ଦେବ ଭୋଇ, କିଶୋର ଗଡତିଆ, ଗୋପାଳ ଥପା, କୁନୁ ଜାଲ, ଚୂଡ଼ାମଣି ସାହୁ, କିରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଯାଦବ ସମାଜର ଏଭଳି ମାନବିକତାପୂର୍ଣ୍ଣ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।




ମାଟିର ଖବର

## କଟକର ପ୍ରତି ପଞ୍ଚାୟତରେ ଭାରତୀୟ କିସାନ ସଂଘର ସଦସ୍ୟତା ଅଭିଯାନ, ମହିଳା ପ୍ରମୁଖଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକଙ୍କ ସମ୍ବର୍ଦ୍ଧନା

କଟକ ବ୍ୟୁରୋ :ଭାରତୀୟ କିସାନ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ସଦସ୍ୟତା ଅଭିଯାନକୁ ଅଧିକ ସୁଦୃଢ଼ ଓ ବ୍ୟାପକ କରିବା ଲକ୍ଷ୍ୟରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ମୋହିନୀ ମୋହନ ମିଶ୍ର ଯୋଗଦେଇ ସଂଗଠନର ସଦସ୍ୟତା ବୃଦ୍ଧି, ସାଂଗଠନିକ ସୁଦୃଢ଼ୀକରଣ ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ୯ଟି ଜିଲ୍ଲାର ସଭାପତି, ସମ୍ପାଦକ ଓ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତାମତ ରଖିଥିଲେ। ଏହି ଅବସରରେ ସଂଗଠନର କାର୍ଯ୍ୟକଳାପ ଓ ସଦସ୍ୟତା ଅଭିଯାନରେ ମହିଳାଙ୍କ ସକ୍ରିୟ ଭୂମିକାକୁ ଗୁରୁତ୍ୱ ଦେଇ କଟକ ଜିଲ୍ଲା ମହିଳା ପ୍ରମୁଖଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ମୋହିନୀ ମୋହନ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ସଂଗଠନର ସଭାପତି ଶ୍ରୀ ଶ୍ରୀମୁଖ ପ୍ରଧାନ, ସାଧାରଣ ସମ୍ପାଦକ ଶ୍ରୀ ଜାନକୀ ବଲ୍ଲଭ ସ୍ୱାଇଁ, କେନ୍ଦ୍ରୀୟ ସଦସ୍ୟ ଶ୍ରୀ କେଦାର ମିଶ୍ର, ପ୍ରଭାରୀ ଶ୍ରୀ ମଣ୍ଡଳ ଜୀ, ଉପସଭାପତି ଶ୍ରୀ ଗୋପାଳ ନାୟକ, ସମ୍ପାଦକ ଶ୍ରୀ ସତ୍ୟ ନାୟକ, ସୀମାବର୍ତ୍ତୀ ଆୟାମ ପ୍ରମୁଖ ଶ୍ରୀ ମୟୂରେଶ ଦାଶ, ରାଜ୍ୟ ସମ୍ପାଦକ ଶ୍ରୀ ଦେବୀ ପ୍ରସାଦ ପତି ଏବଂ ଯୁବ ପ୍ରମୁଖ ଶ୍ରୀ ମୁକେଶ ଧଳଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କଟକ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀ ଅମର କୁମାର ରାଉତ, ସମ୍ପାଦକ ଶ୍ରୀ ଦୁଲାଲ ଭୋଇ, ଉପସଭାପତି ଶ୍ରୀ ଅନିଲ ଦାସ, ଶ୍ରୀ ସତ୍ୟନାରାୟଣ ମହାନ୍ତି, ଶ୍ରୀ ରଞ୍ଜନ ସେନାପତି, ଶ୍ରୀ ବିଶ୍ୱନାଥ ମହାପାତ୍ର, ଶ୍ରୀ ଅଶ୍ୱିନୀ ମହାପାତ୍ର, କୋଷାଧ୍ୟକ୍ଷ ଶ୍ରୀ ଯୁବରାଜ ପଣ୍ଡା ଓ ଶ୍ରୀ ପୀୟୁଷ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ କଟକ ଜିଲ୍ଲାର ସମସ୍ତ ବ୍ଲକ ଓ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଭାରତୀୟ କିସାନ ସଂଘର ସଦସ୍ୟତା ଅଭିଯାନକୁ ପହଞ୍ଚାଇବା ସହ ଅଧିକରୁ ଅଧିକ ଚାଷୀଙ୍କୁ ସଂଗଠନ ସହ ଯୋଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚାଷୀ ଭାଇ ଓ ଭଉଣୀମାନଙ୍କ ସହଯୋଗରେ ଜିଲ୍ଲାରେ ବ୍ୟାପକ ଭାବେ ସଦସ୍ୟ ସଂଗ୍ରହ କରିବାକୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଚାଷୀଙ୍କ ସମସ୍ୟା, ଅଧିକାର ଓ ସ୍ୱାର୍ଥ ସୁରକ୍ଷା ଦିଗରେ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସକ୍ରିୟ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ, କଟକ ଜିଲ୍ଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ଆଗାମୀ ଦିନରେ ଜିଲ୍ଲାସ୍ତରରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବା ସହ ଜିଲ୍ଲା କାର୍ଯ୍ୟାଳୟ ଘେରାଉ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଚାଷୀଙ୍କ ନ୍ୟାଯ୍ୟ ଦାବି ଓ ସମସ୍ୟାର ସମାଧାନ ପାଇଁ ସଂଗଠନ ଏକଜୁଟ ହୋଇ କାର୍ଯ୍ୟ କରିବ ବୋଲି କାର୍ଯ୍ୟକର୍ତ୍ତାମାନେ ମତ ପ୍ରକାଶ କରିଥିଲେ।



ଜନମତ

## ସ୍ଥାନୀୟ ନିଯୁକ୍ତି ଓ ପ୍ରଦୂଷଣ ପ୍ରସଙ୍ଗକୁ ନେଇ ସରଗରମ ରାଜନୀତି

ପାରାଦୀପ (ଆଦ୍ୟାଶା): ରାଜ୍ୟର ପ୍ରମୁଖ ଶିଳ୍ପ ଓ ବାଣିଜ୍ୟ ହବ୍ ତଥା ମହାନଦୀ ମୁହାଣରେ ଥିବା ପାରାଦୀପ ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକମାନଙ୍କ ନିଯୁକ୍ତି, ଶ୍ରମିକ ଅଧିକାର, କର୍ପୋରେଟ୍ ଦାୟିତ୍ୱବୋଧ (CSR) ଏବଂ ବ୍ୟାପକ ପ୍ରଦୂଷଣ ସମସ୍ୟାକୁ ନେଇ ରାଜନୈତିକ ବାତାବରଣ ଅତ୍ୟନ୍ତ ସରଗରମ ରହିଛି। ବିଭିନ୍ନ ଶିଳ୍ପ ସଂସ୍ଥା ଓ ପ୍ରକଳ୍ପଗୁଡ଼ିକରେ ମାଟିର ପୁଅମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ବିରୋଧୀ ଦଳର ନେତୃବୃନ୍ଦ ତଥା ଶ୍ରମିକ ସଂଗଠନଗୁଡ଼ିକ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଶିଳ୍ପରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ଅଣଦେଖା ପାରାଦୀପରେ ଥିବା ବିଶାଳ ତୈଳବୋଧକ କାରଖାନା ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ , ପାରାଦୀପ୍ ପୋର୍ଟ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଆଙ୍ଗିକ ଶିଳ୍ପଗୁଡ଼ିକରେ ସ୍ଥାନୀୟ ପ୍ରଭାବିତ ପରିବାର ଓ ଜଗତସିଂହପୁର ଜିଲ୍ଲାର ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାରେ କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ବାହାର ରାଜ୍ୟର କର୍ମଚାରୀ ଓ ଠିକାସଂସ୍ଥାଗୁଡ଼ିକ ପ୍ରାଧାନ୍ୟ ପାଉଥିବାରୁ ସ୍ଥାନୀୟ ବେକାର ଯୁବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଦୂଷଣ ଓ ସାମାଜିକ ବିକାଶର ଅଭାବ ଶିଳ୍ପାଞ୍ଚଳରୁ ବାହାରୁଥିବା ବିଷାକ୍ତ ଧୂଆଁ, ପାଉଁଶ ଏବଂ ରାସାୟନିକ ବର୍ଜ୍ୟବସ୍ତୁ ଯୋଗୁଁ ପାରାଦୀପ ଓ ଆଖପାଖ ପଞ୍ଚାୟତର ପରିବେଶ ଏବଂ ସମୁଦ୍ର ଜଳ ଦୂଷିତ ହେବାରେ ଲାଗିଛି। ମତ୍ସ୍ୟଜୀବୀମାନେ ସେମାନଙ୍କର ଜୀବିକା ହରାଉଥିବା ବେଳେ କମ୍ପାନୀଗୁଡ଼ିକର ସିଏସଆର୍ ପାଣ୍ଠି ସଠିକ୍ ଭାବେ ସ୍ଥାନୀୟ ବିକାଶ ଓ ସ୍ୱାସ୍ଥ୍ୟସେବାରେ ବିନିଯୋଗ ହେଉ ନାହିଁ ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି। ଆନ୍ଦୋଳନର ଚେତାବନୀ ଯଦି ଶିଳ୍ପ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ଶୀଘ୍ର ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ପାଇଁ କୌଣସି ସ୍ପଷ୍ଟ ନୀତିଗତ ପଦକ୍ଷେପ ଗ୍ରହଣ କରା ନଯାଏ, ତେବେ ଆଗାମୀ ଦିନରେ ପାରାଦୀପର ମୁଖ୍ୟ ଫାଟକ ସମ୍ମୁଖରେ ହଜାର ହଜାର ଯୁବକ ଓ ଶ୍ରମିକଙ୍କୁ ନେଇ ବ୍ୟାପକ ଗଣ ଆନ୍ଦୋଳନ ଏବଂ ଶିଳ୍ପ ଅଚଳ କରାଯିବ ବୋଲି ବିରୋଧୀ ଦଳ ପକ୍ଷରୁ ଦୃଢ଼ ଚେତାବନୀ ଦିଆଯାଇଛି।

## ଜିଲ୍ଲା ସ୍ତରୀୟ 'ମାଣ୍ଡିଆ ଦିବସ-୨୦୨୬' ପାଳିତ



ଜଗତସିଂହପୁର,:୬/୧୧/୨୬: ଆଜି ପୂର୍ବାହ୍ନ ରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ପୁରୋହିତପୁର, ଜଗତସିଂହପୁର ଠାରେ ଜିଲ୍ଲା ସ୍ତରୀୟ 'ମାଣ୍ଡିଆ ଦିବସ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ 'ଶ୍ରୀ ଅନ୍ନ ଅଭିଯାନ' ଯୋଜନା ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲାରେ ମାଣ୍ଡିଆ ତଥା ପୋଷଣଯୁକ୍ତ କ୍ଷୁଦ୍ର ଶସ୍ୟର ଉତ୍ପାଦନ ବୃଦ୍ଧି କରିବା, ଏହାର ସଠିକ୍ ବଜାରୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସାଧାରଣ ଲୋକଙ୍କ ଖାଦ୍ୟ ତାଲିକାରେ ଏହାର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏହି ଆଲୋଚନାଚକ୍ର ଓ ସମାରୋହରେ ଜଗତସିଂହପୁରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ବକ୍ତବ୍ୟରେ ମାଣ୍ଡିଆର ପୋଷକ ତତ୍ତ୍ୱ ଏବଂ ଆଧୁନିକ ଯୁଗରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ମନୋଜ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଚାଷୀମାନଙ୍କ ଆର୍ଥିକ ଉନ୍ନତିରେ ମାଣ୍ଡିଆ ଚାଷର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ବିଭୁଦତ୍ତ ସାହୁ ଏବଂ କୃଷି ବିଜ୍ଞାନ କେନ୍ଦ୍ରର (KVK) ବୈଜ୍ଞାନିକ ଡ. ପ୍ରଦୀପ୍ତ କୁମାର ମାଝୀଙ୍କ ସମେତ କୃଷି ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଚାଷୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଇଥିଲେ। ଏହି ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର ମାଣ୍ଡିଆ ଖାଦ୍ୟ ମହୋତ୍ସବ (ଫୁଡ୍ ଫେଷ୍ଟିଭାଲ୍) ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ର ସଦସ୍ୟାମାନେ ଅଂଶଗ୍ରହଣ କରି ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପାରମ୍ପରିକ ଓ ଆଧୁନିକ ସ୍ୱାଦିଷ୍ଟ ଖାଦ୍ୟ ତଥା ପାନୀୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ସାଧାରଣ ଜନତାଙ୍କ ପାଇଁ ଏଠାରେ ଅନେକ ମିଲେଟ୍ ପ୍ରଡକ୍ଟସ ଷ୍ଟଲ୍ ମଧ୍ୟ ଖୋଲାଯାଇଥିଲା, ଯେଉଁଠାରୁ ଲୋକମାନେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଆଗ୍ରହର ସହ କ୍ରୟ କରିଥିଲେ। ଏହି ସମାବେଶରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୫୦ ରୁ ଅଧିକ ସଫଳ ଚାଷୀ ଏବଂ ଏସଏଚଜି ମହିଳାମାନେ ଯୋଗ ଦେଇଥିଲେ। ମାଣ୍ଡିଆ ଉତ୍ପାଦନ, ସଫଳ ପ୍ରକ୍ରିୟାକରଣ (Processing) ଏବଂ ବଜାରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ତଥା ଆଦର୍ଶ ପ୍ରଦର୍ଶନ କରିଥିବାରୁ ଜିଲ୍ଲାର ୬ ଜଣ ପ୍ରଗତିଶୀଳ ଚାଷୀ ଏବଂ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୃଷି ବିଭାଗ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

## ଜନଗଣନା-୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମୟୂରଭଞ୍ଜରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ବାରିପଦା,ଆଦ୍ୟାଶା (୦୬/୧୧): ଜନଗଣନା-୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜନସଂଖ୍ୟା ଗଣନାକୁ ସୁଚାରୁ ଓ ସଠିକ୍ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ, ମୟୂରଭଞ୍ଜ ଦୁଃଖବନ୍ଧୁ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ହୋଇଛି । ଏଥିରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ, କରଞ୍ଜିଆ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ ଏବଂ ମୟୂରଭଞ୍ଜର ଉପଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରାଇ ଉପସ୍ଥିତ ଥିଲେ । ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ ଏବଂ ଜିଲ୍ଲା ଜନଗଣନା ଦାୟିତ୍ୱପ୍ରାପ୍ତ ଅଧିକାରୀ ତନ୍ମୟ ଗୁପ୍ତା ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣରେ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ, ଚାର୍ଜ କ୍ଲର୍କ ଏବଂ ବୈଷୟିକ ସହାୟକମାନେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜାନୁଆରୀ ୧୦ରୁ ୨୪ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ସ୍ୱୟଂ ଗଣନା ଏବଂ ଜାନୁଆରୀ ୨୫ରୁ ଫେବୃଆରୀ ୨୮, ୨୦୨୭ ପର୍ଯ୍ୟନ୍ତ ଘରକୁ ଘର ବୁଲି ଜନସଂଖ୍ୟା ଗଣନା କରାଯିବ । ଏହି ପର୍ଯ୍ୟାୟରେ ଜନଗଣନାକାରୀମାନେ ପ୍ରତ୍ୟେକ ପରିବାରକୁ ଯାଇ ନିର୍ଦ୍ଧାରିତ ପ୍ରଶ୍ନାବଳୀ ଅନୁଯାୟୀ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ । ଜନସଂଖ୍ୟା ଗଣନା ସମୟରେ ମୋଟ ଜନସଂଖ୍ୟା, ପରିବାରର ଗଠନ, ବୟସ, ଲିଙ୍ଗ, ଶିକ୍ଷା, ବୃତ୍ତି ସମେତ ବିଭିନ୍ନ ଜନସାଂଖ୍ୟିକ ଓ ସାମାଜିକ ତଥ୍ୟ ସମ୍ପର୍କରେ ମୋଟ ୪୦ଟି ପ୍ରଶ୍ନ ମାଧ୍ୟମରେ ସୂଚନା ସଂଗ୍ରହ କରାଯିବ । ଏହି ତଥ୍ୟ ଦେଶର ଜନସଂଖ୍ୟାଗତ ସ୍ଥିତିର ସଠିକ୍ ଆକଳନ ସହ ଯୋଜନା ପ୍ରସ୍ତୁତି, ସମ୍ବଳ ବଣ୍ଟନ ଏବଂ ଭବିଷ୍ୟତର ବିକାଶମୂଳକ ଆବଶ୍ୟକତା ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଆଧାର ହେବ ବୋଲି କୁହାଯାଉଛି । ମୟୂରଭଞ୍ଜ ରୁ ଶିବାନନ୍ଦ ଙ୍କ ରିପୋର୍ଟ



ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashgroup.com

BHUBANESWAR | Vol. 02 | Issue 12 | ଶନିବାର, ୦୭ ନଭେମ୍ବର ୨୦୨୬ | ପୃଷ୍ଠା ୧୨ Rs. 7

ଆଜିର ପ୍ରମୁଖ

## ଆରଏମସି ଗୃହ ନିର୍ମାଣକୁ ନେଇ ପ୍ରଶ୍ନ,ବିନା ସୂଚନା ଫଳକରେ ଚାଲିଛି କାର୍ଯ୍ୟ



ଭଦ୍ରକ :ଧାମନଗର ଆନନ୍ଦ ବଜାରରେ ବିନା ସୂଚନା ଫଳକରେ ଆରଏମସି ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଖର୍ଚ୍ଚ,କାର୍ଯ୍ୟର ଅବଧି ଓ ଅନ୍ୟାନ୍ୟ ବିବରଣୀ ସମ୍ପର୍କରେ ସାଧାରଣ ଲୋକେ ଅବଗତ ହୋଇ ପାରୁନାହାନ୍ତି। ଭଦ୍ରକ ଆରଡ଼ି ରାସ୍ତା କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରିବା ସହ ଆବଶ୍ୟକ ପଡ଼ିଲେ ଭିଜିଲାନ୍ସ ତଦନ୍ତ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବା ନେଇ ପ୍ରଶ୍ନ କାର୍ଯ୍ୟକୁ ତଦାରକ ପାଇଁ ଆସୁନାହାନ୍ତି ଅଧିକାରୀ ସରକାରଙ୍କ ପକ୍ଷରୁ ବ୍ୟବସାୟୀମାନଙ୍କ ପାଇଁ ଗୃହ ନିର୍ମାଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହି ଯୋଜନାରେ ପ୍ରକୃତରେ ଜୀବିକା ହରାଇଥିବା ସମସ୍ତ ବ୍ୟବସାୟୀ ଘର ପାଇବେ କି ନାହିଁ, ତାହାକୁ ନେଇ ଏବେ ଚିନ୍ତା ବଢ଼ିଛି। ସ୍ଥାନୀୟ ଅଂଚଳର ୩୬ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ନିଜର ଜୀବିକା ହରାଇଥିବା ବେଳେ ମାତ୍ର ୩୬ଟି ଗୃହ ନିର୍ମାଣ ହେଉଥିବା ଜଣାପଡ଼ିଛି। ଫଳରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ ଓ ଗୃହ ବଂଟନ ପ୍ରକ୍ରିୟାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗୃହ ନିର୍ମାଣକୁ ନେଇ ଏବେଠାରୁ ରାଜନୈତିକ ଚର୍ଚ୍ଚା ମଧ୍ୟ ଜୋର ଧରିବାରେ ଲାଗିଛି। ଜୀବିକା ହରାଇଥିବା ବ୍ୟବସାୟୀମାନେ ନ୍ୟାୟସଙ୍ଗତ ଭାବେ ଗୃହ ପାଇବେ କି ନାହିଁ,ତାହା ଏବେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି। ଏହି ପରିପ୍ରେକ୍ଷୀରେ ସବ୍‌କଲେକ୍ଟର ସୌରଭ ଚକ୍ରବର୍ତୀଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ସୂଚନା ଫଳକ ଖୁବଶୀଘ୍ର ଲଗାଯିବ ବୋଲି ସେ କହିଛନ୍ତି। ତେବେ ସରକାରଙ୍କ ଏହି ଉଦ୍ୟମ ସେତେବେଳେ ସଫଳ ହେବ, ଯେତେବେଳେ ପ୍ରକୃତ ଜୀବିକା ହରାଇଥିବା ପ୍ରତ୍ୟେକ ଯୋଗ୍ୟ ବ୍ୟବସାୟୀଙ୍କୁ ନ୍ୟାୟ ମିଳିବ। ଏଣୁ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା, ହିତାଧିକାରୀଙ୍କ ତାଲିକା ସାର୍ବଜନୀନ ଏବଂ ଗୃହ ବଣ୍ଟନରେ ପକ୍ଷପାତିତା ନହେବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଜିତପୁର ମହାନ୍ତି ଛକରୁ ପଶ୍ଚିମବଙ୍ଗ ମୁଣ୍ଡଳା ସୀମାକୁ ସଂଯୋଗ ରାସ୍ତା ଲୋକାର୍ପିତ



ଭୋଗରାଇ:୬/୧୧(ଆଦ୍ଯାଶା):ବାଲେଶ୍ୱର ଜିଲ୍ଲା ଭୋଗରାଇର ବାଜିତପୁର ସ୍ଥିତ ମହାନ୍ତି ଛକଠାରୁ ସୀମାନ୍ତ ପଶ୍ଚିମବଙ୍ଗର ମୁଣ୍ଡଳାକୁ ସଂଯୋଗ କରିବା ସକାସେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ନିର୍ମିତ ରାସ୍ତାକୁ ଲୋକାର୍ପିତ କରାଯାଇଛି। ଓଡ଼ିଶା ସୀମା ଭିତରକୁ ପଶ୍ଚିମବଙ୍ଗର ଅନଧିକାର ଅତିକ୍ରମଣକୁ ରୋକିବା ପାଇଁ ଏହିରାସ୍ତାର ଗୁରୁତ୍ୱ ରହିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ସିଏମଆରଏଲ ସ୍କିମରେ ୨୦୨୫ -୨୬ ବର୍ଷରେ ପ୍ରସ୍ତାବ ଦିଆଯାଇଥିବା ସୀମାନ୍ତବର୍ତୀ ରାସ୍ତାଗୁଡ଼ିକ ମଧ୍ୟରୁ ବାଜିତପୁର ପଞ୍ଚାୟତର ମହାନ୍ତି ଛକରୁ ମୁଣ୍ଡଳା ସୀମା ଯାଏ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ୭୪.୬୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୭୨୦ ମି. ଲମ୍ବ ଏହି ରାସ୍ତାଟି ସୀମା ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ବାଜିତପୁର ପଞ୍ଚାୟତବାସୀଙ୍କ ଅନୁରୋଧରେ ଏହାର ନିର୍ମାଣ ଲାଗି ଗତ ଆର୍ଥିକ ବର୍ଷରେ ବିଧାୟକଙ୍କ ମାଧ୍ୟମରେ ଗ୍ରାମ୍ଯ ଉନ୍ନୟନ ( ଆରଡି) ବିଭାଗକୁ ସୁପାରିଶ କରାଯାଇଥିଲା । କାର୍ଯ୍ୟ ସମାପନ ପରେ ଆଜି ଶୁକ୍ରବାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ବିଧାୟକ ଗୌତମବୁଦ୍ଧ ଦାସ ଏହି ନବନିର୍ମିତ ରାସ୍ତାର ପରିଦର୍ଶନ କରିବା ସହିତ ନଡ଼ିଆ ଫଟାଇ ଲୋକାର୍ପଣ ଲୋକାର୍ପଣ କରିଛନ୍ତି ।

## ସାମ୍ବାଦିକ ଦୀପ୍ତିରଞ୍ଜନଙ୍କ ପରଲୋକ



କଙ୍କଡ଼ାହାଡ଼:୬।୧୧:(ଆଦ୍ୟାଶା _ ପ୍ରକାଶ ଚନ୍ଦ୍ର ମହାନ୍ତ): କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କଙ୍କଡ଼ାହାଡ଼ ଗ୍ରାମର ଯୁବ ସାମ୍ବାଦିକ ଦୀପ୍ତିରଞ୍ଜନ ସାହୁ (୩୧)ଙ୍କ ଗୁରୁବାର କଟକସ୍ଥିତ ଡାକ୍ତରଖାନାରେ ପରଲୋକ ଘଟିଛି। ୩ ତାରିଖ ରାତିରେ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଶ୍ରୀ ଦୀପ୍ତି ରଞ୍ଜନ ସାହୁଙ୍କ ପରଲୋକ ଘଟିଛି। ସେ କଙ୍କଡ଼ାହାଡ଼ ବ୍ଲକରେ ଦୀର୍ଘ ବର୍ଷ ଧରି ସାମ୍ବାଦିକତା କରି ବେଶ ଜନପ୍ରିୟ ହୋଇଥିଲେ। ଶ୍ରୀ ସାହୁଙ୍କ ବିୟୋଗରେ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ପାଳ, ଉପସଭାପତି ଦୀପକ ସାହୁ, ଦୀପେଶ ପଣ୍ଡା, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଉପଦେଷ୍ଟା ଦିବ୍ୟସିଂହ ଦେହୁରୀ, ବୀରବର ସାହୁ, ଚଗଲା ଦେହୁରୀ, ସଦସ୍ୟ ରାଜୀବ ନାୟକ, ରିତେଶ ବ୍ରହ୍ମା, ଜିତେନ୍ଦ୍ର ପାଣି, ରଞ୍ଜିତ ସାହୁ, ଶଙ୍କର୍ଷଣ ନାଏକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପର ଦ୍ୱିତୀୟ ଦିବସରେ ଆଜି ଜିଲ୍ଲା ସଂସ୍କୃତି ଭବନଠାରେ ଲୋକନୃତ୍ୟ

ସୁବର୍ଣ୍ଣପୁର:(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତଥା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପ୍ରାଙ୍ଗଣରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପର ଦ୍ୱିତୀୟ ଦିବସ ସମାରୋହ ଅତ୍ୟନ୍ତ ଆଡ଼ମ୍ବର ଓ ଉତ୍ସାହଜନକ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସୋନପୁର ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ମନୋରଞ୍ଜନ ତଥା ସାଂସ୍କୃତିକ ଲୋକନୃତ୍ୟ ଏବଂ ଲୋକସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବୃହତ୍ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ ଜଣ ଉଦୀୟମାନ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ କରିଥିଲେ।"ନିଶାମୁକ୍ତ ଯୁବ, ବିକଶିତ ଭାରତ ପାଇଁ" ସଚେତନତା ବାର୍ତ୍ତା ଚଳିତ ବର୍ଷର ଏହି ସାଂସ୍କୃତିକ ପ୍ରତିଯୋଗିତାଗୁଡ଼ିକ ମୁଖ୍ୟତଃ "ନିଶାମୁକ୍ତ ଯୁବ, ବିକଶିତ ଭାରତ ପାଇଁ" ବିଷୟବସ୍ତୁ କୁ ଆଧାର କରି ଆୟୋଜିତ ହୋଇଥିଲା। ଯୁବସମାଜକୁ ନିଶାଦ୍ରବ୍ୟ ସେବନରୁ ଦୂରେଇ ରଖି ଦେଶ ଗଠନରେ ସେମାନଙ୍କର ଯୋଗଦାନକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରଛାତ୍ରୀ ଓ ଯୁବ କଳାକାରମାନେ ଏହି ଅନୁଭୂତି ଅତ୍ୟନ୍ତ ସ୍ମରଣୀୟ, ଜ୍ଞାନବର୍ଦ୍ଧକ ଓ ପ୍ରେରଣାଦାୟୀ ବୋଲି ପ୍ରକାଶ କରିଥିଲେ।ମାନ୍ୟଗଣ୍ୟ ଅତିଥିଙ୍କ ଯୋଗଦାନ ଓ ପୁରସ୍କାର ବିତରଣ ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋନପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଇଂ. ରଘୁନାଥ ଜଗଦଲା ଯୋଗଦେଇ ଜ୍ୟୋତି ପ୍ରଜ୍ୱଳନପୂର୍ବକ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ସୋନପୁର ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତାମସୀ ତମସ୍ୱିତା ନାୟକ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତାର ଫଳାଫଳ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ 'ସନ୍ତୁଷ୍ଟୁନି ଦଳ' ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, 'ମାହେଶ୍ୱରୀ କଳା ପରିଷଦ, ବିନିକା' ଦ୍ୱିତୀୟ ଏବଂ 'ରୁମକୁ ଝୁମା, ବିନିକା' ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ।ସେହିପରି ମନମୁଗ୍ଧକର ଲୋକସଙ୍ଗୀତ ପ୍ରତିଯୋଗିତାରେ 'ମାହେଶ୍ୱରୀ ଦଳ' ଶ୍ରେଷ୍ଠତା ପ୍ରଦର୍ଶନ କରି ପ୍ରଥମ, 'ସ୍ୱର୍ଣ୍ଣଲେଖା ଦଳ' ଦ୍ୱିତୀୟ ଏବଂ 'ବଜନିଆ ଦଳ' ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ବିଭାଗ ଓ ପ୍ରଶାସନିକ କର୍ମକର୍ତ୍ତାମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ।



ଜିଲ୍ଲାରୁ ସିଧା ରିପୋର୍ଟ

## 💐 ଆଲୋକର ମହାପର୍ବ ଦୀପାବଳି ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା 💐

ଆଲୋକର ମହାନ ପର୍ବ ଦୀପାବଳି ଅବସରରେ ମୋର ସମସ୍ତ ଭାଇଭଉଣୀ, ବନ୍ଧୁବର୍ଗ, ଶୁଭାକାଙ୍କ୍ଷୀ ଏବଂ ସମାଜର ପ୍ରତ୍ୟେକ ନାଗରିକଙ୍କୁ ମୋର ଭକ୍ତିପୂତ ହାର୍ଦ୍ଦିକ ଅଭିନନ୍ଦନ ଓ ଅନେକ ଶୁଭକାମନା ଜଣାଉଛି। ଏହି ଦୀପାବଳି କେବଳ ମାଟିର ଦୀପ ଜାଳିବାର ପର୍ବ ନୁହେଁ, ବରଂ ଏହା ଅନ୍ଧକାରକୁ ବିଦାୟ ଦେଇ ଆଲୋକର ଆଗମନ, ଅସତ୍ୟ ବିରୁଦ୍ଧରେ ସତ୍ୟର ବିଜୟ ଏବଂ ବୀରତ୍ୱର ମହାନ ଗାଥା ଗାନ କରିଥାଏ। ଏହା ସମାଜରେ ମାନବିକ ସମ୍ପର୍କର ଏକ ଦୃଢ଼ ମହାସେତୁ ସୃଷ୍ଟି କରେ।ଘରେ ଘରେ ଆନନ୍ଦର ବାତାବରଣ ଓ ଭାଇଚାରାର ବାର୍ତ୍ତା ଅନ୍ଧାରର ବୁକୁ ଚିରି ଆଲୋକର ଆଶାବାରୀ ଜାଳି ରଖେ ଭୁବନେ ଭୁବନେ। ଆଶାର ପ୍ରଦୀପ ଓ ଉଜ୍ଜ୍ୱଳ ଆଲୋକମାଳାରେ ଘରେ ଘରେ ଆନନ୍ଦର ବାତାବରଣ ସୃଷ୍ଟି ହୋଇଥାଏ। ପରସ୍ପର ପ୍ରତି ସ୍ନେହ, ପ୍ରେମ, ସଦଭାବନା, ଭାଇଚାରା ଓ ପରମ୍ପରାର ଏହି ମହାନ ପର୍ବ ଆମ ଜୀବନରେ ଅଫୁରନ୍ତ ଆନନ୍ଦ, ଉଲ୍ଲାସ ଓ ସକାରାତ୍ମକ ଶକ୍ତି ସଞ୍ଚାର କରିଥାଏ।ପରିବେଶ ଅନୁକୂଳ ଓ ଶବ୍ଦମୁକ୍ତ ଦୀପାବଳି ପାଳନର ଆହ୍ୱାନ ଆଜିର ଏହି ପବିତ୍ର ଅବସରରେ ଆସନ୍ତୁ, ଆମେ ପ୍ରକୃତି ଓ ପରିବେଶର ସୁରକ୍ଷାକୁ ସର୍ବାଗ୍ରେ ସ୍ଥାନ ଦେବା। ଅତ୍ୟଧିକ ଶବ୍ଦ ଓ ପ୍ରଦୂଷଣ ସୃଷ୍ଟିକାରୀ ବାଣ ବଦଳରେ ପାରମ୍ପରିକ ମାଟି ଦୀପ, ମହମବତୀ ଏବଂ ଶବ୍ଦହୀନ ଆଲୋକମାଳାରେ ନିଜର ବାସଭୂମି ତଥା ପରିବେଶକୁ ସୁସଜ୍ଜିତ କରିବା। ପରିବେଶକୁ ସୁରକ୍ଷା ଦେବା ସହିତ ପରସ୍ପରକୁ ମିଠା ଓ ପିଠା ବାଣ୍ଟି, ଶୁଭେଚ୍ଛା ଜଣାଇ ହସଖୁସିରେ ଏହି ପର୍ବ ପାଳନ କରନ୍ତୁ। କାରଣ, ପ୍ରକୃତରେ "ଖୁସି ବାଣ୍ଟିଲେ ଖୁସି ବହୁଗୁଣିତ ହୋଇଥାଏ।"ଜଗତଜନନୀଙ୍କ ଆଶୀର୍ବାଦ କାମନା ଏହି ପବିତ୍ର ଦୀପାବଳି ଆପଣମାନଙ୍କ ଜୀବନରୁ ସମସ୍ତ ଅନ୍ଧାର, ଦୁଃଖ ଓ ନିରାଶା ଦୂର କରି ସୁଖ, ଶାନ୍ତି, ସମୃଦ୍ଧି ଏବଂ ଅଫୁରନ୍ତ ହସଖୁସି ଆଣିଦେଉ। ଜଗତଜନନୀ ମା' ଲକ୍ଷ୍ମୀ ଏବଂ ମା' ଶ୍ୟାମାକାଳୀଙ୍କ ଅପାର କରୁଣା ଓ ଦିବ୍ୟ ଆଶୀର୍ଷାଦ ଆପଣ ଏବଂ ଆପଣଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ସର୍ବଦା ବର୍ଷି ହେଉ — ଏତିକି କାମନା।ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ସହ:ଡକ୍ଟର ରୀନାରାଣୀ ମହାନ୍ତି କଲ୍ୟାଣୀ ନଗର, କଟକ



## ଘନ କୁହୁଡି ରେ ଭୟଙ୍କର ବସ ଦୁର୍ଘଟଣା



ସୁବର୍ଣ୍ଣପୁର:୬।୧୧(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲାରେ ଘନ କୁହୁଡ଼ି ଯୋଗୁଁ ଘଟିଛି ସଡ଼କ ଦୁର୍ଘଟଣା। ୫୭ ନମ୍ବର ଜାତୀୟ ରାଜପଥର କୁଲିପାଲି ଛକ ନିକଟରେ ଧାନ କଟା ମେସିନ୍ ବୋଝେଇ ଏକ ଟ୍ରାକ୍ଟରକୁ ଯାତ୍ରୀବାହୀ ସରକାରୀ ବସ୍ ଧକ୍କା ଦେଇଛି। ଫଳରେ ବସ୍‌ଟି ରାସ୍ତା କଡ଼କୁ ଖସି ପଡ଼ିଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବସ୍‌ରେ ଥିବା ଯାତ୍ରୀ। ସୂଚନା ଅନୁସାରେ ଭୁବନେଶ୍ୱରରୁ ବଲାଙ୍ଗୀର ଅଭିମୁଖେ ଫେରୁଥିବା ଏକ ସରକାରୀ ବସ୍ ଘନ କୁହୁଡ଼ି ଯୋଗୁଁ ଭାରସାମ୍ୟ ହରାଇ ଧାନ କଟା ମେସିନ୍ ବୋଝେଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କିଛି ବସ୍ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଛି। ଅନ୍ୟପଟେ ଦୁର୍ଘଟଣାରେ ଟ୍ରାକ୍ଟର ଚାଳକଙ୍କ ସମେତ ନିକଟରେ ଯାଉଥିବା ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ହରଡ଼ଖୋଲ ବିଟ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଜାରି ରଖିଛି।

## ଶିକ୍ଷକ ଦାବୀରେ ସ୍କୁଲରେ ତାଲା ବାହାରେ ପିଲା

ସୁବର୍ଣ୍ଣପୁର:୬।୧୧(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ତେଲିପାଲି ୟୁପିଏସରେ ଆଜି ଦେଖିବାକୁ ମିଳିଛି ଏଭଳି ଘଟଣା ସ୍କୁଲ ଫାଟକରେ ତାଲା ପକାଇ ବାହାରେ ନାରାବାଜି କରୁଛନ୍ତି ପିଲା। କାହିଁକି ଏଭଳି ପରିସ୍ଥିତି? କ'ଣ ରହିଛି ଅଭିଭାବକଙ୍କ ଅଭିଯୋଗ? । ତେଲିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ୯୪ଜଣ ଛାତ୍ର ଛାତ୍ରୀ ରହିଛନ୍ତି । କିନ୍ତୁ ପିଲାଙ୍କୁ ପାଠପଢେଇବାକୁ ମାତ୍ର ଦୁଇଜଣ ଶିକ୍ଷକ ରହିଥିବାରୁ ପିଲାଙ୍କ ପାଠପଢା ବ୍ୟାହତ ହେଉଛି । ଏନେଇ ଅଭିଭାବକମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣେଇଥିଲେବି ଫଳ କିଛି ହେଉନାହିଁ । କେବଳ ଶିକ୍ଷକ ଅଭାବ ନୁହେଁ ଏହା ସହିତ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ନାହିଁ । ନାଁ ଆବଶ୍ୟକ ଶ୍ରେଣୀ କୋଠରୀ ରହିଛି ନାଁ ପାନୀୟ ଜଳ ବ୍ୟବସ୍ଥା । ଏଣୁ ଆଜି ବାଧ୍ୟହୋଇ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫଟକାରେ ତାଲାମାରି ଆନ୍ଦୋଳନ ଜାରି ରଖିଛନ୍ତି | ଅଭିଭାବକ ସହ ଛାତ୍ରଛାତ୍ରୀ ଧାରଣା ରେ ଥିବାବେଳେ ନିର୍ଭର ପ୍ରତିଶୃତି ନ ମିଳିବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ଅଭିଭାବକ ପକ୍ଷରୁ ସୂଚନା ମିଳିଛି |



ମାଟିର ଖବର

# ବାଲି ଚୋରି ବେଳେ ମାଡି ଆସିଲା ପାଣି

ସୁବର୍ଣ୍ଣପୁର:୬।୧୧(ସଂଗ୍ରାମ): ନଦୀ ମଝିରେ ଟ୍ରାକ୍ଟର ଛାଡ଼ି ଜୀବନ ବଞ୍ଚାଇ ପଳାଇଲେ ଡ୍ରାଇଭର ଓ ଶ୍ରମିକ ଖାରି ନଦୀରୁ ବେଆଇନ ଭାବେ ବାଲି ଉଠାଣ ବେଳେ ଏକ ବଡ଼ ଅଘଟଣ ଟଳିଯାଇଛି। ଖାରି ନିକଟସ୍ଥ ବ୍ରିଜ୍ ତଳେ ସୁକତେଲ ନଦୀରୁ ବାଲି ଚୋରି କରୁଥିବା ସମୟରେ ହଠାତ୍ ନଦୀରେ ବନ୍ୟା ପାଣି ମାଡ଼ି ଆସିଥିଲା। ଫଳରେ ନଦୀ ମଝିରେ ବାଲି ଟ୍ରାକ୍ଟର ଟ୍ରଲିକୁ ଛାଡ଼ି ଡ୍ରାଇଭର ଏବଂ ଶ୍ରମିକମାନେ ଜୀବନ ବିକଳରେ ଦୌଡ଼ି ପଳାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖାରି ବ୍ରିଜ୍ ତଳେ ଏକ ଟ୍ରାକ୍ଟର ଲଗାଇ ନଦୀ ଗର୍ଭରୁ ବେଆଇନ ଭାବେ ବାଲି ଉଠାଯାଉଥିଲା। ଏତିକି ବେଳେ ସୁକତେଲ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ସହ ପ୍ରବଳ ବେଗରେ ପାଣି ମାଡ଼ି ଆସିଥିଲା। ପାଣିର ସୁଅ ଏତେ ପ୍ରଖର ଥିଲା ଯେ, ଟ୍ରାକ୍ଟରକୁ ନଦୀରୁ ବାହାର କରିବା କାହାରି ପକ୍ଷେ ସମ୍ଭବ ହୋଇନଥିଲା। ନିଜ ଆଖି ଆଗରେ ବିପଦକୁ ଦେଖି ଡ୍ରାଇଭର ଓ ଶ୍ରମିକମାନେ ଟ୍ରାକ୍ଟରକୁ ସେହିଠାରେ ଛାଡ଼ି କୂଳକୁ ପଳାଇ ଆସିଥିଲେ। ସୌଭାଗ୍ୟବଶତଃ ଏହି ଅଘଟଣରେ ଡ୍ରାଇଭର ଓ ଶ୍ରମିକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଖୁଲମଖୁଲା ଚାଲିଥିବା ବେଆଇନ ବାଲି ଚୋରିର ପୋଲ୍ ଖୋଲି ଦେଇଛି। ପ୍ରଶାସନର ବିନା ଭୟରେ ବାଲି ମାଫିଆମାନେ କିପରି ସକ୍ରିୟ ଅଛନ୍ତି, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଏବେ ନଦୀ ମଝିରେ ଟ୍ରାକ୍ଟରଟି ଫସି ରହିଥିବା ବେଳେ, ପ୍ରଶାସନ ଏହି ବେଆଇନ କାରବାର ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।





ଜନମତ

### ଜାତିଭେଦ ଓ ଉଚ୍ଚନୀଚ ଭାବନାରୁ ଉର୍ଦ୍ଧ୍ୱରେ ରହି ଏକାଠି ନବାନ୍ନ ଗ୍ରହଣ ।

ସୁବର୍ଣ୍ଣପୁର:(ଆଦ୍ୟାଶା - କିଶୋର ହୋତା):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ସାମାଜିକ ଏକତା, ପାରମ୍ପରିକ ଭାଇଚାରା ଏବଂ ସମରସତାର ଭାବନାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଦ୍ୟ ଖମାରୀ ପରିବାର ଆନୁକୂଲ୍ୟରେ ଏକ ଭବ୍ୟ ସାମୂହିକ ନୂଆଁଖାଇ ପର୍ବ ଅତ୍ୟନ୍ତ ଉତ୍ସାହ ଓ ଉଲ୍ଲାସର ସହିତ ଆୟୋଜିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ରଙ୍ଗାରଙ୍ଗ ପରିସରରେ ଅନୁଷ୍ଠିତ ଏହି ସାମୂହିକ ପାରିବାରିକ ଉତ୍ସବ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।ଦୀପ ପ୍ରଜ୍ୱଳନ ଓ ମାନ୍ୟଗଣ୍ୟ ଅତିଥିଙ୍କ ଯୋଗଦାନ

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପଙ୍କଜ ଖମାରୀ ଓ ଅଧ୍ୟକ୍ଷ ଯୁଧିଷ୍ଠିର ଖମାରୀଙ୍କ ସୁଚାରୁ ନେତୃତ୍ୱ ଏବଂ ପରିଚାଳନାରେ ମୁଖ୍ୟ ଅତିଥି ଓ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମିଳିତ ଭାବେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ପବିତ୍ର ଅବସରରେ ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ, ସୋନପୁର ଜିଲ୍ଲା ପ୍ରଚାର ପ୍ରମୁଖ ରଶ୍ମିରଞ୍ଜନ ଦାସ, ସଦ୍‌ଭାବନା ପ୍ରମୁଖ ସନ୍ତୋଷ ରଥ, ସମରସତା ପ୍ରମୁଖ ସନ୍ତୋଷ ମହାପାତ୍ର, ସୋନପୁର ଜିଲ୍ଲା ସହ ସଂଘଚାଳକ ଜୟଦ୍ରଥ ଜଗଦଲା, 'ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର'ର ପ୍ରତିଷ୍ଠାତା ମୀନା ମହାରଣା ଏବଂ ଇଂରାଜୀ ଅଧ୍ୟାପକ ନବୀନ ଦାସଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଗ୍ରାମବାସୀ ଯୋଗଦେଇ ନୂଆଁଖାଇର ମାର୍ଗ ଏବଂ ସାମାଜିକ ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭକ୍ତି ସଂଗୀତ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ପରମ୍ପରାକୁ ଆଖିଆଗରେ ରଖି ଏହି ଉତ୍ସବରେ ଏକ ମନୋମୁଗ୍ଧକର ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଛାତ୍ରୀମାନେ ଏବଂ ପରିବାରର ଝିଅମାନେ ମିଳିତ ଭାବେ ମନୋଜ୍ଞ ଭକ୍ତି ସଂଗୀତ ଓ ପାରମ୍ପରିକ ଗୀତ ପରିବେଷଣ କରି ପରିବେଶକୁ ଅତି ଆଧାତ୍ମିକ ଓ ଉଲ୍ଲାସମୟ କରିଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ, କର୍ମଚାରୀ ଓ ସେବାବ୍ରତୀମାନେ ମଧ୍ୟ ଏହି ପାରିବାରିକ ନୂଆଁଖାଇ ଉତ୍ସବରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।ସାହଭୋଜ ଓ ସାମାଜିକ ସମରସତା ଶେଷରେ ପଶ୍ଚିମ ଓଡ଼ିଶାର ମହାନ ସଂସ୍କୃତିକୁ ପ୍ରତିଫଳିତ କରି ସମସ୍ତ ଅତିଥି, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ପରିବାରବର୍ଗ ଏକତ୍ର ଗୋଟିଏ ସ୍ଥାନରେ ବସି ପାରମ୍ପରିକ ସାହଭୋଜ (ପ୍ରୀତିଭୋଜନ)ରେ ଯୋଗଦେଇଥିଲେ। ଏହି ପ୍ରୀତିଭୋଜନ କାର୍ଯ୍ୟକ୍ରମ ସମାଜରେ ଜାତି, ଧର୍ମ ଓ ସବୁ ସୀମାକୁ ଭାଙ୍ଗି ପରସ୍ପର ମଧ୍ୟରେ ପ୍ରୀତି ଓ ଭାଇଚାରାର ବନ୍ଧନକୁ ଆହୁରି ମଜବୁତ୍ କରିଥିଲା। ପରିଶେଷରେ ସମସ୍ତଙ୍କ ସହଯୋଗରେ ଏହି ସଫଳ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା।

## ଓଲଟିଲା ଗୋରୁ ବୋଝେଇ ଗାଡି

ଭଣ୍ଡାରିପୋଖରୀ:(ଆଦ୍ୟାଶା):ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଚିଙ୍ଗିଡ଼ିପୁର କେନାଲ ଛକ ଠାରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି। ବେଆଇନ୍ ଭାବେ ଗୋରୁ ବୋଝେଇ କରି ନେଉଥିବା ଏକ ବଡ଼ ପିକଅପ୍ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିବାରୁ ଗାଡ଼ି ଭିତରେ କ୍ରୁରତାର ସହ ବାନ୍ଧି ନିଆଯାଉଥିବା ପ୍ରାୟ ୧୫ଟି ଗୋରୁ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଗୋ ଚୋରା ଚାଲାଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।ଭୋର ସମୟରେ ଦ୍ରୁତଗତି ଓ ଦୁର୍ଘଟଣା ପ୍ରାପ୍ତ ସୂଚନା ମୁତାବକ, ଆଜି ଭୋର ପ୍ରାତଃ ସମୟରେ ଏକ ପିକଅପ୍ ଭ୍ୟାନ୍ (OD-01 registration) ରେ ଅତ୍ୟନ୍ତ ଦୟନୀୟ ଏବଂ ଗାଦିଆ ଭାବେ ବହୁସଂଖ୍ୟାରେ ଗୋରୁ ବୋଝେଇ କରାଯାଇ ଯାଜପୁର ଆଡୁ ବାଲେଶ୍ୱର ଏବଂ ପଶ୍ଚିମବଙ୍ଗ ସୀମାନ୍ତ ଅଭିମୁଖେ ଦ୍ରୁତ ଗତିରେ ନିଆଯାଉଥିଲା। ତେବେ ୧୬ ନମ୍ବର ଜାତୀୟ ରାଜପଥ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଚିଙ୍ଗିଡ଼ିପୁର କେନାଲ ଛକ ନିକଟରେ ଗାଡ଼ିର ଚାଳକ ଜଣକ ଅତ୍ୟଧିକ ବେଗ ଯୋଗୁଁ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଏହା ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଗାଡ଼ି ଓଲଟିବା ଶବ୍ଦ ଏବଂ ଗୋରୁମାନଙ୍କର ବିକଳ ରଡ଼ି ଶୁଣି ଆଖପାଖର ସ୍ଥାନୀୟ ଲୋକେ ତତକ୍ଷଣାତ୍ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ।ସ୍ଥାନୀୟ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଓ ଗୋ ସେବା ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ଯୁବକ ଓ ଗ୍ରାମବାସୀମାନେ ପହଞ୍ଚି ଗାଡ଼ି ଭିତରେ ରକ୍ତାକ୍ତ ଅବସ୍ଥାରେ ଚାପି ହୋଇ ରହିଥିବା ଗାଡ଼ିର ଚାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏହା ସହିତ ଗାଡ଼ି ଭିତରେ ନିର୍ଦ୍ଦୟ ଭାବେ ବନ୍ଧା ହୋଇ ରହିଥିବା ୧୫ଟି ଗୁରୁତର ଆହତ ଗୋରୁଙ୍କୁ ମଧ୍ୟ ଦଉଡ଼ି କାଟି ସ୍ଥାନୀୟ ଲୋକଙ୍କ ସହଯୋଗରେ ଗାଡ଼ିରୁ ବାହାରକୁ ଆଣି ପ୍ରାଥମିକ ସେବା ତଥା ପାଣି ପିଆଇବାର ବ୍ୟବସ୍ଥା କରାଯାଇଥିଲା।ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ଘଟଣା ସମ୍ପର୍କରେ ଖବର ପାଇବାକ୍ଷଣି ଧାମନଗର ଓ ଭଣ୍ଡାରିପୋଖରୀ ଥାନା ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଗାଡ଼ିକୁ ଜବତ କରିବା ସହ ଆହତ ଡ୍ରାଇଭରକୁ ଅଟକ ରଖି ଥାନାକୁ ଆଣିଛି। ଆହତ ଗୋରୁମାନଙ୍କୁ ଚିକିତ୍ସା ପାଇଁ ପଶୁ ଚିକିତ୍ସକଙ୍କ ଦ୍ୱାରା ଦେଖାଶୁଣା କରାଯାଉଛି। ଏହି ବେଆଇନ୍ ଗୋରୁ ଚାଲାଣର ମୂଳ ଉତ୍ସ, ଆନ୍ତଃଜିଲ୍ଲା କାଟେଲି ରାକେଟ୍ ଏବଂ ଏଥିସହ ଜଡ଼ିତ ଅନ୍ୟାନ୍ୟ ମୁଖ୍ୟ ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଗାଡ଼ି କାଗଜପତ୍ର ଯାଞ୍ଚ ସହ ବ୍ୟାପକ ତଦନ୍ତ ଜାରି ରହିଛି।

## ବୀରମହାରାଜପୁର ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ୟୁଜିସି ଆଇନ ପ୍ରତ୍ୟାହର ଦାବିରେ ଶୋଭାଯାତ୍ରା ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ

ସୁବର୍ଣ୍ଣପୁର:୬/୧୧:ଆଦ୍ୟାଶା:ରିପୋର୍ଟ-କିଶୋର.ହୋତା):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ୟୁଜିସି ଆଇନ ପ୍ରତ୍ୟାହର ଦାବିରେ ବିରାଟ ଶୋଭାଯାତ୍ରା ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିଶାଳ ଶୋଭଯାତ୍ରାରେ ବାହାରି ବୀରମହାରାଜପୁର ମୁଖ୍ୟ ଛକ ଦେଇ ଉପ ଜିଲ୍ଲପାଳଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ପୃଥକ ପୃଥକ ଭାବେ ପ୍ରଧାମନ୍ତ୍ରୀଙ୍କର ଉଦ୍ଦେଶ୍ୟରେ ମଧ୍ୟ ଆଉ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ୟୁଜିସି ଆଇନ ପ୍ରତ୍ୟାହର କରିବା ମୁଖ୍ୟ ଦାବି ରହିଥିଲା । ବୀରମହାରାଜପୁର ବ୍ଲକ ବ୍ରାହ୍ମଣ ଏକତା ମଞ୍ଚ ର ସଭାପତି ଅକ୍ଷୟ କୁମାର ମିଶ୍ର ଙ୍କ ନେତୃତ୍ୱ ରେ ଆୟୋଜିତ ପଦଯାତ୍ରାରେ ଏନ୍ ଏ ସି ସଭାପତି କିଶୋର ହୋତା, ସମ୍ପାଦକ,ନାରାୟଣ ରଥ କାର୍ଯକାରୀ ସଭାପତି ରାଧେଶ୍ୟାମ ପୁରୋହିତ , ସମ୍ପାଦକ ଦ୍ୱିତିକୃଷ୍ଣ ପଣ୍ଡା,ସଂଯୋଜକ ଯୁଗଳ କିଶୋର ମିଶ୍ର, କୋଷାଧ୍ୟକ୍ଷ ସୁର୍ଯ୍ୟ ନନ୍ଦ, ଦାମୋଦର ହୋତା,ମିଳିତ ସଂଗଠନ ର ସଂଯୋଜକ ଡକ୍ଟର ପ୍ରଫୁଲ୍ଲ କୁମାର ରଥ, ବିବଶ୍ୱତି ପଣ୍ଡା,ଦୟାନିଧି ହୋତା, କୃଷ୍ଣ ଚନ୍ଦ୍ର ପାଢ଼ୀ, ସତ୍ୟଞ୍ଜିବ ମିଶ୍ର, ବିଷ୍ଣୁ ଚରଣ ପଣ୍ଡା,ନାରାୟଣ ପ୍ରାସାଦ ମିଶ୍ର, ରାଜ ଗୋପାଳ ପାଣିଗ୍ରାହୀ ଦିଲ୍ଲୀପ ଚାନ୍ଦ, ବ୍ରଜ ଗୋପାଳ ମହାପାତ୍ର, ନିଳାମ୍ବର ପଣ୍ଡା,ପଣ୍ଡିତ ମେଡେନ୍ ବିଶି, ବିଶେଶ୍ୱର ପାଣଗ୍ରାହୀ, ପଦ୍ମ ଲୋଚନ ମିଶ୍ର, ସୁରେଶ ମିଶ୍ର,ଗୋବିନ୍ଦ ମିଶ୍ର, ବ୍ୟୋମକେଶ ପଣ୍ଡା, ନବାରୁଣ ଦେବଦତ୍ତ ଶତପଥି, ବିଜୟ ମହାପାତ୍ର, ଗୋବିନ୍ଦ ପାଣିଗ୍ରାହୀ, ଅଭିମନ୍ୟୁ ରଥଙ୍କ ସମେତ ୫ଶହ ରୁ ଉର୍ଦ୍ଧ୍ ବ୍ରାହ୍ମଣ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଦାବୀପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କୁ ପ୍ରଦାନ କରାଯାଇଥିଲା । ପରେ ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ସାମୁହିକ ପ୍ରସାଦ ସେବନ କରାଯାଇଥିଲା ।





Printed At:DASH BROTHERS,Rathagadha Sahi (old town),Po-Nayagarh,Odiasha-752070.Published at Plot No.1276,Kalinga Vihar,K24,Bhubaneswar,Khordha,751019,Owner & Publisher ,Er. Debabrata Behera
ପ୍ରକାଶକ ଓ ସଂସ୍ଥା:Adyasha Group of Companies
e-mail:adyashalive@gmail.com/adyashagroup.com.Mob:9776141794/7008523436

ସମ୍ପାଦକ - ଇଂ ଦେବବ୍ରତ ବେହେରା
Editor-Er.Debabrata Behera